بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସଂଖ୍ୟା 9

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ଫେବୃୟାରୀ 2019   28 ତବ୍ଲିଗ୍ 1398 ହି.ଶ   22 ଜମାଦିଲ୍ ସାନି 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلْ اِنْ كُنْتُمْ تُحِبُّوْنَ اللّٰهَ
فَاتَّبِعُوْنِيْ يُحْبِبْكُمُ اللّٰهُ
وَيَغْفِرْ لَكُمْ ذُنُوْبَكُمْ ؕ
وَاللّٰهُ غَفُوْرٌ رَّحِيْمٌ ۝
(آل عمران:32)

**ଅନୁବାଦ** - ତୁମେ କୁହ, ‘‘(ହେ ଲୋକମାନେ!) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର; ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ;’’ ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ (ଓ) ସଦା କରୁଣାମୟ

(ଆଲେ ଇମ୍ରାନ୍:୩୨)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ.କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱରଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି’ଉମ୍ରିହି ଓ୍ୱ ଅମ୍ରିହି ॥

**ଖୁଦାତାଲା ମୁତ୍ତକିଙ୍କର ନିଜେ ହିଁ ସୁରକ୍ଷାକର୍ତା ହୋଇଯାଆନ୍ତି । ଏବଂ ତାକୁ ଏପରି ସ୍ଥାନରୁ ବଂଚାଇଥାଏ**
**ଯାହା ସତ୍ୟ ବିରୋଧରେ ତାକୁ ବିବଶ କରିଥାଏ ।**
**ମନେରଖ ଯେତେବେଳେ ଅଲ୍ଲାଃତାଲାକୁ କେହି ଛାଡେ ତେବେ ଖୁଦା ତାକୁ ଛାଡିଦିଅନ୍ତି ।**
**ଯେତେବେଳେ ରେହ୍ମାନ୍ ଛାଡିଦେଲା ତେବେ ନିଶ୍ଚିତ ରୂପେ ସଇତାନ୍ ନିଜର ବନ୍ଧୁ ଯୋଡିଦେବ ।**

### ବର୍କାତେ ତକ୍ଓ୍ୱା (ତକ୍ଓ୍ୱାର ବର୍କତ୍)

ସର୍ବଦା ଦେଖିବା ଉଚିତ୍ କି ଆମେ ତକ୍ଓ୍ୱା ଓ ତାହାରତ୍ (ଧର୍ମପରାୟଣତା ଓ ପବିତ୍ରତା)ରେ କେତେ ମାତ୍ରାରେ ଉନ୍ନତି କରିଛେ । ଏହାର ମାପଦଣ୍ଡ ହେଉଛି କୁର୍ଆନ୍ । ଅଲ୍ଲାଃତାଲା ମୁତ୍ତକିଙ୍କ ଲକ୍ଷଣମାନଙ୍କ ମଧ୍ୟରୁ ଗୋଟିଏ ଲକ୍ଷଣ ଏହା ମଧ୍ୟ ରଖିଛନ୍ତି କି ଅଲ୍ଲାଃତାଲା ମୁତ୍ତକିଙ୍କୁ ସାଂସାରିକ ଘୃଣିତ (କାର୍ଯ୍ୟ)ରୁ ସ୍ୱାଧୀନ ପ୍ରଦାନ କରି ତା କାର୍ଯ୍ୟର ସ୍ୱୟଂ ତତ୍ୱାବଧାରକ ହୋଇଯାଆନ୍ତି । ଯେଉଁଭଳି କହୁଛନ୍ତି:- *ଓ୍ୱ ମେଁ ଯତ୍ତକିଲାହା ଯଜଅଲ୍ଲହୁ ମୁଖରଜଉଁ ଓ୍ୱ ଯରଜୁକ୍ହୁ ମିନ୍ ହୈସୁ ଲା ଯହତସିବ୍ (ତଲାକ୍-୩,୪)* ଯେଉଁ ବ୍ୟକ୍ତି ଇଶ୍ୱରଙ୍କୁ ଭୟ କରିଥାଏ ଇଶ୍ୱର ପ୍ରତ୍ୟେକ ପ୍ରକାରର ବିପତିରୁ ତାକୁ ମୁକ୍ତି ପ୍ରଦାନ କରିଥାନ୍ତି ଏବଂ ତା ପାଇଁ ଏପରି ଜିବୀକାର ସାମାନ୍ ସୃଷ୍ଟି କରିଥାନ୍ତି ଯାହାକୁ ସେ କେବେ ଚିନ୍ତା କରୁନଥିବ । ଅର୍ଥାତ୍ ଏହା ମଧ୍ୟ ମୁତ୍ତକିର ଗୋଟିଏ ଲକ୍ଷଣ ଯେ ଅଲ୍ଲାଃତାଲା ମୁତ୍ତକିକୁ ଅଯୋଗ୍ୟ ଆବଶ୍ୟକତାର ଆଶ୍ରିତ କରେନାହିଁ । ଉଦାହରଣ ସ୍ୱରୂପ ଜଣେ ଦୋକାନୀ ଏହା ଭାବିଥାଏ କି ମିଛ କରିବା ବ୍ୟତୀତ ତାର ବେପାର ଚାଲିପାରିବ ନାହିଁ । ତେଣୁ ସେ ମିଛ କହିବାରୁ ନିବୃତ ହୁଏନାହିଁ । ମିଛ କହିବା ପାଇଁ ସେ ତା ବିବଶତାକୁ ପ୍ରକାଶ କରିଥାଏ କିନ୍ତୁ ଏକଥା କଦାପି ସତ୍ୟ ନୁହେଁ । ଖୁଦାତାଲା ମୁତ୍ତକିଙ୍କର ସ୍ୱୟଂ ସୁରକ୍ଷା କରିଥାନ୍ତି ଏବଂ ତାଙ୍କୁ ଏପରି ଅବସରରୁ ବଂଚାଇଥାଆନ୍ତି ଯାହା ସତ୍ୟ ବିରୋଧରେ ତାକୁ ବିବଶ କରୁଥିବ । ମନେରଖ ଯେବେ କିଏ ଅଲ୍ଲାଃତାଲାଙ୍କୁ ଛାଡେ ତେବେ ଖୁଦାତାକୁ ଛାଡିଦିଅନ୍ତି । ଯେତେବେଳେ ରହ୍ମାନ୍ (ଅଶେଷ ଦୟାବାନ୍ ଇଶ୍ୱର) ତାକୁ ଛାଡିଦିଏ ତେବେ ନିଶ୍ଚିତ ରୂପେ ସଇତାନ୍ ତାର ବନ୍ଧୁତ୍ୱକୁ ଯୋଡିଦେବ ।

ଏପରି ବିବେଚନା କରନାହିଁ କି ଅଲ୍ଲାଃତାଲା ହେଉଛନ୍ତି ଦୁର୍ବଳ । ସେ ବହୁତ ଶକ୍ତିଶାଳୀ । ଯେତେବେଳେ ତା ଉପରେ କୌଣସି କଥାରେ ଭରଷା କରିବ ସେ ନିଶ୍ଚିତ ରୂପେ ତୁମର ସାହାଯ୍ୟ କରିବ । *ଓ୍ୱ ମେଁ ଯତ୍ଓ୍ୱକ୍କଲ୍ ଅଲଲ୍ଲାହି ଫହୁଅ ହସ୍ବୁହୁ* (ତଲାକ:୪) କିନ୍ତୁ ଯେଉଁ ଲୋକମାନେ ପୂର୍ବରୁ ଏହି ଆୟତର ସମ୍ବୋଧନ ହୋଇଥିଲେ ସେମାନେ ଧାର୍ମିକ ଥିଲେ । ସେମାନଙ୍କର ସମସ୍ତ ଚିନ୍ତା କେବଳ ଧମକଥା ନିମନ୍ତେ ଥିଲା ଏବଂ ସାଂସାରିକ ସମସ୍ତ କଥା ଖୁଦାଙ୍କ ଉପରେ ନ୍ୟସ୍ତ ଥିଲା । ସେଇଥିପାଇଁ ଅଲ୍ଲାଃତାଲା ସେମାନଙ୍କୁ ଶାନ୍ତ୍ୱନା ଦେଲେ କି ମୁଁ ତୁମ ସହିତ ରହିଛି । ସୁତରାଂ ତକ୍ଓ୍ୱାର ୍ ବର୍କତ୍ ମଧ୍ୟରୁ ଗୋଟିଏ ହେଉଛି ଏହା କି ମୁତ୍ତକିଙ୍କୁ ସେହିସବୁ ବିପଦ ଆପଦରୁ ମୁକ୍ତି ପ୍ରଦାନ କରିବା ଯାହା ସବୁ ଧର୍ମ କାର୍ଯ୍ୟରେ ପ୍ରତିବନ୍ଧକ ସାଜୁଛି ।

### ମୁତ୍ତକିଙ୍କ ନିମନ୍ତେ ଆଧ୍ୟାତ୍ମିକ ରିଜ୍କ୍ (ଖାଦ୍ୟ)

ସେହିପରି ଅଲ୍ଲାଃତାଲା ମୁତ୍ତକିଙ୍କୁ ବିଶେଷ ରୂପେ ରିଜ୍କ୍ ଦେଇଥାଏ । ଏଠାରେ ମୁଁ (ଇଶ୍ୱରୀୟ) ଜ୍ଞାନର ରିଜ୍କ୍ ବିଷୟରେ ଚର୍ଚ୍ଚା କରିବି । ଆଁ ହଜ୍ରତ୍ ସ:ଆ:ସଙ୍କୁ ଜଣେ ନୀରକ୍ଷର ହେବା ସତ୍ୱେ ମଧ୍ୟ ସମଗ୍ର ପୃଥିବୀର ମୁକାବିଲା କରିବାର ଥିଲା । ସେଥିରେ ଅହ୍ଲେ କିତାବ୍ (ଯେଉଁ ଧର୍ମରେ ଇଶ୍ୱରଙ୍କ ପୁସ୍ତକ ଅବତୀର୍ଣ୍ଣ ହୋଇଛି), ଫିଲୋସଫର୍ ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ଜ୍ଞାନୀ ଗୁଣି ଲୋକେ ଏବଂ ଆଲିମ୍ ଫାଜିଲ୍ ସାମିଲ୍ ଥିଲେ । କିନ୍ତୁ ଆପଣ (ସ:ଆ:ସ)ଙ୍କୁ ଆଧ୍ୟାତ୍ମିକ ରିଜ୍କ୍ ଏତେ ମାତ୍ରାରେ ମିଳିଲା ଯେ ଆପଣ ସମସ୍ତଙ୍କ ଉପରେ ଦିବ୍ୟ ଲାଭ କଲେ ଏବଂ ସେ ସମସ୍ତଙ୍କର ଭୁଲ୍‌ଗୁଡିକୁ ବାହାର କଲେ ।

ଏହା ଥିଲା ଆଧ୍ୟାତ୍ମିକ ରିଜ୍କ୍ ଯାହାର ଦୃଷ୍ଟାନ୍ତ ମିଳେନାହିଁ । ମୁତ୍ତକିଙ୍କ ସମ୍ମାନରେ ଆଉ ଏକ ସ୍ଥାନରେ ମଧ୍ୟ ଆସୁଛି *ଇନ୍ ଅଉଲିୟାଉହୁ ଇଲ୍ଲଲ୍ ମୁତ୍ତକୁନ୍* (ଅନ୍ଫାଲ୍:୩୫) ଅଲ୍ଲାଃତାଲାଙ୍କ ଓ୍ୱଲି ହେଉଛି ସେ ଯିଏ ମୁତ୍ତକି ଅଟେ ଅର୍ଥାତ୍ ଅଲ୍ଲାଃତାଲାଙ୍କ ବନ୍ଧୁ । ତେଣୁ ଏହା କିଭଳି ପୁରସ୍କାର ଯେ ଅଳ୍ପ କିଛି ଦୁଃଖ କଷ୍ଟ ଦ୍ୱାରା ଖୁଦାଙ୍କ ନିକଟତମ ବୋଲାଇଥାଏ । ଆଜିକାଲିର ଯୁଗ କେତେ ହତୋତ୍ସାହିତ ଯଦି କୌଣସି ହାକିମ ବା ଅଫିସର୍ କାହାକୁ କହିଦିଏ ଯେ ତୁମେ ହେଉଛ ମୋ ବନ୍ଧୁ ବା ତାକୁ ଚଉକି ଦେଇଦିଏ ଓ ତାର ସମ୍ମାନ କରେ ତେବେ ସେ (ବ୍ୟକ୍ତିଜଣକ) ଅଭିମାନ କରିଥାଏ ଗର୍ବ ଅହଂକାର କରିଥାଏ କିନ୍ତୁ ସେ ବ୍ୟକ୍ତିର ପଦମର୍ଯ୍ୟାଦା କିଭଳି ଶ୍ରେଷ୍ଠତର ଯାହାଙ୍କୁ ଅଲ୍ଲାତାଲା ନିଜର ଓ୍ୱଲି ବା ବନ୍ଧୁ କହି ସମ୍ବୋଧନ କରିଥାଏ । ଅଲ୍ଲାଃତାଲା ହଜ୍ରତ୍ ରସୁଲେ ଅକ୍ରମ୍ ସ:ଆ:ସଙ୍କ ଶ୍ରୀମୁଖରୁ ଏ ପ୍ରତିଶୃତି ଦେଇଛନ୍ତି । ଯେପରିକି ଗୋଟିଏ ହଦିସ୍ ବୁଖାରୀରେ ଆସିଛି *ଲା ଯଜାଲୁ ଯତକରରବୁ ଅବ୍ଦି ବିନ୍ ନଓ୍ୱାଫିଲି ହତ୍ତା ଉହିବ୍ବହୁ ଫଇଜା ଅହବବ୍ ତୁହୁ କୁନ୍ତୁ ସମ୍ଅହୁଲ୍ ଲଜି ଯସ୍ମଉ ବିହି ଓ୍ୱ ବସରହୁଲ୍ ଲଜି ଯୁବ୍ସିରୁବିହି ଓ୍ୱ ଯଦହୁଲ୍ଲତି ଯବ୍ତିଶୁ ବିହା ଓ୍ୱ ରିଜ୍ଲହୁଲ ଲତି ଯମ୍ଶି ବିହା ଓ୍ୱଲଇନ୍ ସାଲନି ଲଆଟେିତୁହୁ ଓ୍ୱଲଇନ୍ ଇସ୍ତଆଜନି ଲଉଇଜନ୍ନହୁ* (ସହି ବୁଖାରୀ) ଅର୍ଥାତ୍ ଅଲ୍ଲାଃତାଲା କହୁଛନ୍ତି କି ମୋ ଓ୍ୱଲି (ବନ୍ଧୁ) ଏହିପରି ମୋ ସହିତ ନଓ୍ୱାଫିଲ୍ ମାଧ୍ୟମରେ ନିକଟତର ହୋଇଥାଏ ।

### ଫରାଏଜ୍ ଅଓର୍ ନଓ୍ୱାଫିଲ୍ (ଧାର୍ଯ୍ୟ ହୋଇଥିବା ପୁଣ୍ୟ କର୍ତବ୍ୟ ଏବଂ ଇଛାଧିନ ବଳକା କର୍ତବ୍ୟ)

ମଣିଷ ଯେତେମାତ୍ରାରେ ପୁଣ୍ୟ କରିଥାଏ ତାହା ହେଉଛି ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି ଫରାଏଜ୍ ଓ ଅନ୍ୟଟି ହେଉଛି ନଓ୍ୱାଫିଲ୍ । ଫରାଏଜ୍ ଅର୍ଥାତ୍ ଯାହା ମନୁଷ୍ୟ ଉପରେ ଧାର୍ଯ୍ୟ କରାଯାଇଛି । ଯେପରି କରଜ ସୁଝିବା ବା ପୁଣ୍ୟର ମୁକାବିଲାରେ ପୁଣ୍ୟ କରିବା । ଏହି ଫରାଏଜ୍ ବ୍ୟତୀତ ପ୍ରତ୍ୟେକ ପୁଣ୍ୟ ସହିତ ନଓ୍ୱାଫିଲ୍ ରହିଥାଏ ଅର୍ଥାତ୍ ଏପରି ପୁଣ୍ୟ ଯାହା ତା ଧାର୍ଯ୍ୟ କର୍ତବ୍ୟଠାରୁ ବଳକା ଅଟେ । ଉଦାହରଣ ସ୍ୱରୂପ ଏହ୍ସାନ୍ (ଅନୁଗ୍ରହ)ର ମୁକାବିଲାରେ ଏହ୍ସାନ୍ ବ୍ୟତୀତ ଆହୁରି ଅଧିକା ଏହ୍ସାନ୍ କରିବା । ଏହା ହେଉଛି ନଓ୍ୱାଫିଲ୍ । ଏହା ଫରାଇଜ୍‌କୁ ସମ୍ପୂର୍ଣ୍ଣ କରିଥାଏ । ଏହି ହଦିସ୍‌ରେ ବର୍ଣ୍ଣନା ହୋଇଛି ଯେ ଅଲ୍ଲାଃତାଲାଙ୍କ ବନ୍ଧୁର ଧାର୍ମିକ ଧାର୍ଯ୍ୟ କର୍ତବ୍ୟ ନଓ୍ୱାଫିଲ୍ ଦ୍ୱାରା ସମ୍ପାଦନ ହୋଇଥାଏ । ଉଦାହରଣ ସ୍ୱରୂପ ଜକାତ୍ ବ୍ୟତୀତ ସେମାନେ ଆହୁରି ସଦ୍କାତ୍ ଦେଇଥାନ୍ତି । ଅଲ୍ଲାଃତାଲା ଏମାନଙ୍କର ଓ୍ୱଲି ହୋଇଯାଏ । ଅଲ୍ଲାଃତାଲା କହୁଛନ୍ତି କି ମୁଁ ସେମାନଙ୍କର ଏତେ ମାତ୍ରାରେ ବନ୍ଧୁ ହୋଇଯାଏ ଯେ ମୁଁ ତାଙ୍କର ହାତ, ଗୋଡ ଏପରିକି ମୁଖ ହୋଇଯାଏ ଯଦ୍ୱାରା ସେ କଥା କହିଥାନ୍ତି ।

### ପ୍ରତ୍ୟେକ କାର୍ଯ୍ୟ ଖୁଦାଙ୍କ ଇଛା ମୁତାବକ ହେଉ

କଥା ହେଉଛି ଏହା କି ଯେତେବେଳେ ମନୁଷ୍ୟ ନିଜ ଭାବନାର ଆବେଗରୁ ପବିତ୍ର ହୋଇଥାଏ ଓ ନିଜର ଅହଂଭାବକୁ ପରିତ୍ୟାଗ କରି ଇଶ୍ୱରଙ୍କ ଇଛାନୁସାରେ ପରିଚାଳିତ ହୁଏ ତାର କୌଣସି କାର୍ଯ୍ୟ ଅବୈଧ ହୋଇନଥାଏ ବରଂ ପ୍ରତ୍ୟେକ କାର୍ଯ୍ୟ ଖୁଦାଙ୍କ ଇଛା ମୁତାବକ ହୋଇଥାଏ । ଲୋକମାନେ ଯେଉଁଠାରେ ପରୀକ୍ଷାରେ ପଡନ୍ତି ସେଠାରେ ସର୍ବଦା ଏପରି ହୋଇଥାଏ କିସେହି କାର୍ଯ୍ୟ ଖୁଦାଙ୍କ ଇଛା ମୁତାବକ ହୋଇନଥାଏ । ଖୁଦାଙ୍କ ଇଛା ତା’ର ଖିଲାଫ୍ ହୋଇଥାଏ । ଏପରି ବ୍ୟକ୍ତି ନିଜ ଭାବନାର ଅନ୍ତର୍ଗତ ପରିଚାଳିତ ହୋଇଥାଏ । ଉଦାହରଣ ସ୍ୱରୂପ ସେ କ୍ରୋଧରେ ଏପରି କାର୍ଯ୍ୟ କରିଥାଏ ଯଦ୍ୱାରା ମୋକଦ୍ଦମା ହୋଇଯାଏ । ଫୌଜଦାରୀ ହୋଇଯାଏ । କିନ୍ତୁ ଯଦି କେହି ଏ ମନସ୍ଥ କରେ କି ସେ ଅଲ୍ଲାଃଙ୍କ ପୁସ୍ତକର ରାୟ ନେବା ବିନା କୌଣସି କାର୍ଯ୍ୟ ନକରୁ ଏବଂ ନିଜର ପ୍ରତ୍ୟେକ କଥାକୁ ସେ ଅଲ୍ଲାଃଙ୍କ ପୁସ୍ତକ ଆଡକୁ ଫେରିଥାଏ ତେବେ ନିଶ୍ଚିତ କଥା ହେଉଛି ଏହା କି ଅଲ୍ଲାଃଙ୍କ ପୁସ୍ତକ ତାକୁ ପରାମର୍ଶ ଦେବ ଯେପରି (ଅଲ୍ଲାଃ) କହୁଛନ୍ତି *ଓ୍ୱଲା ରତବିଉଁ ଓ୍ୱଲା ୟାବିସିନ୍ ଇଲ୍ଲା ଫି କିତାବିମ୍ ମୁବିଇନ୍* (ଅନ୍ଆମ୍:୬୦) ସୁତରାଂ ଯଦି ଆମେ ଏ ମନସ୍ଥ କରିବା ଯେ ଆମେ କେବଳ ଅଲ୍ଲାଃଙ୍କ ପୁସ୍ତକରୁ ପରାମର୍ଶ ନେବା ତେବେ ଆମକୁ ନିଶ୍ଚିତ ରୂପେ ପରାମର୍ଶ ମିଳିବ କିନ୍ତୁ ଯିଏ ନିଜ ଭାବନାର ଅନ୍ତର୍ଗତ ରହିବ ସେ ନିଶ୍ଚିତ ରୂପେ କ୍ଷତିରେ ପଡିବ । ବେଳେବେଳେ ସେ ଏ ସ୍ଥାନରେ ଧରାପଡିବ । ସୁତରାଂ ତା ମୁକାବିଲାରେ ଅଲ୍ଲାଃତାଲା କହୁଛନ୍ତି କି ଓ୍ୱଲି ହେଉଛନ୍ତି ସେମାନେ ଯେଉଁମାନେ ମୋ ସହିତ ଚଲାବୁଲା ସମୟରେ କାମ କରୁଛନ୍ତି । ସେମାନେ ଯେପରି ତାଠାରେ ଲୀନ ହୋଇଯାଇଛନ୍ତି । ସୁତରାଂ ଯେତେମାତ୍ରାରେ କେହି ଲୀନ ହେବାରେ କମ୍ କରିଥାଏ ସେ ସେତେମାତ୍ରାରେ ଖୁଦାଙ୍କ ଠାରୁ ଦୂରରେ ଥାଏ । କିନ୍ତୁ ଯଦି ତା’ର ଲୀନ ହେବା ଏପରି ଯେପରି ଖୁଦା କହିଲେ ତେବେ ତା’ର ଇମାନ୍‌ର କଳନା ନାହିଁ । ତା ସମର୍ଥରେ ଅଲ୍ଲାଃତାଲା କହୁଛନ୍ତି - *ମନ୍ ଆଦା ଲି ଓ୍ୱଲିୟନ୍ ଫକଦ୍ ଆଜନ୍ତୁହୁ ବିଲ୍ହର୍ବେ* (ହଦିସ୍) ଯେଉଁ ବ୍ୟକ୍ତି ମୋ ଓ୍ୱଲିଙ୍କ ମୁକାବିଲା କରିଥାଏ ସେ ମୋ ସହିତ ମୁକାବିଲା କରିଥାଏ । ଏବେ ଦେଖିନିଅ ଯେ ମୁତ୍ତକିର ଶାନ୍ (ପଦମର୍ଯ୍ୟାଦା) କେତେ ଉଚ୍ଚରେ ଏବଂ ତା’ର ସମ୍ମାନ କିଭଳି ଉର୍ଦ୍ଧ୍ୱରେ ରହିଛି ଯାହାଙ୍କ ନିକଟତା ଖୁଦାଙ୍କ ନିକଟରେ ଏପରି ଯେ ତାଙ୍କୁ ହଇରାଣ ହରକତ କରାଯିବା ଅର୍ଥ ଖୁଦାଙ୍କୁ ହଇରାଣ ହରକତ୍ କରିବା । ତେଣୁ ଖୁଦା ତା’ର କିଭଳି ସାହାଯ୍ୟକାରୀ ହେବେ ।

(ମଲ୍ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୮-୧୦)


ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ୧୨୪ତମ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ରିପୋର୍ଟ୍ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୭ତମ ବର୍ଷ)

# ଜମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୪ ତମ ଜଲ୍‌ସସାଲାନାରେ ସଫଳ ଓ ବାବର୍‌କତ୍ (ବୈଭବପୂର୍ଣ୍ଣ) ଆୟୋଜନ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରେମ ଓ ଭକ୍ତିଭାବର ପଦମର୍ଯ୍ୟାଦାକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀକୃତ ହେବାର ପ୍ରମାଣ ଅଟେ ।

ଏହି ଶେଷ ଦିନ ଗୁଡିକୁ ମଧ୍ୟ ଦରୁଦ୍ (ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ସଲାମ୍ ପ୍ରେରଣ କରିବା)ରେ ଭରିଦିଅନ୍ତୁ ଏବଂ ନୂଆବର୍ଷର ସ୍ୱାଗତକୁ ମଧ୍ୟ ଦରୁଦ୍ ଓ ସଲାମ୍ ଦ୍ୱାରା ହିଁ କରନ୍ତୁ, ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବର୍‌କାତ୍ ଗୁଡିକୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ଅଛି ।

ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଜରିଆରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଜ୍ଞାନ ଓ ସାରଗର୍ଭକ ଉଦ୍‌ଜାପନୀ ଅଭିଭାଷଣ ।

*ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିସାରିଛି, ମୁଁ ଇସ୍‌ଲାମ୍‌ର ସମସ୍ତ ଭବିଷ୍ୟବାଣୀ ଗୁଡିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚାସେବକଙ୍କ ହାତରେ ପୁରଣ ହେଉଥିବାର ଦେଖୁଅଛି । ଏ ପୃଥିବୀରେ ଅନେକ ଲୋକେ ମେହ୍‌ଦୀୟତ୍‌ର ଦାବୀଦାର୍ ଆସିଛନ୍ତି ଏବଂ ସେମାନେ ନିଜର ତବ୍‌ଲିଗ୍ ପୃଥିବୀରେ ପ୍ରସାର କରିବା ପାଇଁ ଭବିଷ୍ୟବାଣୀ କରିଛନ୍ତି କିନ୍ତୁ ଜଣଙ୍କ ବ୍ୟତୀତ ଆଉ କାହାର କଥା ପୂରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହଶ୍‌ତି ମକ୍‌ବରାରେ ଦଫନ ହୋଇଛନ୍ତି । ତାଙ୍କ ଫଳକରେ ଏହା ଲେଖାଯାଇଛି କି ''ମଜାରେ ମୁବାରକ୍ ହଜ୍‌ରତ୍ ଅକ୍‌ସଦ୍ ମିର୍ଜା ଗୁଲାମ୍ ଅହମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ଇମାମ୍ ମେହ୍‌ଦୀ''

*ମୁଁ ଅହେମଦୀ ଲିଟ୍‌ରେଚର୍ ଗୁଡିକୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍ ସହିତ ଭେଟି ଏହି ଉପନୀତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଇସ୍‌ଲାମ୍ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନ୍ ଅପେକ୍ଷା ଅଧିକ ସତ୍ୟବାଦୀ ଓ ଉତମ ମୁସଲ୍‌ମାନ୍ ଅଟନ୍ତି ।

*ମୁଁ ଜାଣିନାହିଁ ଯେ କେତେ ଶତାବ୍ଦୀ ଆହୁରି ବିତିବାକୁ ଅଛି କିନ୍ତୁ ମୁଁ ଏକଥା ଜାଣିଛି ଯେ ଏ ପୃଥିବୀରେ ସବୁଠାରୁ ଉଚ୍ଚତମ ନାରା (ସ୍ଲୋଗାନ୍) କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜାରଣ ହେବ । ଇନ୍‌ଶାଅଲ୍ଲାଃ

### ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ନୌମୁବାଇନ୍ (ନୁଆ ଅହେମଦୀ)ଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତି

*ଜମାତ୍ ପ୍ରେମର ଯେଉଁ ବାର୍ତାକୁ ପୃଥିବୀରେ ପ୍ରଚାର ପ୍ରସାର କରୁଅଛି ତାହା ପ୍ରଶଂସାଯୋଗ୍ୟ, ମୁଁ ହଜୁର୍ ଅନୁଓ୍ୱର୍‌ଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣ ପ୍ରେମର ବାର୍ତାକୁ ଏ ପୃଥିବୀରେ ପ୍ରଚାର କରୁଛନ୍ତି । ଆପଣଙ୍କ ଜମାତ୍ ଓ ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷ ଭାଇଚାରାର ଶିକ୍ଷା ଦେଉଅଛନ୍ତି ଏବଂ ସମଗ୍ର ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି ।

*ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୁତି ଦେଖାଉଅଛି, ମୁସ୍‌ଲିମ୍ ସମାଜ ପ୍ରତ୍ୟେକ କଠିନ ପରିସ୍ଥିତିରେ ଆମ ସହିତ ଛିଡା ହୋଇଛି ଏବଂ ଏହି ଦୁଇଗୋଟି ଧର୍ମର ବିଶେଷତ୍ୱ ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରୁଛନ୍ତି ।

*ଏ ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜାରଣ ହେଉଥିବ, ମାନବଜାତିର ସେବା ହେଉଛି ସବୁଠାରୁ ମହାନକାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ କରୁଅଛି ।

*ବର୍ତମାନ ସମୟରେ ଯେଉଁଭଳି ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତା ଜମାତ୍ ତରଫରୁ ଦିଆଯାଉଅଛି ତାହା ପ୍ରଶଂସାଯୋଗ୍ୟ ।

### ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା କିଛି ରାଜନୈତିଜ୍ଞ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କ ମନୋଭାବ ବ୍ୟକ୍ତ

●୪୮ଟି ଦେଶର ପ୍ରତିନିଧିତ୍ୱ, ୧୮୮୬୪ଜଣ ସଦସ୍ୟ ଜଲ୍‌ସାରେ ସାମିଲ୍ ।

●ହଜୁର୍ ଅନୁଓ୍ୱର୍‌ଙ୍କ ଉଦ୍‌ଜାପନୀ ଅଭିଭାଷଣ ଅବସରରେ ଲଣ୍ଡନ୍‌ରେ ୫୩୪୫ଜଣ ଅହେମଦୀ ସାମିଲ୍ ହୋଇଥିଲେ ।

●ନମାଜ ତହ୍‌ଜୁଦ୍ -ଦର୍‌ସୁଲ୍ କୁର୍‌ଆନ୍ ଏବଂ ଜିକ୍‌ରେ ଇଲାହିରେ ପରିପୁର୍ଣ୍ଣ ପରିବେଶ ●ଓଲେମା କରାମ୍‌ଙ୍କ ସାରଗର୍ଭକ ଭାଷଣ -ଜଲ୍‌ସା ପେଶ୍‌ଓ୍ୱାୟାନେ ମଜାହିବ୍ ଅନୁଷ୍ଠିତ ●ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବବ୍ୟକ୍ତ ●ଦେଶୀ ଓ ବିଦେଶୀ ଭାଷାରେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକର ଅନୁବାଦ ●ଜମାତ୍‌ର ସଦସ୍ୟମାନଙ୍କ ଜ୍ଞାନ ବୃଦ୍ଧି କରିବା ପାଇଁ ତର୍‌ବିୟତି ବିଷୟ ଉପରେ ଆଧାରିତ ଡକ୍ୟୁମେଂଟାରୀ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀ ●୩୪ଟି ନିକାହ୍‌ର ଘୋଷଣା ●ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ ମିଡିଆରେ ଜଲ୍‌ସାର କଭରେଜ୍ ●ଶାନ୍ତିପୁର୍ଣ୍ଣ ଏବଂ ସୁନ୍ଦର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ●୧୯ ରୁ ୨୧ ଡିସେମ୍ବର୍ ଏମ୍.ଟି.ଏ ଇଂଟରନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ଆରବୀ ପ୍ରୋଗ୍ରାମ୍ *''ଇସ୍‌ମଉ ସଉତସ୍ ସମାଅ ଜାଅଲ୍ ମସିହ୍ ଜାଅଲ୍ ମସିହ୍''* ର ସିଧା ପ୍ରସାରଣ ●୩ରୁ୫ ଜାନୁଆରୀ The Messiah of the Age ବିଷୟବସ୍ତୁ ଉପରେ ଆଧାରିତ ଆଫ୍ରିକୀୟ ଦେଶଗୁଡିକ ନିମନ୍ତେ ସିଧାପ୍ରସାରଣ ।

ରିପୋର୍ଟ୍ ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ମୁନ୍‌ତଜିମ୍ ରିପୋର୍ଟିଂ)

**(ଚତୁର୍ଥ ଭାଗ)**

**ତୃତୀୟ ଦିନ ୩୦ ଡିସେମ୍ବର୍ ୨୦୧୮ (ରବିବାର) ତୃତୀୟ ଦିନର ପ୍ରଥମ ଇଜିଲାସ୍**

ତୃତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋହତରମ୍ ସୟଦ୍ ଖାଲିଦ୍ ଅହେମଦ୍ ଶାହ୍ ସାହେବ୍ ନାଜିରେ ଆଲା ସଦର୍ ଅଞ୍ଜୁମନ୍ ଅହେମଦୀୟା ରବ୍‌ଓ୍ୱାଙ୍କ ସଭାପତିତ୍ୱରେ ପବିତ୍ର କୋରାନ୍ ପାଠରୁ ହିଁ ଆରମ୍ଭ ହେଲା । ମୋକରମ୍ ମୁର୍‌ଶିଦ୍ ଅହେମଦ୍ ଡାର୍ ସାହେବ୍ ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷକ ସୁରଃ ହାମିନ୍ ସଜ୍‌ଦାଃର ଆୟତ ନଂ-୩୪ରୁ୩୭ ଆବୃତି କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ଅତାଉଲ୍ ମୁଜିବ୍ ଲୋନ୍ ସାହେବ୍ ନାଏବ୍ ନାଜିର୍ ନଶ୍‌ରୋ ଇଶାଅତ୍ କାଦିଆନ୍ ପେଶ୍ କଲେ ।

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପବିତ୍ର ମଞ୍ଜୁମ୍ କଲାମ୍-

*ଜିକ୍‌ରେ ଖୁଦା ପେ ଜୋର୍ ଦେ*
*ଜୁଲ୍‌ମତେ ଦିଲ୍ ମିଟାଏ ଜା*
*ଗୌହରେ ଶବ୍ ଚରାଗ୍ ବନ୍*
*ଦୁନିଆଁ ମେ ଜଗ୍‌ମଗାଏ ଜା*

ମୋକରମ୍ ନସ୍‌ରୁମ୍ ମିନଲ୍ଲାଃ ସାହେବ୍ ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷକ ବହୁତ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ ।

ପ୍ରଥମ ତକ୍‌ରିର୍ ''ସଦାକତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜରୁରତେ ଜମାନା ଅଓର୍ ତାଇଦାତେ ସମାଓ୍ୱିୟା କି ରୌସ୍‌ନି ମେଁ'' ଅର୍ଥାତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ଯୁଗର ଆବଶ୍ୟକତା ଏବଂ ଆକାଶିୟ ସହଯୋଗର ଆଲୋକରେ) ବିଷୟ ଉପରେ ଏ ଅଧମ ବକ୍ତବ୍ୟ ରଖିଲା ।

ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ''ତିସ୍‌ରି ଆଲମି ତବାହି ସେ ବଚ୍‌ନେ କେ ଲିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ କି ଦର୍ଦମନ୍ଦାନା ନସାହେ'' (ଅର୍ଥାତ୍ ତୃତୀୟ ବିଶ୍ୱ ବିଧ୍ୱଂସକାରୀ ଯୁଦ୍ଧରୁ ବଂଚିବା ପାଇଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଦର୍ଦଭରା ଉପଦେଶ) ବିଷୟ ଉପରେ ମୋହତରମ୍ ଶିରାଜ୍ ଅହେମଦ୍ ସାହେବ୍ ଏଡ଼ିଶିନାଲ୍ ନାଜ୍‌ରେ ଆଲା ଦକ୍ଷିଣ ଭାରତ କଲେ । ସେ ତାଙ୍କ ଭାଷଣ ପ୍ରାରମ୍ଭରେ ଏ ପୃଥିବୀରେ ମହଜୁଦ୍ ଥିବା ନ୍ୟୁକ୍ଲିୟର୍ ଅସ୍ତ୍ରଶସ୍ତ୍ରର ସଂଖ୍ୟାଗୁଡିକ ଗଣନା କରି କହିଲେ କି ବର୍ତମାନ ପୃଥିବୀରେ ୨୩ହଜାର୍ ନ୍ୟୁକ୍ଲିୟର୍ ଓ୍ୱିପନ୍ ମହଜୁଦ୍ ଅଛି । ଏହା ଏତେ ଶକ୍ତିଶାଳୀ ଯେ ଏ ପୃଥିବୀର ସମସ୍ତ ଅଧିବାସୀଙ୍କୁ ଅନେକଥର ଧ୍ୱଂସ କରିପାରିବ ।

ଏହି ୨୩ହଜାର୍ ନ୍ୟୁକ୍ଲିୟର୍ ଓ୍ୱିପନ୍ (ଅସ୍ତ୍ର) ମଧ୍ୟରୁ ୨୫୦୦ ହାଇ ଆଲର୍ଟ୍ ମଧ୍ୟରେ ରଖାଯାଇଛି ଅର୍ଥାତ୍ କିଛି କ୍ଷଣ ମଧ୍ୟରେ ହିଁ ସେଗୁଡିକ ଲଂଚ୍ କରାଯାଇପାରିବ ।

ବର୍ତମାନ ସମୟରେ ଗୋଟିଏ Submarine ରେ ଯେଉଁ ନ୍ୟୁକ୍ଲିୟର୍ ଓ୍ୱିପନ୍‌ର ଶକ୍ତି ରଖାଯାଇଛି ତାହା ହିରୋସୀମା ଉପରେ ପଡିଥିବା ବୋମାଠାରୁ ୩୦୦ ଗୁଣା ଅଧିକ ବିଧ୍ୱଂସକାରୀ ଶକ୍ତି ରଖିଛି ଏବଂ ଗୋଟିଏ ubmarine ରେ ଯେଉଁ ଶକ୍ତି ରହିଛି ତାହା ଚାରିକୋଟି ଲୋକଙ୍କୁ ଶେଷ କରିପାରିବ । ସେ ମହାଶୟ କହିଲେ କି ଆମେ ସମସ୍ତେ ହେଉଛେ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ମାନୁଥିବା ଲୋକେ ଯିଏ *ରହ୍‌ମତୁଲ୍ ଲିଲ୍ ଆଲମିନ୍* (ସାରା ବିଶ୍ୱପାଇଁ କରୁଣାମୟ) ଥିଲେ । ଜମାତ୍ ଅହେମଦୀୟାର ପଂଚମ ଖଲିଫା

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

''ଆଁ ହଜ୍‌ରତ୍ ସ:ଆ:ସ ନିଶ୍ଚିତ ରୂପେ ନିଜ ପ୍ରିୟଜନଙ୍କ ନାମକୁ ଜିବୀତ ରଖିବା ପାଇଁ ତାଙ୍କ ନିକଟ ସମ୍ପର୍କୀୟଙ୍କ ନାମକୁ ତାଙ୍କ ନାମ ସହିତ ଯୋଡି ଦେଉଥିବେ''

ଅଲ୍ଲାଃତାଲା ପ୍ରସନ୍ନତା ହାସଲ କରିବା ପାଇଁ ପ୍ରତିକ୍ଷଣ ବ୍ୟାକୁଳ ରହୁଥିବା ନିଷ୍ଠା ଓ ଭକ୍ତିଭାବରେ ପରିପୁର୍ଣ୍ଣ ବଦ୍‌ରି ସାହାବାଗଣ ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍, ହଜ୍‌ରତ୍ ସୁଲୈମ୍ ବିନ୍ ଉମ୍‌ରୋ ଅନ୍‌ସାରୀ, ହଜ୍‌ରତ୍ ସୁଲୈମ୍ ବିନ୍ ହାରିସ୍ ଅନ୍‌ସାରୀ, ହଜ୍‌ରତ୍ ସୁଲୈମ୍ ବିନ୍ ମିଲ୍‌ହାନ୍ ଅନ୍‌ସାରୀ, ହଜ୍‌ରତ୍ ସୁଲୈମ୍ ବିନ୍ କଏସ୍ ଅନ୍‌ସାରୀ, ହଜ୍‌ରତ୍ ସାବିତ୍ ବିନ୍ ସାଲବା, ହଜ୍‌ରତ୍ ସିମାକ୍ ବିନ୍ ସାଆଦ୍, ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରିୟାବ୍, ହଜ୍‌ରତ୍ ମୁନ୍‌ଜିର୍ ବିନ୍ ଉମ୍‌ରୋ ବିନ୍ ଖୁନୈସ୍, ହଜ୍‌ରତ୍ ମାଆବଦ୍ ବିନ୍ ଅବ୍‌ବାଦ୍, ହଜ୍‌ରତ୍ ଅଦି ବିନ୍ ଅବି ଜଗ୍‌ବାଆ ଅନ୍‌ସାରୀ, ହଜ୍‌ରତ୍ ରବିଇ ବିନ୍ ଇୟାସ୍, ହଜ୍‌ରତ୍ ଉମୈର୍ ବିନ୍ ଆମିର୍ ଅନ୍‌ସାରୀ, ହଜ୍‌ରତ୍ ଅବୁ ସିନାନ୍ ବିନ୍ ମିହ୍‌ସନ୍, ହଜ୍‌ରତ୍ କଏସ୍ ବିନ୍ ସକନ୍ ଅନ୍‌ସାରୀ ଏବଂ ଅବୁଲ୍ ୟସର୍ କାଆବ୍ ବିନ୍ ଉମ୍‌ରୋ ର:ଅଙ୍କ ପବିତ୍ର ଜୀବନଚରିତର ବିଶ୍ୱାସବର୍ଦ୍ଧକ ଓ ହୃଦୟସ୍ପର୍ଶୀ ବ୍ୟାଖାନ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୫ ଜାନୁଆରୀ ୨୦୧୯ ଅନୁୟାୟୀ ୨୫ ସୁଲାହ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ଯେଉଁ ବଦ୍‌ରି ସାହାବା ମାନଙ୍କର ମୁଁ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ପ୍ରଥମ ନାମ ହେଉଛି ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍ । ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍‌ଙ୍କ ସମ୍ବନ୍ଧ କୁରୈଶ୍ ସହିତ ଥିଲା ଏବଂ ତାଙ୍କ ମାଆଙ୍କ ନାମ ସୁଖୈଲା ବିନ୍‌ତ୍ ଖୁଜାଇ ଥିଲା । ମଦିନା ହିଜ୍‌ରତ୍ କରିବା ପରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍ ଏବଂ ହଜ୍‌ରତ୍ ମୁନ୍‌ଜିର୍ ବିନ୍ ମୁହମ୍ମଦ୍‌ଙ୍କ ସହିତ ବା ଅନ୍ୟ କିଛି ରିୱାୟତ୍ ମୁତାବକ ହଜ୍‌ରତ୍ ସୁଫିୟାନ୍ ବିନ୍ ନସର୍‌ଙ୍କ ସହିତ ତାଙ୍କର ମୁଆଖାତ୍ କାଏମ୍ କରିଥିଲେ । ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍ ତାଙ୍କ ନିଜ ଭାଇ ହଜ୍‌ରତ୍ ଉବୈଦାଃ ଏବଂ ହୁସେନ୍‌ଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେହିପରି ସେ ୱୁହଦ୍ ଏବଂ ଖନ୍ଦକ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧ ଗୁଡିକରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହେବାର ସୌଭାଗ୍ୟ ପାଇଛନ୍ତି । ତାଙ୍କ ଦେହାନ୍ତ ୩୨ ହିଜ୍‌ରିରେ ୭୦ ବର୍ଷ ବୟସରେ ହେଲା । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୭୪, ''ତୁଫୈଲ୍ ବିନ୍ ହାରିସ୍'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮, ''ତୁଫୈଲ୍ ବିନ୍ ହାରିସ୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଦ୍ୱିତୀୟ ସାହାବି ହେଉଛନ୍ତି ହଜ୍‌ରତ୍ ସୁଲୈମ୍ ବିନ୍ ଉମ୍‌ରୋ ଅନ୍‌ସାରୀ । ତାଙ୍କ ମାଆଙ୍କ ନାମ ହେଉଛି ଉମ୍ମେ ସୁଲୈମ୍ ବିନ୍‌ତ୍ ଉମ୍‌ରୋ ଏବଂ ତାଙ୍କର ସମ୍ବନ୍ଧ ଖଜ୍‌ରଜ୍ ବଂଶର ବନୁ ସଲ୍‌ମା ସହିତ ଥିଲା ଏବଂ ଆଉକିଛି ରିୱାୟତ୍ ମୁତାବକ ତାଙ୍କ ନାମ ସୁଲୈମାନ୍ ବିନ୍ ଉମ୍‌ରୋ ମଧ୍ୟ ବର୍ଣ୍ଣନା କରାଯାଇଛି । ସେ ଅକ୍‌ବାଠାରେ ସତୁରୀ ଜଣ ଲୋକଙ୍କ ସହିତ ବୟତ କରିଥିଲେ । ବଦର୍ ଏବଂ ୱୁହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ୱୁହଦ୍ ଯୁଦ୍ଧ ଅବସରରେ ସେ ଶହୀଦ୍ ହେଲେ ଏବଂ ତାଙ୍କ ସହିତ ତାଙ୍କ ଗୁଲାମ ଅନ୍‌ତରାଃ ମଧ୍ୟ ଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୪୫, ''ସୁଲୈମ୍ ବିନ୍ ଉମ୍‌ରୋ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୫, ''ସୁଲୈମ୍ ବିନ୍ ଉମ୍‌ରୋ ର:ଅ'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସୁଲୈମ୍ ବିନ୍ ହାରିସ୍ ଅନ୍‌ସାରି । ତାଙ୍କର ସମ୍ବନ୍ଧ ଖଜ୍‌ରତ୍ କବିଲାର ବନୁ ଦୀନାର୍ କୁଟୁମ୍ବ ସହିତ ଥିଲା ଓ ତାଙ୍କ ସମ୍ବନ୍ଧରେ ଏହା ମଧ୍ୟ କୁହାଯାଏ କି ସେ ବନୁ ଦୀନାର୍ ବଂଶର ଗୁଲାମ୍ ଥିଲେ ଏବଂ ଏହା ମଧ୍ୟ କୁହାଯାଏ କି ହଜ୍‌ରତ୍ ଜହାକ୍ ବିନ୍ ହାରିସ୍‌ଙ୍କର ସେ ଭାଇ ଥିଲେ । ସେ ଯାହାହେଉ ଯାହାକିଛି ତାଙ୍କ ବିଷୟରେ କଥା ମିଳୁଛି ତା ମୁତାବକ ଏହି ଦୁଇଟି କଥା ମିଳୁଛି କି ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଏବଂ ୱୁହଦ୍ ଯୁଦ୍ଧରେ ଶହୀଦ୍ ହେବାର ଗୌରବ ଅର୍ଜନ କରିଛନ୍ତି । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୪୩, ''ସୁଲୈମ୍ ବିନ୍ ହାରିସ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ପୁଣି ହଜ୍‌ରତ୍ ସୁଲୈମ୍ ବିନ୍ ମିଲ୍‌ହାନ୍ ଅନ୍‌ସାରୀ ନାମକ ଜଣେ ସାହାବୀ ଥିଲେ । ତାଙ୍କ ମାଆଙ୍କ ନାମ ମୁଲୈକା ବିନ୍‌ତ୍ ମାଲିକ୍ ଥିଲା । ହଜ୍‌ରତ୍ ଅନସ୍ ବିନ୍ ମାଲିକ୍‌ଙ୍କର ସେ ମାମୁଁ ଥିଲେ । ଯେବେ କି ହଜ୍‌ରତ୍ ଉମ୍ମେ ହରାମ୍ ଏବଂ ହଜ୍‌ରତ୍ ଉମ୍ମେ ସୁଲୈମ୍‌ଙ୍କ ଭାଇ ଥିଲେ । ହଜ୍‌ରତ୍ ଉମ୍ମେ ହରାମ୍ ହଜ୍‌ରତ୍ ଉବାଦା ବିନ୍ ସାମିତ୍‌ଙ୍କ ସହଧର୍ମିଣୀ ଥିଲେ । ଯେବେ କି ହଜ୍‌ରତ୍ ଉମ୍ମେ ସୁଲୈମ୍ ହଜ୍‌ରତ୍ ଅବୁ ତଲ୍‌ହା ଅନ୍‌ସାରୀଙ୍କ ସହଧର୍ମିଣୀ ଥିଲେ ଏବଂ ତାଙ୍କର ସୁପୁତ୍ର ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବକ ଥିଲେ । ସେ ବଦର୍ ଏବଂ ୱୁହଦ୍ ଯୁଦ୍ଧରେ ନିଜ ଭାଇ ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ସହିତ ସାମିଲ୍ ହୋଇଥିଲେ ଏବଂ ସେହି ଦୁଇଜଣ ବୈରେ ମାଉନା ଘଟଣାରେ ଶହୀଦ୍ ହୋଇଛନ୍ତି । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୪୬, ''ସୁଲୈମ୍ ବିନ୍ ମିଲ୍‌ହାନ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୯୧, ''ସୁଲୈମ୍ ବିନ୍ ମିଲ୍‌ହାନ୍ ର:ଅ', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ରସୁଲୁଲ୍ଲାଃ ସ:ଆ:ସଙ୍କ ହିଜ୍‌ରତ୍ କରିବାର ୩୬ତମ ମାସ ଅର୍ଥାତ୍ ସଫର୍ ମାସରେ ବୈରେ ମାଉନା ଆଡକୁ ହଜ୍‌ରତ୍ ମୁନ୍‌ଜିର୍ ବିନ୍ ଉମ୍‌ରୋ ଅସ୍‌ସାଇଦିଙ୍କ ସରିୟା (ଛୋଟ ଯୁଦ୍ଧ ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ସାମିଲ୍ ହୋଇ ନଥିଲେ) ଅନୁଷ୍ଠିତ ହେଲା । ଆମିର୍ ବିନ୍ ଜାଫର୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ ଆପଣ ସ:ଆ:ସଙ୍କୁ ହଦିୟା (ଉପହାର) ଦେବାକୁ ଚାହିଁଲେ ଯାହାକୁ ଆପଣ ନେବାକୁ ଅସ୍ୱୀକାର କରିଦେଲେ । ଆପଣ ସ:ଆ:ସ ତାକୁ ଇସ୍‌ଲାମ୍‌ର ନିମନ୍ତ୍ରଣ କଲେ । ସେ ଇସ୍‌ଲାମ୍ ଗ୍ରହଣ କଲାନାହିଁ ଏବଂ ନା ଇସ୍‌ଲାମ୍‌ଠାରୁ ଦୂରେଇଲା । ଆମିର୍ ନିବେଦନ କଲା କି ଯଦି ଆପଣ ସ:ଆ:ସ ନିଜ ସାହାବାମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ମୋ ସହିତ ମୋ କୌମ୍ ନିକଟକୁ ପଠାଇବେ ତେବେ ଆଶା ଅଛି ଯେ ସେମାନେ ଆପଣଙ୍କ ନିମନ୍ତ୍ରଣକୁ ଗ୍ରହଣ କରିନେବେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ମୋତେ ଭୟ ଲାଗୁଛି ଯେ ନଜଦ୍ ନିବାସୀ ଏମାନଙ୍କୁ କୌଣସି ପ୍ରକାରର କ୍ଷତି ନ ପହଂଚାନ୍ତୁ । ଏଥିରେ ସେ କହିଲା ଯଦି କିଏ ସେମାନଙ୍କ ସମ୍ମୁଖକୁ ଆସିବ ସେତେବେଳେ ମୁଁ ତାଙ୍କୁ ଶରଣ ଦେବି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ୭୦ଜଣ ଯୁବକ ଯେଉଁମାନେ ପବିତ୍ର କୋରାନ୍‌ର କାରି ଥିଲେ, ତା ସହିତ ପଠାଇଦେଲେ ଏବଂ ହଜ୍‌ରତ୍ ମୁନ୍‌ଜିର୍ ବିନ୍ ଉମ୍‌ରୋ ଅସ୍‌ସାଆଦିଙ୍କୁ ସେମାନଙ୍କ ଅମୀର୍ ନିୟୋଜିତ କଲେ । ପୂର୍ବରୁ ମଧ୍ୟ ଏହି ଘଟଣାଟି ବର୍ଣ୍ଣନା ହୋଇସାରିଛି । ଯେତେବେଳେ ଏହି ସମସ୍ତ ଲୋକେ ବୈରେମାଉନା ଠାରେ ପହଂଚିଲେ ଯାହା ବନି ସୁଲୈମ୍‌ର ଘାଟ ଥିଲା ଓ ବନି ଆମିର୍ ଓ ବନି ସୁଲୈମ୍‌ର ଜମିର ମଧ୍ୟବର୍ତୀ ସ୍ଥଳୀ ଥିଲା, ଏମାନେ ସେଠାରେ ହିଁ ନିଜର ଛାଉଣୀ ପକାଇଲେ ଓ ନିଜର ଓଟ ଗୁଡିକ ସେଠାରେ (ଚରିବାପାଇଁ) ଛାଡିଦେଲେ । ସେମାନେ ପ୍ରଥମେ ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ବାର୍ତା ଦେଇ ଆମିର୍ ବିନ୍ ତୁଫୈଲ୍‌ଙ୍କ ନିକଟକୁ ପଠାଇଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ବାର୍ତା ପଢ଼ିଲା ନାହିଁ ଏବଂ ହଜ୍‌ରତ୍ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଶହୀଦ୍ କରିଦେଲା । ଏହାପରେ ମୁସଲ୍‌ମାନ୍‌ମାନଙ୍କ ବିରୋଧରେ ସେ ବନି ଆମିର୍‌ଙ୍କୁ ଡାକିଲା । କିନ୍ତୁ ସେମାନେ ତା କଥା ମାନିବାକୁ ଅସ୍ୱୀକାର କରିଦେଲେ । ପୁଣି ସେ ସୁଲୈମ୍ କବିଲା ଉସୈୟା ଜକ୍‌ୱାନ୍ ଏବଂ ରେଲ୍ କବିଲାକୁ ଡାକିଲା । ସେମାନେ ତା ସହିତ ବାହାରି ପଡିଲେ ଓ ତାକୁ ନିଜର ରଇସ୍ ବନାଇଦେଲେ । ଯେତେବେଳେ ହଜ୍‌ରତ୍ ହରାମ୍‌ଙ୍କ ଫେରିବାରେ ବିଳମ୍ବ ହେଲା ଏହା ଦେଖି ମୁସଲ୍‌ମାନ୍‌ମାନେ ତାଙ୍କ ଅନ୍ୱେଷଣରେ ଗଲେ । କିଛି ଦୂର ଯିବାପରେ ତାଙ୍କର ସମ୍ମୁଖୀନ ସେହି ଦଳ ସହିତ ହେଲା ଯେଉଁମାନେ ଆକ୍ରମଣ କରିବା ପାଇଁ ଆସୁଥିଲେ । ସେମାନେ ମୁସଲ୍‌ମାନ୍ ମାନଙ୍କୁ ଚାରିପଟୁ ଘେରିଗଲେ । ଶତୃପକ୍ଷଙ୍କ ସଂଖ୍ୟା ଅଧିକ ଥିଲା । ଯୁଦ୍ଧ ହେଲା ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବୀମାନେ ଶହୀଦ୍ ହୋଇଗଲେ । ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ହଜ୍‌ରତ୍ ସୁଲୈମ୍ ବିନ୍ ମିଲ୍‌ହାନ୍ ଏବଂ ହକମ୍ ବିନ୍ କୈସାନ୍‌ଙ୍କୁ ଯେତେବେଳେ ଘେରି ନିଆଗଲା । ସେତେବେଳେ ସେମାନେ କହିଲେ- ହେ ଅଲ୍ଲାଃ ! ତୁମଛଡା ଆମକୁ ଆଉ କେହି ମିଳୁନାହିଁ ଯିଏ ଆମ ସଲାମ୍‌କୁ ତୁମ ରସୁଲ୍‌ଙ୍କ ନିକଟରେ ପହଂଚାଇଦେବ । ସୁତରାଂ ତୁ ହିଁ ଆମ ସଲାମଙ୍କୁ ପହଂଚାଇ ଦେ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଜିବ୍ରାଇଲ୍ (ନାମକ ଫରିସ୍ତା) ସେହି ଖବର ଦେଲେ ଏଥିରେ ରସୁଲୁଲ୍ଲାଃ ସ:ଆ:ସ ଓ ଆଲୈହିମୁସ୍ ସଲାମ୍ କହିଲେ ଅର୍ଥାତ୍ ତାଙ୍କ ଉପରେ ଶାନ୍ତି ବର୍ଷଣ ହେଉ । ମୁନ୍‌ଜିର୍ ବିନ୍ ଉମ୍‌ରୋଙ୍କୁ ସେହି ଲୋକମାନେ କହିଲେ କି ଯଦି ତୁମେ ଚାହୁଁଛ ତେବେ ଆମେ ତୁମକୁ ମୁକ୍ତି ଦେଇଦେବୁ କିନ୍ତୁ ସେ ମନା କରିଦେଲେ । ସେ ହଜ୍‌ରତ୍ ହରାମ୍‌ଙ୍କ ଶହୀଦ୍ ହେବା ସ୍ଥାନରେ ପହଂଚିଲେ । ସେ ଲୋକମାନେ ତାଙ୍କୁ ଶହୀଦ୍ କରିଦେଲେ । ରସୁଲୁଲ୍ଲାଃ ସ:ଆ:ସ କହିଲେ କି ସେ ଆଗକୁ ବଢ଼ିଯାଇଥିଲେ ଓ ଯଦ୍ୱାରା ମରିବେ ଅର୍ଥାତ୍ ମୃତ୍ୟୁ ସମ୍ମୁଖକୁ ଚାଲିଗଲେ ଯେବେ କି ତାହା ସେ ଜାଣିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୩୯-୪୦, ସରିୟା ମୁନ୍‌ଜିର୍ ବିନ୍ ଉମ୍‌ରୋ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) କୌଣସି ଯୁଦ୍ଧ ଅସ୍ତ୍ର ସମ୍ପୂର୍ଣ୍ଣ ରୂପେ ନଥିବା ସତ୍ତ୍ୱେ ମଧ୍ୟ ସେ ଅତ୍ୟନ୍ତ ବାହାଦୂରିର ସହିତ ଶତୃଙ୍କ ମୁକାବିଲା କଲେ ଓ ଯୁଦ୍ଧ କରିବା ନିୟତରେ ସେ ଯାଇନଥିଲେ ।

ପୁଣି ହଜ୍‌ରତ୍ ସୁଲୈମ୍ ବିନ୍ କଏସ୍ ଅନ୍‌ସାରୀଙ୍କ ସମ୍ବନ୍ଧରେ ଏକଥା ମଧ୍ୟ ମିଳୁଛି । ତାଙ୍କ ମାଆଙ୍କ ନାମ ଉମ୍ମେ ସୁଲୈମ୍ ବିନ୍‌ତ୍ ଖାଲିଦ୍ ଥିଲା ସେ ହଜ୍‌ରତ୍ ଖୌଲା ବିନ୍‌ତ୍ କଏସ୍‌ଙ୍କ ଭାଇ ଥିଲେ ଯିଏ ହଜ୍‌ରତ୍ ହମ୍‌ଜାଃଙ୍କ ସହଧର୍ମିଣୀ ଥିଲେ । ସେ ବଦର୍, ୱୁହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଗଜ୍‌ୱାତ୍ (ଯୁଦ୍ଧ)ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୋଗ ଦେଇଛନ୍ତି । ତାଙ୍କ ଦେହାନ୍ତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ହେଲା । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୪୪୫-୪୪୬, ''ସୁଲୈମ୍ ବିନ୍ କଏସ୍ ଅନ୍‌ସାରୀ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୨, ''ସୁଲୈମ୍ ବିନ୍ କଏସ୍ ଅନ୍‌ସାରୀ ର:ଅ'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସାବିତ୍ ବିନ୍ ସାଲବା । ତାଙ୍କର ସମ୍ପୂର୍ଣ୍ଣ ନାମ ହେଉଛି ହଜ୍‌ରତ୍ ସାବିତ୍ ବିନ୍ ସାଲବା ଏବଂ ତାଙ୍କ ମାଆଙ୍କ ନାମ ଉମ୍ମେ ଉନାସ୍ ବିନ୍‌ତ୍ ସାଆଦ୍ ଥିଲା ଯାହାଙ୍କ ସମ୍ବନ୍ଧ ବନୁ ଉଜାରାଃ କବିଲା ସହିତ ଥିଲା । ତାଙ୍କ ବାପା ସାଲବା ବିନ୍ ଜଏଦ୍‌ଙ୍କୁ ଅଲ୍ ଜଜଅ ବୋଲି କୁହାଯାଏ । ତାଙ୍କର ଏହି ନାମଟି ତାଙ୍କ ବାହାଦୁରି ଏବଂ ତାଙ୍କର ଦୃଢ଼ ପ୍ରତିଜ୍ଞା ଓ ସାହସିକତା ଯୋଗୁ ଏପରି ହେଲା । ସେହି ଦୃଷ୍ଟିକୋଣରୁ ହଜ୍‌ରତ୍ ସାବିତ୍‌ଙ୍କୁ ଇବ୍‌ନିଲ୍ ଜିଜିଇ କୁହାଯାଏ (ଅର୍ଥାତ୍ ଜିଜିଇଙ୍କ ପୁତ୍ର) । ହଜ୍‌ରତ୍ ସାବିତ୍ ବିନ୍ ସାଲ୍‌ବାଙ୍କ ସନ୍ତାନମାନଙ୍କ ମଧ୍ୟରେ ଅବ୍‌ଦୁଲ୍ଲାଃ ଏବଂ ହାରିସ୍

ସାମିଲ୍ ଅଛନ୍ତି । ସେ ସମସ୍ତଙ୍କର ମାଆ ହେଉଛନ୍ତି ଉମାମା ବିନ୍ତ୍ ଉସ୍ମାନ୍ । ହଜ୍ରତ୍ ସାବିତ୍ ୭୦ଜଣ ସାହାବା ମାନଙ୍କ ସହିତ ବୟତେ ଅକ୍ବା ସାନିୟାରେ ସାମିଲ୍ ହୋଇଥିଲେ । ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ଯୁଦ୍ଧ ସେହିପରି ସୁଲାହ୍ ହୃଦବିୟା, ଖୈବର୍ ଯୁଦ୍ଧ, ଫତାହ୍ ମକ୍କା ଏବଂ ତାଏଫ୍ ଯୁଦ୍ଧରେ ମଧ୍ୟ ସେ ସାମିଲ୍ ହୋଇଥିଲେ । ସେ ତାଏଫ୍ ଯୁଦ୍ଧ ଦିନ ହିଁ ଶହୀଦ୍ ହେଲେ । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୪୨୮-୪୨୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବେରୁତ ୧୯୯୦)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍ରତ୍ ସିମାକ୍ ବିନ୍ ସାଆଦ୍ । ତାଙ୍କ ବାପାଙ୍କ ନାମ ହେଉଛି ସାଆଦ୍ ବିନ୍ ସାଲବା । ସେ ହଜ୍ରତ୍ ନୋମାନ୍ ବିନ୍ ବଶିର୍ଙ୍କ ବାପା ହଜ୍ରତ୍ ବଶିର୍ ବିନ୍ ସାଆଦ୍ଙ୍କ ଭାଇଥିଲେ । ବଦର୍ ଯୁଦ୍ଧରେ ନିଜ ଭାଇ ହଜ୍ରତ୍ ବଶିର୍ଙ୍କ ସହିତ ସେ ସାମିଲ୍ ହୋଇଥିଲେ । ସେହିପରି ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । ତାଙ୍କର ସମ୍ପର୍କ ଖଜ୍ରଜ୍ କବିଲା ସହିତ ଥିଲା । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୫୨, ''ସିମାକ୍ ବିନ୍ ସାଆଦ୍ ର:ଅ'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା, ବେରୁତ୍ ୨୦୦୩)

ପୁଣି ଜଣେ ସାହାବୀ ଯାହାଙ୍କ ନାମ ହେଉଛି ଜାବିର୍ ବିନ୍ ଅବ୍ଦୁଲ୍ଲାଃ ବିନ୍ ରିୟାବ । ହଜ୍ରତ ଜାବିର୍ଙ୍କର ଗଣନା ସେହି ଛଅଜଣ ବ୍ୟକ୍ତିଙ୍କ ମଧ୍ୟରେ କରାଯାଏ ଯେଉଁମାନେ ସର୍ବପ୍ରଥମେ ମକ୍କାଠାରେ ଇସ୍ଲାମ୍ ଗ୍ରହଣ କରିଥିଲେ । ହଜ୍ରତ୍ ଜାବିର୍ ବଦର୍, ଓ୍ୱହଦ୍, ଖନ୍ଦକ୍ ଏବଂ ବାକି ସମସ୍ତ ଯୁଦ୍ଧ ଗୁଡିକରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ଥିଲେ । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୪୩୧, ''ଜାବିର୍ ବିନ୍ ଅବ୍ଦୁଲ୍ଲାଃ ର:ଅ'' ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବେରୁତ ୧୯୯୦)

ବୟତେ ଅକ୍ବା ଉଲା ପୂର୍ବରୁ ଅନ୍ସାର୍ର କିଛି ଲୋକମାନଙ୍କ ସହିତ ରସୁଲୁଲ୍ଲାଃ ସ:ଆ:ସଙ୍କର ସାକ୍ଷାତ୍କାର୍ ମକ୍କାଠାରେ ହେଲା ଯାହାଙ୍କ ସଂଖ୍ୟା ଥିଲା ଛଅ । ସେହି ଛଅଜଣଙ୍କ ନାମ ହେଉଛି ଏପରି - ଅସ୍ଅଦ୍ ବିନ୍ ଜୁରାରାଃ- ଅଓଫ୍ ବିନ୍ ହାରିସ୍ - ରାଫେ ବିନ୍ ମାଲିକ୍ ବିନ୍ ଅଜ୍ଲାନ୍ -କୁତ୍ବା ବିନ୍ ଆମିର୍ ବିନ୍ ହଦିଦାଃ, ଉକ୍ବା ବିନ୍ ଆମିର ନାବି ଏବଂ ଜାବିର୍ ବିନ୍ ଅବ୍ଦୁଲ୍ଲାଃ ବିନ୍ ରିୟାବ୍ । ଏମାନେ ସମସ୍ତେ ମୁସଲ୍ମାନ୍ ହୋଇଗଲେ । ଯେତେବେଳେ ଏମାନେ ମଦିନା ଆସିଲେ- ସେଠାରେ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କର ଚର୍ଚ୍ଚା କଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୪୯୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା, ବେରୁତ୍ ୨୦୦୩)

ଏହାର ବ୍ୟାଖ୍ୟା ପୂର୍ବକ ଚର୍ଚ୍ଚା ପୂର୍ବରୁ ଉକ୍ବା ବିନ୍ ଆମିର୍ ନାବିଙ୍କ ଚର୍ଚ୍ଚା କରାଯିବା ସମୟରେ ହୋଇସାରିଛି । ଏଠାରେ ସଂକ୍ଷିପ୍ତରେ ମୁଁ କିଛି ଚର୍ଚ୍ଚା କରିଦେଉଛି । ଏମାନେ ଯେତେବେଳେ ଆଁ ହଜ୍ରତ୍ ସ:ଆ:ସଙ୍କ ଠାରୁ ବିଦାୟ ନେଲେ ସେତେବେଳେ କହିଲେ କି ଆମକୁ ଗୃହଯୁଦ୍ଧ ବହୁତ ଦୁର୍ବଳ କରିଦେଇଛି । ଆମ ମଧ୍ୟରେ ଆପୋଷରେ ବହୁତ ଅବୁଝାମଣା ରହିଛି ଓ ଆମେ ୟସ୍ରବ୍ ଯାଇ ନିଜ ଭାଇମାନଙ୍କୁ ଇସ୍ଲାମ୍ର ତବ୍ଲିଗ୍ କରିବୁ ଏବଂ କିଛି ଅସମ୍ଭବ ନୁହେଁ କି ଅଲ୍ଲାଃତାଲା ଆପଣଙ୍କର ବାର୍ତ୍ତା ମାଧ୍ୟମରେ ଏବଂ ଆମ ତବ୍ଲିଗ୍ ଜରିଆରେ ଆମ ସମସ୍ତଙ୍କୁ ଏକତ୍ରିତ କରିଦେବେ ଏବଂ ଆମେ ଯେତେବେଳେ ଏକାଠି ହୋଇଯିବୁ ସେତେବେଳେ ଆମେ ପ୍ରତିକ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହିବୁ । ସୁତରାଂ ଏ ଲୋକମାନେ ଚାଲିଗଲେ ଓ ସେମାନଙ୍କ ଯୋଗୁ ୟସ୍ରବ୍ରେ ଇସ୍ଲାମ୍ର ଚର୍ଚ୍ଚା ହେବାକୁ ଲାଗିଲା । ସେହିବର୍ଷ ଆଁ ହଜ୍ରତ୍ ସ:ଆ:ସ ମକ୍କାଠାରେ ୟସ୍ରବ୍ର ଲୋକମାନଙ୍କ ସମ୍ବନ୍ଧରେ ଏକଥା ଭାବି ଏପରି ପରିସ୍ଥିତିରେ ଦିନ ବିତାଇଲେ ଯେଉଁଥିରେ ଭୟ ଥିଲା ଏବଂ ଆଶା ମଧ୍ୟ ଥିଲା କି ଦେଖିବା ଏହି ଯେଉଁ ଛଅଜଣ ସତ୍ୟବାଦୀ ସେଠାକୁ ଯାଇଛନ୍ତି ଓ ସେମାନେ ବୟତ୍ ମଧ୍ୟ କରିସାରିଛନ୍ତି, ସେମାନଙ୍କ ପରିଣାମ କଣ ହେଉଛି, କଣ ୟସ୍ରବ୍ଠାରେ କୌଣସି ସଫଳତା ମିଳିବ । କୌଣସି ପ୍ରକାରର ଆଶା ରହିବ କି ନାହିଁ । କାରଣ ବାକି ସ୍ଥାନ ଗୁଡିକରେ ତ ଆଁ ହଜ୍ରତ୍ ସ:ଆ:ସଙ୍କୁ ନା କେବଳ ଅସ୍ୱୀକାର କରାଯାଇଥିଲା ବରଂ ମୁଖାଲିଫତ୍ ତାର ଶେଷ ସୀମାକୁ ପହଂଚି ସାରିଥିଲା । ମକ୍କା ଏବଂ ତାଏଫ୍ର ରଇସ୍ମାନେ ଆଁ ହଜ୍ରତ୍ ସ:ଆ:ସଙ୍କ ମିଶନ୍କୁ କଠୋରତାର ସହିତ ରଦ୍ଦ କରିସାରିଥିଲେ ଏବଂ ସେମାନଙ୍କ ଦ୍ୱାରା ପ୍ରଭାବିତ ଅନ୍ୟ କବିଲାମାନେ ମଧ୍ୟ ଜଣ ଜଣ ହୋଇ ରଦ୍ଦ କରିସାରିଥିଲେ । ତେଣୁ ସେମାନଙ୍କ ବୟତ୍ ଯୋଗୁ ମଦିନାରେ ଏକ ଆଶାର କିରଣ ସୃଷ୍ଟି ହୋଇଥିଲା କିନ୍ତୁ ଏହାର ମଧ୍ୟ କୌଣସି ଶାନ୍ତ୍ୱନା ନଥିଲା । କିଏ କହିପାରିଥାଆନ୍ତା ଯେ ଏହି ଛଅଜଣ ବିଶ୍ୱାସ ଆଣିଥିବା ଲୋକଙ୍କ ବିରୋଧରେ ଶତ୍ରୁମାନେ ଛିଡା ହୋଇଯିବେ ଓ ଏମାନେ ସେହି ସବୁ କଠିନ ପରିସ୍ଥିତି ଓ ଦୁଃଖକୁ ମୁକାବିଲା କରିପାରିବେ କି ନାହିଁ ।

ସେ ଯାହାହେଉ ସେମାନେ ଚାଲିଗଲେ, ସେଠାରେ ତବ୍ଲିଗ୍ କଲେ । କିନ୍ତୁ ଏହି ଅବଧିରେ ମକ୍କାବାସୀଙ୍କ ତରଫରୁ ମଧ୍ୟ ଶତ୍ରୁତା ଏବଂ ମୁଖାଲିଫତ୍ ଦିନକୁ ଦିନ ବଢ଼ି ଚାଲିଥିଲା ଏବଂ ସେମାନେ ଏ ଦୃଢ଼ ବିଶ୍ୱାସ ରଖିଥିଲେ ଯେ ଇସ୍ଲାମ୍କୁ ଧ୍ୱଂସ କରିଦେବାର ଏବେ ହେଉଛି ଉଚିତ୍ ସମୟ କାରଣ ଯଦି ମକ୍କାରୁ ଏହା ବାହାରିବା ଆରମ୍ଭ ହୋଇଯାଏ ଓ ବ୍ୟାପିବା ଆରମ୍ଭ ହୋଇଯାଏ ତେବେ ପୁଣି ଇସ୍ଲାମ୍କୁ ଧ୍ୱଂସ କରିବା କଷ୍ଟକର ହୋଇଯିବ । ସେଇଥିପାଇଁ ମକ୍କା ନିବାସୀ ମଧ୍ୟ ନିଜର ସମସ୍ତ ଶକ୍ତିକୁ ଇସ୍ଲାମ୍ ବିରୋଧରେ ଲଗାଇ ଦେଇଥିଲେ । କିନ୍ତୁ ଏହା ସତ୍ୱେ ମଧ୍ୟ ଆଁ ହଜ୍ରତ୍ ସ:ଆ:ସ ଏବଂ ଆପଣ ସ:ଆ:ସଙ୍କ ନିଷ୍ଠାବାନ୍ ସାହାବାମାନେ, ଯେଉଁମାନେ ବୟତ୍ କରିସାରିଥିଲେ, ମୁସଲ୍ମାନ୍ ହୋଇସାରିଥିଲେ ସେମାନେ ଗୋଟିଏ ମଜ୍ବୁତ୍ ପଥର ସଦୃଶ ନିଜ କଥା ଉପରେ କାଏମ୍ ରହିଥିଲେ । କୌଣସି କଥା ତାଙ୍କୁ ଇସ୍ଲାମ୍ର ଶିକ୍ଷାଠାରୁ ଏବଂ ଇସ୍ଲାମ୍ଠାରୁ ଦୂରେଇ ପାରିନଥିଲା । ଏକଶ୍ୱରବାଦରୁ ଦୂରେଇ ପାରି ନଥିଲା । ସେ ଯାହାହେଉ ତାହା ଇସ୍ଲାମ୍ ନିମନ୍ତେ ଏକ ଜଟିଳ ସମୟ ଥିଲା ଏବଂ ଏକ ଆଶା ମଧ୍ୟ ଥିଲା । ଭୟ ମଧ୍ୟ ଥିଲା ଯେ ଏମାନେ ତ ମଦିନା ଯାଇଛନ୍ତି । ଦେଖିବା ସେମାନଙ୍କର ଫଳ କଣ ବାହାରୁଛି ।

ପୁଣି ତା ପରବର୍ଷ ମଦିନାରୁ ଗୋଟିଏ ଓ୍ୱଫଦ୍ (ଦଳ) ପୁଣି ହଜ୍ ଅବସରରେ ଯେତେବେଳେ ଆସିଲା ସେତେବେଳେ ଆଁ ହଜ୍ରତ୍ ସ:ଆ:ସ ବହୁତ ଉତ୍ସାହିତ ହୋଇ ନିଜ ଘରୁ ବାହାରିଲେ ଏବଂ ମିନା ଆଡକୁ ଥିବା ଅକ୍ବା ନିକଟରେ ପହଂଚି ଚାରିଆଡକୁ ଦୃଷ୍ଟି ନିକ୍ଷେପ କଲେ । ସେତେବେଳେ ଅଚାନକ ଆପଣ ସ:ଆ:ସଙ୍କ ଦୃଷ୍ଟି ୟସ୍ରବ୍ରୁ ଆସିଥିବା ଗୋଟିଏ ଛୋଟିଆ ଦଳ ଉପରେ ପଡିଲା ଯେଉଁମାନେ ଆପଣ ସ:ଆ:ସଙ୍କୁ ଦେଖି ତତ୍କ୍ଷଣାତ୍ ଚିହ୍ନିନେଲେ ଏବଂ ଅତ୍ୟନ୍ତ ପ୍ରେମ ଓ ନିଷ୍ଠାର ସହିତ ଆଗକୁ ବଢ଼ି ଆପଣ ସ:ଆ:ସଙ୍କ ସହିତ ମିଶିଲେ । ପୂର୍ବରୁ ଯେଉଁ ଛଅଜଣ ବୟତ କରିଥିଲେ ସେଥି ମଧ୍ୟରୁ ପାଂଚଜଣ ଆସିଥିଲେ ଏବଂ ଆଉ ସାତଜଣ ନୁଆ ଲୋକଥିଲେ ଏବଂ ଏ ଲୋକମାନେ ଅଓସ୍ ଏବଂ ଖଜ୍ରଜ୍ ଏହି ଦୁଇଟି କବିଲାର ଲୋକ ଥିଲେ । ଆଁ ହଜ୍ରତ୍ ସ:ଆ:ସ ଏହି ଅବସରରେ ଲୋକମାନଙ୍କଠାରୁ ଅଲଗା ହୋଇ ଗୋଟିଏ ଘାଟିରେ ଥିବା ସମତଳ ଇଲାକାକୁ ସେମାନଙ୍କୁ ନେଇଗଲେ ଏବଂ ଏହି ବାରଜଣ ବିଶିଷ୍ଟ ଓ୍ୱଫଦ୍ ଆଁ ହଜ୍ରତ୍ ସ:ଆ:ସଙ୍କୁ ୟସ୍ରବ୍ (ମଦିନା)ର ଅବସ୍ଥା ବିଷୟରେ ଏତେଲା ଦେଲେ ଏବଂ ସେମାନେ ସମସ୍ତେ ନିୟମିତ ରୂପେ ଆଁ ହଜ୍ରତ୍ ସ:ଆ:ସଙ୍କ ହାତରେ ବୟତ୍ କଲେ ଏବଂ ସେହି ବୟତ୍ ୟସ୍ରବ୍ରେ ଇସ୍ଲାମ୍ ସ୍ଥାପନ ହେବାର ମୂଳଦୁଆ ପଥର ଥିଲା ।

ଆଁ ହଜ୍ରତ୍ ସ:ଆ:ସ ସେମାନଙ୍କଠାରୁ ଯେଉଁ ସବୁ ଶବ୍ଦ ଜରିଆରେ ବୟତ ନେଲେ ତାହା ଏପରି ଥିଲା କି ଆମେ ଖୁଦାଙ୍କୁ ଏକ ବୋଲି ଜାଣିବୁ ଶିର୍କ୍ (ଅର୍ଥାତ୍ ତାର ସମକକ୍ଷ) କାହାକୁ କରିବୁ ନାହିଁ, ଚୋରି କରିବୁ ନାହିଁ, ବ୍ୟଭିଚାର କରିବୁ ନାହିଁ, ହତ୍ୟାରୁ ଦୂରେଇ ରହିବୁ, କାହା ଉପରେ ଆରୋପ ଲଗାଇବୁ ନାହିଁ ଏବଂ ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟଗୁଡିକରେ ଆପଣ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବୁ । ବୟତ୍ ପରେ ଆଁ ହଜ୍ରତ୍ ସ:ଆ:ସ ତାଙ୍କୁ କହିଲେ ଯେ ଦେଖ ଯଦି ତୁମେ ସତ୍ୟତାର ସହିତ ଦୃଢ଼ ପଦର ସହିତ ମଜ୍ବୁତ୍ର ସହିତ ଏହି ପ୍ରତିଶୃତି ଉପରେ କାଏମ୍ ରହିବ ତେବେ ତୁମେ ବୈକୁଣ୍ଠ ପ୍ରାପ୍ତ କରିବ ଏବଂ ଯଦି ତୁମେ ଏଥିରେ ଦୁର୍ବଳତା ଦେଖାଇବ ତେବେ ତୁମର ମାମଲା ଖୁଦାଙ୍କ ସହିତ ହେବ । ସେ ଯେଉଁଭଳି ଚାହିଁବ ତୁମ ସହିତ ବ୍ୟବହାର କରିବ । (ସିରତ୍ ଖାତମୁନ୍ ନବୀଇନ୍ ହଜ୍ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୨୨୨-୨୨୪)

ସେ ଯାହାହେଉ ସେହି ଲୋକମାନେ ନିଜ ବୟତର ପ୍ରତିଶୃତିକୁ ପ୍ରମାଣ କରି ଦେଖାଇଲେ ନା କେବଳ ପ୍ରମାଣ କରି ଦେଖାଇଲେ ବରଂ ଉଚ୍ଚତମ ସ୍ତରକୁ ପହଂଚାଇଦେଲେ ଏବଂ ପୁଣି ଆମେ ତା ପର ଅବସ୍ଥାକୁ ଦେଖୁଛେ ଯେ କେଉଁଭଳି ପୁଣି ମଦିନାରେ ଇସ୍ଲାମ୍ର ପ୍ରସାର ଘଟିଲା ।

ହଜ୍ରତ୍ ମୁନ୍ଜିର୍ ବିନ୍ ଉମ୍ରୋ ବିନ୍ ଖୁନୈସ୍ ନାମକ ଜଣେ ସାହାବୀ ଥିଲେ । ତାଙ୍କର ଲକବ୍ (ଉପାଧି) ମୁଉନିକ୍ ଲି ୟମୁତ ବା ମୁଉନିକ୍ ଲିଲ୍ ମୌତି ଥିଲା ଅର୍ଥାତ୍ ଆଗକୁ ବଢ଼ି ମୃତ୍ୟୁକୁ ବରଣ କରିବାବାଲା । ତାଙ୍କ ନାମ ମୁନ୍ଜିର୍ ଏବଂ ତାଙ୍କ ବାପାଙ୍କ ନାମ ଉମ୍ରୋ ଥିଲା । ସେ ଅନ୍ସାରର କବିଲା ଖଜ୍ରଜ୍ର ବନୁ ସାଆଦ୍ ବଂଶର ଥିଲେ । ବୟତେ ଅକ୍ବାଠାରେ ସେ ଯୋଗ ଦେଇଥିଲେ । ଆଁ ହଜ୍ରତ୍ ସ:ଆ:ସ ହଜ୍ରତ୍ ମୁନ୍ଜିର୍ ବିନ୍ ଉମ୍ରୋଙ୍କୁ ଏବଂ ହଜ୍ରତ୍ ସାଆଦ୍ ବିନ୍ ଉବାଦାଃଙ୍କୁ ସେମାନଙ୍କ କବିଲା ବନୁ ସାଆଦାର ନକିବ୍ (ତତ୍ୱାବଧାରକ) ନିୟୋଜିତ କରିଥିଲେ ଅର୍ଥାତ୍ ସର୍ଦ୍ଦାର ରୂପେ ନିଯୁକ୍ତ କରିଥିଲେ ବା ତତ୍ୱାବଧାରକ ବନାଇଥିଲେ । ଜାହିଲିୟତ୍ ଯୁଗରେ ମଧ୍ୟ ହଜ୍ରତ୍ ମୁନ୍ଜିର୍ ପଢ଼ିବା ଏବଂ ଲେଖିବା ଜାଣିଥିଲେ । ମଦିନା ହିଜ୍ରତ୍ କରିବା ପରେ ଆଁ ହଜ୍ରତ୍ ସ:ଆ:ସ ହଜ୍ରତ୍ ମୁନ୍ଜିର୍ ଏବଂ ତୁଲୈବ୍ ବିନ୍ ଉମୈର୍ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୫୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍ମିୟା, ବେରୁତ୍ ୨୦୦୩)

ହଜ୍ରତ୍ ମୁନ୍ଜିର୍ ବିନ୍ ଉମ୍ରୋଙ୍କ ସମ୍ବନ୍ଧରେ ସିରତ୍ ଖାତମୁନ୍ ନବୀଇନ୍ ପୁସ୍ତକରେ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି:- ''ଖଜ୍ରଜ୍ କବିଲାର ସେ ବନୁ ସାଆଦା ବଂଶୀୟ ଥିଲେ ଏବଂ ସେ ଜଣେ ସୁଫି ସ୍ୱଭାବର ବ୍ୟକ୍ତି ଥିଲେ । ବୈରେ ମାଉନାଠାରେ ଶହୀଦ୍ ହୋଇଥିଲେ'' । ବୈରେ ମାଉନାର ବ୍ୟାଖ୍ୟା ପୂର୍ବରୁ ସାହାବାମାନଙ୍କ ଚର୍ଚ୍ଚା କରିବା ସମୟରେ ହୋଇସାରିଛି । କିଛି ଭାଗ ହଜ୍ରତ୍ ମୁନ୍ଜିର୍ ବିନ୍ ଉମ୍ରୋଙ୍କ ସନ୍ଦର୍ଭରେ ସଂକ୍ଷିପ୍ତରେ ଏଠାରେ ବର୍ଣ୍ଣନା କରିଦେଉଛି ଯାହା ସିରତ୍ ଖାତମୁନ୍ ନବୀଇନ୍ରେ ବର୍ଣ୍ଣିତ ରହିଛି । କବିଲା ସୁଲୈମ୍ ଏବଂ ଗତ୍ଫାନ୍ ଏହି ଦୁଇଟି କବିଲା ଆରବର ମଧ୍ୟସ୍ଥଳ ନଜଦ୍ଠାରେ ଥିଲା ଏବଂ ମୁସଲ୍ମାନ୍ ମାନଙ୍କ ବିରୋଧରେ ସେମାନେ ମକ୍କାର କୁରୈଶ୍ ମାନଙ୍କ ସହିତ ଗୁପ୍ତ ସମ୍ପର୍କ ରଖିଥିଲେ ଅର୍ଥାତ୍ କିପରି ଇସ୍ଲାମ୍କୁ ଶେଷ କରିଦେବେ ଓ ଧିରେଧିରେ ସେହି ଦୁଷ୍ଟ କବିଲା ଗୁଡିକର ଦୁଷ୍ଟାମୀ ଦିନକୁ ଦିନ ବଢ଼ିଚାଲିଥିଲା ଏବଂ ସମସ୍ତ ନଜଦ୍ର କ୍ଷେତ୍ରଟି ଇସ୍ଲାମ୍ର ଶତ୍ରୁତାରେ ବଢ଼ି ଚାଲିଥିଲା ଓ ସେମାନଙ୍କର ପ୍ରଭାବ ସେଠାରେ ପଡିଥିଲା । ସୁତରାଂ ସେହି ସମୟରେ ଅବୁ ବରାଆ ଆମିରି ନାମକ ଜଣେ ବ୍ୟକ୍ତି ମଧ୍ୟ ଆରବର କବିଲା ବନୁ ଆମିର୍ର ରଇସ୍ ଥିଲା । ସେ ଆଁ ହଜ୍ରତ୍ ସ:ଆ:ସଙ୍କ ଗୋଚରେ ସାକ୍ଷାତ୍ କରିବା ପାଇଁ ଉପସ୍ଥିତ ହେଲା । ପୂର୍ବରୁ ଏହା ମଧ୍ୟ ଚର୍ଚ୍ଚା ସରିଛି । ବହୁତ ନମ୍ରତାର ସହିତ ଆଁ ହଜ୍ରତ୍ ସ:ଆ:ସ ତାକୁ ଇସ୍ଲାମ୍ର ତବ୍ଲିଗ୍ କଲେ । ସେ ମଧ୍ୟ ବହୁତ ସଉକ୍ର ସହିତ ତବ୍ଲିଗ୍ ଶୁଣିଲେ କିନ୍ତୁ ମୁସଲ୍ମାନ୍ ହେଲେ ନାହିଁ ପୁଣି ଯେପରିକି ବର୍ଣ୍ଣନା ହୋଇସାରିଛି କି ସେ ଆଁ ହଜ୍ରତ୍ ସ:ଆ:ସଙ୍କ ଗୋଚରେ ଏ ନିବେଦନ କଲା କି ମୋ ସହିତ ଆପଣଙ୍କର କିଛି ସାହାବୀ ମାନଙ୍କୁ ନଜଦ୍ ପଠାନ୍ତୁ ଯେଉଁମାନେ ସେଠାରେ ଯାଇ ନଜଦ୍ ବାସୀଙ୍କୁ ଇସ୍ଲାମ୍ର ତବ୍ଲିଗ୍ କରିବେ । ତତ୍ ସହିତ ସେ ଏହା ମଧ୍ୟ କହିଲା ଯେ ମୋର ଏ ଆଶା ଅଛି କି ନଜ୍ଦି ଲୋକମାନେ ଆପଣଙ୍କର ନିମନ୍ତ୍ରଣକୁ ରଦ୍ଦ କରିବେ ନାହିଁ କିନ୍ତୁ ଆଁ ହଜ୍ରତ୍ ସ:ଆ:ସ କହିଲେ କି ମୋତେ ତ ନଜଦ୍ ବାସୀଙ୍କ ଉପରେ କୌଣସି ଭରଷା ନାହିଁ । ଏଥିରେ ଅବୁ ବରାଆ କହିବାକୁ ଲାଗିଲା ଯେ ଆପଣ କୌଣସି ଚିନ୍ତା କରନ୍ତୁ ନାହିଁ । ଯେଉଁ ଲୋକମାନେ ମୋ ସହିତ ଯିବେ ମୁଁ ସେମାନଙ୍କୁ ସୁରକ୍ଷା ଦେବି । ଯେହେତୁ ଅବୁ ବରାଆ ଗୋଟିଏ କବିଲାର ରଇସ୍ ଥିଲା ଓ ଜଣେ ପ୍ରଭାବଶାଳୀ ଲୋକଥିଲା । ତେଣୁ ଆଁ ହଜ୍ରତ୍ ସ:ଆ:ସ ତା କଥାରେ ବିଶ୍ୱାସ କରିନେଲେ ଏବଂ ସାହାବାମାନଙ୍କର ଗୋଟିଏ ଦଳକୁ ନଜଦ୍ ପଠାଇଦେଲେ ।

ହଜ୍ରତ୍ ମିଆଁ ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ଏହା ଐତିହାସିକ ରିଓ୍ୱାୟତ୍ କିନ୍ତୁ ବୁଖାରୀର ରିଓ୍ୱାୟତ୍ରେ ଆସୁଛି ଯେ ରେଲ୍ କବିଲା ଏବଂ ଜକ୍ଓ୍ୱାନ୍ କବିଲା ଇତ୍ୟାଦି ପ୍ରସିଦ୍ଧ କବିଲା ଗୁଡିକ ବନୁ ସୁଲୈମ୍ର ଶାଖା ଥିଲେ । ସେମାନଙ୍କର କିଛି ଲୋକ ଆଁ ହଜ୍ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ ଏବଂ ଇସ୍ଲାମ୍ର ପ୍ରକାଶ କରି ଏ ନିବେଦନ କଲେ କି ଆମ କୌମ୍ର ଯେଉଁ ଲୋକମାନେ ଇସ୍ଲାମ୍ର ଶତ୍ରୁ ଅଟନ୍ତି ସେମାନଙ୍କ ବିରୋଧରେ ଆମକୁ ସାହାଯ୍ୟ କରନ୍ତୁ । ଏ ବ୍ୟାଖ୍ୟା ନଥିଲା ଯେ କେଉଁପ୍ରକାରର ସାହାଯ୍ୟ ବୋଲି । ତାହା ସୈନିକ ଆକାରରେ ବା ତବ୍ଲିଗ୍ ଆକାରରେ । ସେ ଯାହାହେଉ ସେମାନେ ନିବେଦନ କଲେ କି କିଛି ଲୋକ ଏଇଥିପାଇଁ ପଠାନ୍ତୁ, ଏଥିରେ ଆପଣ ସ:ଆ:ସ ସେନାର ଗୋଟିଏ ଦଳ ପଠାଇଲେ ଯାହାର ଚର୍ଚ୍ଚା ହୋଇସାରିଛି । ହଜ୍ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ଦୁର୍ଭାଗ୍ୟ ବଶତଃ ବୈରେ ମାଉନା ଘଟଣା ସମ୍ବନ୍ଧରେ ବୁଖାରୀର ରିଓ୍ୱାୟତ୍ରେ ମଧ୍ୟ କିଛିଟା ଏଣୁତେଣୁ ମିଶିଯାଇଛି (ଅର୍ଥାତ୍) ଦୁଇଟି ଘଟଣାବଳୀର କିଛି ରିଓ୍ୱାୟତ୍ ଆପୋଷରେ ଏକାଠି ମିଶିଯାଇଛି । ସେଇଥିପାଇଁ ଇତିହାସରୁ ଏବଂ ବୁଖାରୀର ରିଓ୍ୱାୟତ୍ରୁ ପ୍ରକୃତ ଘଟଣା ବିଷୟରେ ସଠିକ୍ ରୂପେ ଜଣାପଡୁନାହିଁ । ଯେଉଁଥିପାଇଁ ବାସ୍ତବିକ ଘଟଣା ସମ୍ବନ୍ଧରେ ସଠିକ୍ ଅନୁମାନ ହୋଇପାରୁନାହିଁ କିନ୍ତୁ ସେ ଯାହାହେଉ ସେ ଏହାର ସମାଧାନ ମଧ୍ୟ ବାହାର କରି କହୁଛନ୍ତି କି ଏତିକି ତ ନିଶ୍ଚିତ ରୂପେ ଜଣାପଡୁଛି ଯେ ଏହି ଘଟଣା ସମୟରେ ରେଲ୍ ଏବଂ ଜକ୍ଓ୍ୱାନ ଇତ୍ୟାଦି କବିଲାର ଲୋକମାନେ ମଧ୍ୟ ଆଁ ହଜ୍ରତ୍ ସ:ଆ:ସଙ୍କ ନିକଟକୁ ଆସି ଏ ନିବେଦନ ଜଣାଇଥିଲେ କି କିଛି ସାହାବାଙ୍କୁ ତାଙ୍କ ସହିତ ପଠାଯାଉ । ସେ ପୁଣି ଲେଖୁଛନ୍ତି କି ଯଦି ଗୋଟିଏ ଦୁଇଟି ରିଓ୍ୱାୟତ୍ ଅଲଗା ଅଲଗା ଅଛି, ଯଦି ସେଗୁଡିକୁ ଆପୋଷରେ ମେଳ କରାଯାଏ କି ଗୋଟିଏ ଆଉ ଗୋଟିଏ

ଘଟଣା ସହିତ କିପରି ସମ୍ପର୍କ ରଖୁଛି । ଏଥିରେ ସେ କହୁଛନ୍ତି କି ଏହି ଦୁଇଟି ରିୱାୟତ୍ ମଧ୍ୟରେ ସମାନତା ଏ ଆଧାରରେ ହୋଇପାରିବ ଯେ ରେଲ୍ ଏବଂ ଜକ୍ୱାନ୍‌ର ଲୋକମାନଙ୍କ ସହିତ ଅବୁ ବରାଆ ଆମିରି ଅର୍ଥାତ୍ ଆମିରି କବିଲାର ରଇସ୍ ମଧ୍ୟ ଆସିଥିବ । ସେ ସେମାନଙ୍କ ତରଫରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ କଥା ହୋଇଥିବ । ସୁତରାଂ ଐତିହାସିକ ରିୱାୟତ୍ ମୁତାବକ ଆଁ ହଜ୍‌ରତ୍ ସ:ଆ:ସ ଏକଥା କହିବା କି ମୋତେ ନଜଦ୍‌ବାସୀଙ୍କ ତରଫରୁ ଶାନ୍ତ୍ୱନା ନାହିଁ ଏବଂ ପୁଣି ଏହାର ଏ ଉତର ମିଳିବା କି ଆପଣ ସ:ଆ:ସଙ୍କୁ କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ । ମୁଁ ସେମାନଙ୍କର ହେଉଛି ଜାମିନ୍ ଅର୍ଥାତ୍ ଆପଣଙ୍କ ସାହାବା ମାନଙ୍କୁ କୌଣସି ଦୁଃଖ କଷ୍ଟ ହେବନାହିଁ । ଏହା ଏକଥା ପ୍ରତି ଇସାରା କରୁଛି ଯେ ଅବୁ ବରାଆ ସହିତ ରେଲ୍ ଏବଂ ଜକ୍ୱାନ୍‌ର ଲୋକମାନେ ମଧ୍ୟ ଆସିଥିଲେ । ଯେଉଁଥିପାଇଁ ଆଁ ହଜ୍‌ରତ୍ ସ:ଆ:ସ ଚିନ୍ତିତ ଥିଲେ ।

ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସ ସଫର ମାସର ୪ହିଜ୍‌ରିରେ ମୁନ୍‌ଜିର୍ ବିନ୍ ଉମ୍‌ରୋ ଅନ୍‌ସାରିଙ୍କ ନେତୃତ୍ୱରେ ସାହାବାମାନଙ୍କର ଏକ ଦଳକୁ ପଠାଇଲେ । ଏ ସମସ୍ତ ଲୋକେ ଅନ୍‌ସାର ଥିଲେ ଓ ଏମାନଙ୍କର ସଂଖ୍ୟା ୭୦ଥିଲା । ଏମାନେ ସମସ୍ତେ କାରି ଥିଲେ ଓ କୋରାନ୍ ପଢୁଥିବା ବ୍ୟକ୍ତି ଥିଲେ । ଯେତେବେଳେ ଏମାନେ ସେହି ସ୍ଥାନରେ ପହଂଚିଲେ ଯାହା ଗୋଟିଏ କୂଅ ଯୋଗୁ ବୈରେ ମାଉନା ନାମରେ ପ୍ରସିଦ୍ଧ ଥିଲା ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହରାମ୍ ବିନ୍ ମିଲ୍‌ହାନ୍ ର:ଅ ଯିଏ ଅନସ୍ ବିନ୍ ମାଲିକ୍ ର:ଅଙ୍କ ମାମୁ ଥିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ ତରଫରୁ ଇସ୍‌ଲାମ୍ ଗ୍ରହଣ କରିବାର ବାର୍ତାକୁ ନେଇ ଆମିର୍ କବିଲାର ରଇସ୍ ଅବୁ ବରାଆ ଆମିରିଙ୍କ ପୁତୁରା ଉମ୍‌ରୋ ବିନ୍ ତୁଫୈଲ୍‌ଙ୍କ ନିକଟକୁ ଗଲେ ଏବଂ ବାକି ଅନ୍ୟ ସାହାବାମାନେ ପଛରେ ରହିଲେ । ଯେତେବେଳେ ହରାମ୍ ବିନ୍ ମିଲ୍‌ହାନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୂତ ରୂପେ ଆମିର୍ ବିନ୍ ତୁଫୈଲ୍ ଏବଂ ତାଙ୍କ ସାଥିମାନଙ୍କ ନିକଟରେ ପହଂଚିଲେ ସେତେବେଳେ ସେମାନେ ଆରମ୍ଭରେ ମୁନାଫିକ୍‌ଙ୍କ ପରି ସ୍ୱାଗତ ଜଣାଇଲେ ଏବଂ ପୁଣି ଯେତେବେଳେ ସେ ଶାନ୍ତିରେ ବସିପଡି ଇସ୍‌ଲାମ୍‌ର ତବ୍‌ଲିଗ୍ କରିବାକୁ ଲାଗିଲେ ଯେପରିକି ଏ ବିଷୟରେ ଚର୍ଚ୍ଚା ସରିଛି, ସେତେବେଳେ କିଛି ଖଳ ପ୍ରକୃତିର ଲୋକେ ଜଣେ ଲୋକକୁ ଇଙ୍ଗିତ କଲେ ଏବଂ ସେ ପଛପଟୁ ଆକ୍ରମଣ କରି ତାଙ୍କୁ ନେଜା (କନ୍ତ) ମାରି ଶହୀଦ୍ କରିଦେଲା । ସେତେବେଳେ ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ମୁହଁରୁ ଏ ଶବ୍ଦ ବାହାରୁଥିଲା କି *ଅଲ୍ଲାହୁ ଅକ୍‌ବର୍ ଫୁଜ୍‌ତୁ ୱରବ୍‌ବିଲ୍ କାବା* ଅର୍ଥାତ୍ ଅଲ୍ଲାହୁ ଅକ୍‌ବର୍ ! କାବାର ପାଳନକର୍ତାଙ୍କ ରାଣ । ମୁଁ ତ ନିଜ ଉଦ୍ଦେଶ୍ୟକୁ ଲାଭ କରିନେଲି । ଉମ୍‌ରୋ ବିନ୍ ତୁଫୈଲ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୂତକୁ ହତ୍ୟା କରିବାରେ ଯଥେଷ୍ଟ ମଣିଲେ ନାହିଁ ବରଂ ତା ପରେ ନିଜ କବିଲା ବନୁ ଆମିର୍‌ର ଲୋକମାନଙ୍କୁ ଉସୁକାଇଲେ ଯେ ସେମାନେ ଯାଇ ମୁସଲ୍‌ମାନ୍ ମାନଙ୍କର ବାକି ଦଳ ଉପରେ ଆକ୍ରମଣ କରିଦିଅନ୍ତୁ । କିନ୍ତୁ ସେମାନେ ଏକଥା ମାନିଲେ ନାହିଁ । ସେମାନେ କହିଲେ କି ଆମେ ଅବୁ ବରାଆଙ୍କ ଦାୟିତ୍ୱରେ ରହି ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରିବୁ ନାହିଁ । କାରଣ ଅବୁ ବରାଆ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଏକଥା କହିଥିଲା ଯେ ମୁଁ ସେମାନଙ୍କର ହେଉଛି ଜାମିନ୍ । ତେଣୁ ସେମାନେ କହିଲେ କି ଯେତେବେଳେ ସେ ତାଙ୍କର ଜାମିନ୍ ହୋଇଗଲା ସେତେବେଳେ ଆମେ ଆକ୍ରମଣ କରିବୁ ନାହିଁ ।

ଏଥିରେ ଆମିର୍ ସୁଲୈମ୍ ମାନଙ୍କ ମଧ୍ୟରୁ ବନୁ ରେଲ୍, ଜକ୍ୱାନ୍ ଏବଂ ଉସୈୟା ଇତ୍ୟାଦିଙ୍କୁ, ଯେଉଁମାନେ ଅନ୍ୟ କବିଲାର ଥିଲେ ଏବଂ ଯେଉଁମାନେ ବୁଖାରୀର ରିୱାୟତ୍ ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ପ୍ରତିନିଧି ହୋଇ ଆସିଥିଲେ, ନିଜ ସହିତ ନେଲା ଓ ଏହି ସମସ୍ତ ଲୋକମାନେ ମୁସଲ୍‌ମାନ୍‌ମାନଙ୍କର ଉକ୍ତ ଛୋଟ ଓ ଅସହାୟ ଜମାତ୍ ଉପରେ ଆକ୍ରମଣ କରିଦେଲେ । ମୁସଲ୍‌ମାନ୍‌ମାନେ ଯେତେବେଳେ ସେହି ପଶୁ ପ୍ରକୃତିର ଲୋକମାନଙ୍କୁ ନିଜ ଆଡକୁ ଆସିବାର ଦେଖିଲେ ସେତେବେଳେ ତାଙ୍କୁ କହିଲେ କି ଆମକୁ ତୁମ ସହିତ କୌଣସି ଝଗଡା ନାହିଁ । ଆମେ ଲଢ଼ିବାକୁ ଆସିନାହୁଁ । ଆମେ ତ କେବଳ ରସୁଲୁଲ୍ଲାଃ ସ:ଆ:ସଙ୍କ ତରଫରୁ ଗୋଟିଏ କାମ ନିମନ୍ତେ ଆସିଛୁ । ସେଥିପାଇଁ ତୁମ ସହିତ ଯୁଦ୍ଧ କରିବାର କୌଣସି ମନସ୍ଥ କରିନାହୁଁ । କିନ୍ତୁ ସେମାନେ କିଛି କଥା ଶୁଣିଲେ ନାହିଁ ଓ ସମସ୍ତଙ୍କୁ ଶହୀଦ୍ କରିଦେଲେ । (ସିରତ୍ ଖାତମୁନ୍ ନବୀଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୫୧୭-୫୧୯)

ଇତିହାସରେ ଆସୁଛି କି ଯେତେବେଳେ ଜିବ୍ରାଇଲ୍ ଆ:ସ ବୈରେ ମାଉନାରେ ଶହୀଦ୍ ହୋଇଥିବା ସାହାବାମାନଙ୍କ ସମ୍ବନ୍ଧରେ ଖବର ଦେଲେ ସେତେବେଳେ ଆପଣ ସ:ଆ:ସ ମୁନ୍‌ଜିର୍ ବିନ୍ ଉମ୍‌ରୋଙ୍କ ସମ୍ବନ୍ଧରେ କହିଲେ ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା ଚାଲିଛି କି ଆନକା ଲିୟମୁତ୍ ଅର୍ଥାତ୍ ହଜ୍‌ରତ୍ ମୁନ୍‌ଜିର୍ ବିନ୍ ଉମ୍‌ରୋ ଏକଥା ଜାଣିଥିଲେ ଯେ ଏବେ ଶହୀଦ୍ ହେବାର ଯୋଗ ଅଛି (ତେଣୁ) ନିଜ ସାଥିମାନଙ୍କ ପରି ସେହି ସ୍ଥାନରେ ଯୁଦ୍ଧ କରି ଶାହାଦତ୍ ଗ୍ରହଣ କରିନେଲେ । ସେଇଥିପାଇଁ ତାଙ୍କୁ ମୁଓନିକ୍ ଲିୟମୁତ୍ ବା ମୁଅନିକ୍ ଲିଲ୍ ମୌତିର ଉପାଧି ମିଳିଥିଲା । (ଉସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୫୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୪୦, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ହଜ୍‌ରତ୍ ମୁନ୍‌ଜିର୍ ବିନ୍ ଉମ୍‌ରୋଙ୍କୁ ସେମାନେ କହିଥିଲେ ଯେ ଯଦି ତୁମେ ଚାହଁ ତେବେ ଆମେ ତୁମକୁ ଶରଣ ଦେଇଦେବୁ । କିନ୍ତୁ ହଜ୍‌ରତ୍ ମୁନ୍‌ଜିର୍ ସେମାନଙ୍କ ଶରଣ ନେବାପାଇଁ ମନା କରିଦେଲେ । (ଉସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୫୮-୨୫୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୬)

ହଜ୍‌ରତ୍ ସହଲ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଯେବେ ହଜ୍‌ରତ୍ ଅବୁ ଉସୈଦ୍‌ଙ୍କ ଘରେ ତାଙ୍କ ପୁତ୍ର ମୁନ୍‌ଜିର୍ ବିନ୍ ଅବି ଉସୈଦ୍ ଜନ୍ମ ହେଲେ ସେତେବେଳେ ତାଙ୍କୁ ନବୀ କରିମ୍ ସ:ଆ:ସଙ୍କ ଗୋଚରେ ପହଂଚାଇ ଦିଆଗଲା । ଆପଣ ସ:ଆ:ସ ସେହି ପିଲାଟିକୁ ନିଜ ଜଙ୍ଘ ଉପରେ ବସାଇଲେ ଓ ନିକଟରେ ହଜ୍‌ରତ୍ ଅବୁ ଉସୈଦ୍ ବସିଥିଲେ । ଏତିକିବେଳେ ନବୀ କରିମ୍ ସ:ଆ:ସ କୌଣସି କାମରେ ବ୍ୟସ୍ତ ହୋଇଗଲେ । ହଜ୍‌ରତ୍ ଅବୁ ଉସୈଦ୍‌ଙ୍କ ଇସାରାରେ ଲୋକମାନେ ମୁନ୍‌ଜିର୍‌ଙ୍କୁ ଆପଣ ସ:ଆ:ସଙ୍କ ଜଙ୍ଘ ଉପରୁ ଉଠାଇ ନେଇଗଲେ । ଯେତେବେଳେ ଆପଣ ସ:ଆ:ସ କାମରୁ ମୁକ୍ତି ପାଇଲେ ସେତେବେଳେ କହିଲେ ଏ ପିଲାଟି କୁଆଡେ ଗଲା ? ହଜ୍‌ରତ୍ ଅବୁ ଉସୈଦ୍ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ତାକୁ ଘରକୁ ପଠାଇଦେବୁ । ଆପଣ ସ:ଆ:ସ ପଚ୍ଚରିଲେ ତା ନା କଣ ରଖିଛି ? ଅବୁ ଉସୈଦ୍ କହିଲେ ଅମୁକ ନାମ ରଖିଛୁ । ଏଥିରେ ହଜୁର୍ କହିଲେ- ନୁହେଁ, ତା ନାମ ହେଉଛି ମୁନ୍‌ଜିର୍ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ସେହିଦିନ ସେହି ପିଲାଟିର ନାମ ମୁନ୍‌ଜିର୍ ରଖିଥିଲେ । ଏ ବ୍ୟକ୍ତିଜଣକ ସେ ମୁନ୍‌ଜିର୍ ନୁହଁନ୍ତି ଯାହାଙ୍କ ଚର୍ଚ୍ଚା କରାଯାଉଅଛି । ବ୍ୟାଖ୍ୟାକାରୀମାନେ ନବୀ କରିମ୍ ସ:ଆ:ସଙ୍କ ଦ୍ୱାରା ଉକ୍ତ ପିଲାଟିର ନାମ ମୁନ୍‌ଜିର୍ ରଖିବାର କାରଣ ଏହା ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ଅବୁ ଉସୈଦ୍‌ଙ୍କ ଚାଚାଙ୍କ ନାମ ମୁନ୍‌ଜିର୍ ବିନ୍ ଉମ୍‌ରୋ ଥିଲା । ସେହି ସାହାବୀ ଯାହାଙ୍କ ଚର୍ଚ୍ଚା ହୋଇସାରିଛି ଯିଏ ବୈରେ ମାଉନାଠାରେ ଶହୀଦ୍ ହୋଇଥିଲେ । ଅବୁ ଉସୈଦ୍‌ଙ୍କ ଚାଚାଙ୍କ ନାମ ମୁନ୍‌ଜିର୍ ବିନ୍ ଉମ୍‌ରୋ ଥିଲା । ସେ ଅବୁ ଉସୈଦ୍‌ଙ୍କ ଚାଚା ଥିଲେ ଯିଏ ବୈରେ ମାଉନାଠାରେ ଶହୀଦ୍ ହୋଇଥିଲେ । ସୁତରାଂ ଏ ନାମକରଣ ତଫାଉଲ୍ (ବ୍ୟାକରଣ ଅନୁସାରେ) ରଖାଯାଇଥିଲା ଅର୍ଥାତ୍ ଇଏ ମଧ୍ୟ ତାଙ୍କ ଚାଚାଙ୍କ ଉତରାଧିକାରୀ ରୂପେ ପ୍ରମାଣିତ ହୁଅନ୍ତୁ । (ସହି ବୁଖାରୀ, କିତାବୁଲ୍ ଅଦବ୍ ବାବ୍ ତହୱିଲିଲ୍ ଇସ୍‌ମ୍ ଇଲା ଇସ୍‌ମେ ଅହସନ୍ ମିନ୍‌ହୁ ହଦିସ୍ ୬୧୯୧) (ଫତହୁଲ୍ ବାରି.... ଖଣ୍ଡ-୭, ପୃଷ୍ଠା-୪୫୨, ମୁଦ୍ରଣ- ଦାରୁଲ୍ ରିୟାନ୍ ଲିତ୍‌ତୁରାସ୍ ଅଲ୍ କାହେରାଃ ୧୯୮୬) ଏହା ମଧ୍ୟ ଗୋଟିଏ କାରଣ ଥିବ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ନିଶ୍ଚିତ ରୂପେ ନିଜ ପ୍ରିୟଜନଙ୍କ ନାମକୁ ଜୀବିତ ରଖିବା ପାଇଁ ମଧ୍ୟ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ନାମକୁ ତାଙ୍କ ନାମ ସାଥିରେ ରଖିଦେଉଥିବେ ।

ହଜ୍‌ରତ୍ ମାବଦ୍‌ବିନ୍ ଅବାଦ୍ ନାମକ ଜଣେ ସାହାବୀ ଥିଲେ ଯାହାଙ୍କ କୁନିୟତ୍ ଅବୁ ହୁମୈଜାଃ ଥିଲା । ତାଙ୍କର ବାପା ଅବ୍‌ବାଦ୍ ବିନ୍ କୁଶୈର୍ ଥିଲେ । ହଜ୍‌ରତ୍ ମାଆବଦ୍ ବିନ୍ ଅବ୍‌ବାଦ୍‌ଙ୍କ ନାମ ମାଆବଦ୍ ବିନ୍ ଉବାଦାଃ ଏବଂ ମାଆବଦ୍ ବିନ୍ ଅମାରା ମଧ୍ୟ ବର୍ଣ୍ଣନା କରାଯାଇଛି । ତାଙ୍କର ସମ୍ବନ୍ଧ ଖଜ୍‌ରଜ୍ କବିଲାର ଶାଖା ବନୁ ସଲିମ୍ ବିନ୍ ଗନମ୍ ବିନ୍ ଅଓଫ ସହିତ ଥିଲା । ତାଙ୍କ କୁନିୟତ୍ ଅବୁ ହୁମୈଜା ଥିଲା ଓ କିଛି ଲୋକଙ୍କ ନିକଟରେ ତାଙ୍କ କୁନିୟତ୍ ଅବୁ ଖୁମୈସା ଓ ଅବୁ ଉସୈମା ମଧ୍ୟ ବର୍ଣ୍ଣନା କରାଯାଇଛି । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୧୧-୨୧୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୮,୪୧୧, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅଦି ବିନ୍ ଅବି ଜଗ୍‌ବାଆ ଅନ୍‌ସାରୀ । ତାଙ୍କ ବାପାଙ୍କ ନାମ ସିନାନ୍ ବିନ୍ ସୁବୈ ଥିଲା । ସେ ହଜ୍‌ରତ୍ ଉମର୍ ର:ଅଙ୍କର ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଛନ୍ତି । ହଜ୍‌ରତ୍ ଅଦିଙ୍କ ବାପା ଅବି ଜଗ୍‌ବାଆଙ୍କ ନାମ ସିନାନ୍ ବିନ୍ ସୁବୈ ବିନ୍ ସାଲ୍‌ବା ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାର୍‌ର ଜୁହୈନା କବିଲାଙ୍କ ସହିତ ଥିଲା । ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଗଜ୍‌ୱାତ୍‌ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୧୧, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ହଜ୍‌ରତ୍ ବସ୍‌ବସ୍ ବିନ୍ ଉମ୍‌ରୋଙ୍କ ସହିତ ବଦର୍ ଯୁଦ୍ଧ ଅବସରରେ ଅବୁ ସୁଫିଆନ୍‌ଙ୍କ କାଫିଲା ଆଡକୁ ଖବର ଆଣିବା ପାଇଁ ପଠାଇଥିଲେ । ସେ ଖବର ନେବାପାଇଁ ଏତେବାଟ ଚାଲିଗଲେ କି ସମୁଦ୍ରର କୂଳ ନିକଟରେ ପହଂଚିଗଲେ । ହଜ୍‌ରତ୍ ବସ୍‌ବସ୍ ବିନ୍ ଉମ୍‌ରୋ ଏବଂ ହଜ୍‌ରତ୍ ଅଦି ବିନ୍ ଅବି ଜଗ୍‌ବାଆ ବଦର୍ ନିକଟରେ ଗୋଟିଏ ମୁଣ୍ଡିଆ ନିକଟରେ ନିଜର ଓଟଟିକୁ ବସାଇଦେଲେ ଯାହା ଗୋଟିଏ ଘାଟର ନିକଟରେ ଅବସ୍ଥିତ ଥିଲା । ପୁଣି ସେ ନିଜ ପାଣିପାତ୍ରଟିକୁ ନେଇ ଘାଟରୁ ପାଣି ନେବାପାଇଁ ଆସିଲେ । ଜଣେ ବ୍ୟକ୍ତି ମଜ୍‌ଦି ବିନ୍ ଉମ୍‌ରେ ଜୁହୈନି ଘାଟ ନିକଟରେ ଛିଡା ହୋଇଥିଲା । ସେହି ଦୁଇଜଣ ସାହାବୀ ଦୁଇଜଣ ମହିଳାଙ୍କଠାରୁ ଏକଥା ଶୁଣିବାକୁ ପାଇଲେ କି ଜଣେ ମହିଳା ଅନ୍ୟଜଣଙ୍କ କହୁଥିଲା କି କାଲି ବା ତା'ପରଦିନ କାଫିଲା ଆସିବ । ସେତେବେଳେ ମୁଁ ତାଙ୍କର ମଜୁରୀ କରିକି ତୁମ କରଜକୁ ସୁଝିଦେବି । ବର୍ତମାନ ଦୁଇଜଣ ମହିଳା ଏହିକଥାବାର୍ତା ହେଉଥିଲେ କିନ୍ତୁ ସେଥିରେ କିଛି ଜାଣିବା କଥା ଥିଲା । ମଜଦି କହିଲେ ତୁମେ ଠିକ୍ କହୁଅଛ । ପୁଣି ସେ ସେହି ମହିଳାମାନଙ୍କ ନିକଟକୁ ଚାଲିଗଲେ । ହଜ୍‌ରତ୍ ଅଦି ଏବଂ ହଜ୍‌ରତ୍ ବସ୍‌ବସ୍ ଏକଥାକୁ ଶୁଣିନେଲେ ଏବଂ ସେହିସବୁ କଥା ସେମାନେ ଆସି ରସୁଲୁଲ୍ଲାଃ ସ:ଆ:ସଙ୍କୁ କହିଲେ । (କିତାବୁଲ୍ ମଗାଜି, ପ୍ରଥମ ଖଣ୍ଡ, ପୃଷ୍ଠା-୪୦.... ବେରୁତ୍ ୧୯୮୪) ଅର୍ଥାତ୍ ଏକଥା ଆମେ ଶୁଣିଛୁ ଯେ ଦୁଇଜଣ ମହିଳା ଆପୋଷରେ କଥା ହେଉଥିଲେ କି ଗୋଟିଏ କାଫିଲା ଆସିବ ଏବଂ ସେମାନେ କୁଫାର୍‌ଙ୍କ କାଫିଲାର ଖବର ଦେଉଥିଲେ । ତେବେ ଏହିପରି ସେମାନେ ଖବର ବିଷୟ ଜଣାଉଥିଲେ । ଅର୍ଥାତ୍ ଦେଖିବାକୁ ତ ଦୁଇଜଣ ମହିଳା ଆପୋଷରେ କଥାବାର୍ତା ହେଉଥିଲେ କିନ୍ତୁ ସେ କଥାର ଗୁରୁତ୍ୱ ସେମାନଙ୍କୁ ଜଣାନଥିଲା । ଏବଂ ଏହା ବହୁତ ବଡ ଗୁରୁତ୍ୱପୂର୍ଣ୍ଣ ଖବର ଥିଲା । କାଫିଲାର ଆସିବାର ଏତେଲା ମିଳୁଥିଲା । ହଜ୍‌ରତ୍ ଅଦି ବିନ୍ ଅବି ଜଗ୍‌ବା ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଛନ୍ତି । (ଅସାବା, ଖଣ୍ଡ-୪, ପୃଷ୍ଠା-୩୯୧-୩୯୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ରବିଇ ବିନ୍ ଇଆସ୍ । ତାଙ୍କ ସମ୍ବନ୍ଧ ଅନ୍‌ସାରର କବିଲା ଖଜ୍‌ରଜ୍‌ର ଶାଖା ବନୁ ଲଓଜାନ୍ ସହିତ ଥିଲା । ବଦର୍ ଯୁଦ୍ଧରେ ନିଜ ଭାଇ ଓର୍‌କା ବିନ୍ ଇଆସ୍ ଏବଂ ଉମ୍‌ରୋ ବିନ୍ ଇଆସ୍‌ଙ୍କ ସହିତ ସାମିଲ୍ ହୋଇଥିଲେ । ସେହିପରି ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସେ ସାମିଲ୍ ହୋଇଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୧୬-୪୧୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (କିତାବୁଲ୍ ମଗାଜି, ଖଣ୍ଡ-୧, ପୃଷ୍ଠା-୧୬୭....ବେରୁତ ୧୯୮୪)

ପୁଣି ଜଣେ ସାହାବୀ ଥିଲେ ଯାହାଙ୍କ ନାମ ହେଉଛି ହଜ୍‌ରତ୍ ଉମୈର୍ ବିନ୍ ଆମିର୍ ଅନ୍‌ସାରୀ । ତାଙ୍କ କୁନିୟତ୍ ଅବୁ ଦାଉଦ୍ ଥିଲା । ତାଙ୍କ ବାପାଙ୍କ ନାମ ଆମିର୍ ବିନ୍ ମାଲିକ୍ ଥିଲା । ତାଙ୍କ ମାଆଙ୍କ ନାମ ନାଏଲା ବିନ୍‌ତ୍ ଅବି ଆସିନ୍ ଥିଲା । ହଜ୍‌ରତ୍ ଉମୈର୍‌ଙ୍କର ସମ୍ବନ୍ଧ ଅନ୍‌ସାରର କବିଲା ଖଜ୍‌ରଜ୍ ସହିତ ଥିଲା । ହଜ୍‌ରତ ଉମୈର୍ ନିଜର କୁନିୟତ୍ ଅବୁ ଦାଉଦ୍ ନାମରେ ଅଧିକ ପ୍ରସିଦ୍ଧ ଥିଲେ । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅସାବା ଖଣ୍ଡ-୪, ପୃଷ୍ଠା-୫୯୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫)

ହଜ୍‌ରତ୍ ଉମ୍ମେ ଅମ୍ମାରାଃ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଅବୁ ଦାଉଦ୍ ଏବଂ ହଜ୍‌ରତ୍ ସୁଲୈତ୍ ବିନ୍ ଉମ୍‌ରୋ ଦୁଇଜଣଯାକ ବୟତେ ଅକ୍‌ବାରେ ହାଜିର୍ ହେବାପାଇଁ ବାହାରିଲେ । ସେତେବେଳେ ତାଙ୍କୁ ଜଣାପଡିଲା ଯେ ଲୋକମାନେ ବୟତ କରିସାରିଛନ୍ତି । ଏଥିରେ ସେମାନେ ପରେ ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜୁରାରାଙ୍କ ମାଧ୍ୟମରେ ବୟତ୍ କଲେ ଯିଏ ଅକ୍‌ବାର ରାତିରେ ନୁକବାଠାରେ ଥିଲେ । (ଅସାବା, ଖଣ୍ଡ-୭, ପୃଷ୍ଠା-୯୯, ଅବୁଦାଉଦ୍ ଅନ୍‌ସାରୀ ଅଲ୍ ମାଜ୍‌ନି, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫) ସେ ଜଣେ ତତ୍ୱବଧାରକ ରୂପେ ନିୟୋଜି ହୋଇଥିଲେ ଅର୍ଥାତ୍ ସର୍ଦ୍ଦାର ହୋଇଥିଲେ । ତାଙ୍କ ଜରିଆରେ ପୁଣି ସେମାନେ ବୟତ୍ କଲେ । ଗୋଟିଏ ରିୱାୟତ୍ ମୁତାବକ ବଦର୍ ଯୁଦ୍ଧରେ ଅବୁଲ୍ ଜନ୍‌ତରିଙ୍କୁ ହତ୍ୟା କରିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉମୈର୍ ବିନ୍ ଆମିର୍ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୯୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସାଆଦ୍ ଖୌଲା ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆ । ତାଙ୍କ ସମ୍ବନ୍ଧ ବନୁ କଲବ୍ କବିଲା ସହିତ ଥିଲା । ହଜ୍‌ରତ୍ ସାଆଦ୍ ବିନ୍ ଖୌଲା ହଜ୍‌ରତ୍

ହାତିବ୍ ବିନ୍ ଅବି ବଲତାଆଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଖୌଲାଙ୍କ ସମ୍ବନ୍ଧ କବିଲା ବନୁ କଲବ୍ ସହିତ ଥିଲା । କିନ୍ତୁ ଅବୁ ମାଶରଙ୍କ ନିକଟରେ ତାଙ୍କ ସମ୍ବନ୍ଧ କବିଲା ବନୁ ମଜ୍‌ହିଜ୍ ସହିତ ଥିଲା । କିଛି ଲୋକମାନଙ୍କ ଧାରଣା ଯେ ସେ ଫାରସ୍ ନିବାସୀ ଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଖୌଲା, ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆଙ୍କ ନିକଟରେ ଗୁଲାମ୍ ରୂପେ ପହଂଚିଲେ । ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆ ତାଙ୍କ ସହିତ ଅତ୍ୟନ୍ତ ସ୍ନେହ ଓ ଦୟା ଆଚରଣ କରୁଥିଲେ । ହଜ୍‌ରତ୍ ସାଆଦ୍ ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆଙ୍କ ସହିତ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଏବଂ ଓ୍ୱହଦ୍ ଯୁଦ୍ଧରେ ହିଁ ଶହୀଦ୍ ହୋଇଛନ୍ତି । ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍‌ଙ୍କ ପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍‌ଙ୍କ ଓ୍ୱଜିଫା (ଗୁଜୁରାଣ) ଅନ୍‌ସାରଙ୍କ ସହିତ କରାଇ ଦେଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୪୨୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୮୫, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ସିରତୁ ସାହାବା, ଖଣ୍ଡ-୪, ଭାଗ-୭, ପୃଷ୍ଠା-୩୧୮, ହଜ୍‌ରତ୍ ସାଆଦ୍ ବିନ୍ ଖୌଲା ର:ଅ, ମୁଦ୍ରଣ ଦାରୁଲ୍ ଇଶାଅତ୍ କରାଚୀ ୨୦୦୪)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବୁ ସିନାନବିନ୍ ମିହ୍‌ସନ୍ । ତାଙ୍କ ବାପାଙ୍କ ନାମ ମିହ୍‌ସନ୍ ବିନ୍ ହୁର୍‌ସାନ୍ ଥିଲେ । ତାଙ୍କ କୁନିୟତ୍ ଅବୁ ସନାନ୍ ଥିଲା । ତାଙ୍କ ନାମ ଓ୍ୱହବ୍ ବିନ୍ ଅବ୍‌ଦୁଲ୍ଲାଃ ଥିଲା ଏବଂ ଅବ୍‌ଦୁଲ୍ଲାଃ ବିନ୍ ଓ୍ୱହଦ୍ ମଧ୍ୟ ବର୍ଣ୍ଣନା କରାଯାଇଥାଏ । ଏବଂ ତାଙ୍କର କୁନିୟତ୍ ଅବୁ ସିନାନ୍ ଥିଲା । ଯେବେ କି ସବୁଠାରୁ କଥନ ମୁତାବକ ଯାହା ଇତିହାସରୁ ମିଳିଥାଏ ସେଥିରେ ତାଙ୍କ ନାମ ଓ୍ୱହବ୍ ବିନ୍ ମିହ୍‌ସନ୍ ମିଳୁଛି । ହଜ୍‌ରତ୍ ଅବୁ ସିନାନ୍ ବିନ୍ ମିହ୍‌ସନ୍ ହଜ୍‌ରତ୍ ଉକାଶା ବିନ୍ ମିହ୍‌ସନ୍‌ଙ୍କ ଭାଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୧୫୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) ସେ ହଜ୍‌ରତ୍ ଉକାଶା ବିନ୍ ମିହ୍‌ସନ୍‌ଙ୍କ ବଡଭାଇ ଥିଲେ । ସେ ହଜ୍‌ରତ୍ ଉକାଶାଙ୍କ ଠାରୁ ଦୁଇବର୍ଷ ବଡ ଥିଲେ । ଏହିପରି ବିଭିନ୍ନ ରିଓ୍ୱାୟତ୍ ମଧ୍ୟ ରହିଛି । କିଛି ଲୋକେ ଦଶବର୍ଷ କହିଛନ୍ତି ଓ ଆଉ କିଛି ଲୋକେ କୋଡିଏ ବର୍ଷ କରିଛନ୍ତି । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୧୫୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ରଉଜୁଲ୍ ଅନଫ୍, ଖଣ୍ଡ-୪, ପୃଷ୍ଠା-୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ତାଙ୍କ ପୁତ୍ରଙ୍କ ନାମ ସିନାନ୍ ବିନ୍ ଅବୁ ସିନାନ୍ ଥିଲା । ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । ଆଉକିଛି ରିଓ୍ୱାୟତ୍‌ରେ ଏକଥା ମିଳୁଛି ଯେ ସେ ବୟତେ ରିଜ୍‌ଓ୍ୱାନ୍‌ବେଳେ ସର୍ବପ୍ରଥମେ ବୟତ କରିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅବୁ ସିନାନ୍ ବିନ୍ ମିହ୍‌ସନ୍ ଅସଦି ଥିଲେ । କିନ୍ତୁ ଏହା ଠିକ୍ ନୁହେଁ କାରଣ ହଜ୍‌ରତ୍ ଅବୁ ସିନାନ୍ ବନୁ କୁରୈଜାର ମୁହାସରା ସମୟରେ ୫ହିଜରିକୁ ଚାଳିଶି ବର୍ଷ ବୟସରେ ମୃତ୍ୟୁବରଣ କରିସାରିଥିଲେ । ବୟତେ ରିଜ୍‌ଓ୍ୱାନ୍ ଅବସରରେ ବୟତ କରିଥିବା ତାଙ୍କ ପୁତ୍ର ହଜ୍‌ରତ୍ ସିନାନ୍ ବିନ୍ ଅବୁ ସିନାନ୍ ଥିଲେ । ହଜ୍‌ରତ୍ ଅବୁ ସିନାନ୍ ବିନ୍ ମିହ୍‌ସନ୍‌ଙ୍କ ଦେହାନ୍ତ ସେତେବେଳେ ହେଲା ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ବନୁ କୁରୈଜାକୁ ମୁହାସିରା କରିଥିଲେ ଅର୍ଥାତ୍ ଘେରାବନ୍ଦି କରିଥିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ କୁରୈଜାର କବରସ୍ଥାନ୍‌ରେ ଦଫନ କରିଦେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ କଏସ୍ ବିନ୍ ଅସ୍‌ସକନ୍ ଅନ୍‌ସାରୀ । ତାଙ୍କ କୁନିୟତ୍ ଅବୁ ଜଏଦ୍ ଥିଲା । ହଜ୍‌ରତ୍ କଏସ୍‌ଙ୍କ ବାପାଙ୍କ ନାମ ସକନ୍ ବିନ୍ ଜୌରା ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାରର କବିଲା ଖଜ୍‌ରଜ୍‌ର ଶାଖା ବନୁ ଅଦି ବିନ୍ ନଜାର୍ ସହିତ ଥିଲା । ହଜ୍‌ରତ୍ କଏସ୍ ନିଜର କୁନିୟତ୍ ଅବୁ ଜଏଦ୍ ନାମରେ ଅଧିକ ପ୍ରସିଦ୍ଧ ଥିଲେ । ସେ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ଓ ବାକି ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ତାଙ୍କର ଗଣନା ସେହି ସାହାବାମାନଙ୍କ ମଧ୍ୟରେ ହୋଇଥାଏ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ପବିତ୍ର କୋରାନ୍‌କୁ ଏକାଠି କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୪୦୬, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ଅସାବା ଖଣ୍ଡ-୫, ପୃଷ୍ଠା-୩୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଅନ୍‌ସାର ମାନଙ୍କ ମଧ୍ୟରୁ ଚାରିଜଣ ସାହାବୀ ପବିତ୍ର କୋରାନ୍‌କୁ ଜମା କରିଛନ୍ତି ଏବଂ ସେହି ଚାରିଜଣ ସାହାବୀ ହେଉଛନ୍ତି ଜଏଦ୍ ବିନ୍ ସାବିତ, ମୁଆଜ୍ ବିନ୍ ଜବଲ୍, ଉବୈୟା ବିନ୍ କାଆବ୍ ଏବଂ ଅନୁ ଜଏଦ୍ ଅର୍ଥାତ୍ କଏସ୍ ବିନ୍ ସକନ୍ ଏବଂ ଅବୁ ଜଏଦ୍‌ଙ୍କ ସମ୍ବନ୍ଧରେ ହଜ୍‌ରତ୍ ଅନସ୍ କହୁଛନ୍ତି କି ସେ ମୋର ଚାଚା ଥିଲେ । (ସହି ବୁଖାରୀ, କିତାବୁଲ୍ ମନାକିବ୍ ଅଲ୍ ଅନ୍‌ସାର୍...୩୮୧୦)

୮ହିଜ୍‌ରି ରେ ଆଁ ହଜ୍‌ରତ୍ ସ:ଆ:ସ ଅବୁ ଜଏଦ୍ ଅନ୍‌ସାରୀ ଓ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ ସହ୍‌ମୀଙ୍କୁ ଜୁଲନ୍ଦିଙ୍କ ଦୁଇଜଣ ପୁତ୍ର ଉବୈଦ୍ ଏବଂ ଜୈଫର୍‌ଙ୍କ ନିକଟକୁ ଗୋଟିଏ ଚିଠ ଦେଇ ପଠାଇଲି ଯେଉଁଥିରେ ତାଙ୍କୁ ଇସ୍‌ଲାମ୍ ନିମନ୍ତେ ନିମନ୍ତ୍ରଣ ଦିଆଯାଇଥିଲା ଓ ସେହି ଦୁଇଜଣଙ୍କୁ କହିଲେ କି ଯଦି ସେମାନେ ସତ୍ୟର ସାକ୍ଷୀ ଦେବେ ଅଲ୍ଲାଃ ଏବଂ ତା ରସୁଲ୍‌ର ଆଜ୍ଞାବହତା ସ୍ୱୀମାର କରିବେ ତେବେ ଉମ୍‌ରୋ ସେମାନଙ୍କର ଅମୀର୍ ହେବେ । ଓ ଅବୁ ଜଏଦ୍ ତାଙ୍କର ଇମାମୁସ୍ ସଲାତ୍ ହେବେ ଅର୍ଥାତ୍ ତାଙ୍କର ଧାର୍ମିକ ଅବସ୍ଥା ଆଁ ହଜ୍‌ରତ୍ ସ;ଆ:ସଙ୍କ ଦୃଷ୍ଟିକୋଣରେ ଅଧିକ ଉତମ ଥିଲା ବା ପବିତ୍ର କୋରାନ୍‌ର ଜ୍ଞାନ ଅଧିକ ଥିଲା । କହୁଛନ୍ତି ସେ ଇମାମୁସ୍ ସଲାତ୍ ହେବେ । ଏବ ସେମାନଙ୍କ ମଧ୍ୟରେ ଇସ୍‌ଲାମ୍‌ର ପ୍ରଚାର କରିବେ ଏବଂ ସେମାନଙ୍କୁ କୋରାନ୍ ଏବଂ ସୁନ୍ନତ୍‌ର ଶିକ୍ଷାଦେବେ । ସେହି ଦୁଇଜଣଯାକ ଅମାନ୍ ଗଲେ ଏବଂ ଉବୈଦ୍ ଓ ଜୈଫର୍‌ଙ୍କ ସହିତ ସମୁଦ୍ର କୁଳରେ ସହାଜ୍‌ଠାରେ ମିଶିଲେ । ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କର ଚିଠି ଦେଲେ ଏଥିରେ ସେମାନେ ଇସ୍‌ଲାମ ଗ୍ରହଣ କଲେ ଅର୍ଥାତ୍ ଦୁଇଜଣଯାକ ଇସ୍‌ଲାମୀ ଗ୍ରହଣ କଲେ । ପୁଣି ସେମାନେ ସେଠିକାର ଆରବୀୟ ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ ଦେଲେ । ତେଣୁ ସେମାନେ ମଧ୍ୟ ଇସ୍‌ଲାମ ଗ୍ରହଣ କରିନେଲେ । ଏବେ ଏହିପରି ତବ୍‌ଲିଗ୍ ମାଧ୍ୟମରେ ଇସ୍‌ଲାମ୍ ବ୍ୟାପୁଅଛି । ସେଠାରେ କୌଣସି ଯୁଦ୍ଧ, ହତ୍ୟାକାଣ୍ଡ ଏବଂ ତରବାରୀ ତ ଯାଇନଥିଲା । ପରିଶେଷରେ ସେହି ଆରବର ଲୋକମାନେ ମଧ୍ୟ ଇସ୍‌ଲାମ୍ ଗ୍ରହଣ କଲେ । ଉମ୍‌ରୋ ଏବଂ ଅବୁ ଜଏଦ୍ ଅମାନ୍‌ରେ ରହିଲେ ଏପରିକି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ହୋଇଗଲା । କିଛି ଲୋକଙ୍କ ମତରେ ଅବୁ ଜଏଦ୍ ତା ପୂର୍ବରୁ ମଦିନା ଚାଲିଆସିଥିଲେ । (ଫତୁହୁଲ୍ ବଲ୍‌ଦାନ୍, ପୃଷ୍ଠା-୫୩ ''ଅମାନ୍'' ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୦) ହଜ୍‌ରତ୍ କଏସ୍‌ଙ୍କ ସାହାଦତ୍ ୟୋମେ ଜିସର୍ ଅବସରରେ ହେଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ହଜ୍‌ରତ୍ ଉମର ର:ଅଙ୍କ ଖିଲାଫତ୍ ସମୟରେ ଇରାନୀମାନଙ୍କ ସହିତ ଯୁଦ୍ଧରେ ଫରାତ୍ ନଦୀ ଉପରେ ଯେଉଁ ପୋଲ ପ୍ରସ୍ତୁତ କରାଯାଇଥିଲା ସେଇଥିପାଇଁ ଉକ୍ତ ଯୁଦ୍ଧକୁ ୟୋମେ ଜିସର୍ କୁହାଯାଏ । (ମୁଅଜମଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃଷ୍ଠା-୧୬୨-୧୬୩ ''ଜିସର'' ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ଅବୁଲିୟସର୍ କାଆବ୍ ବିନ୍ ଉମ୍‌ରୋ । ତାଙ୍କର କୁନିୟତ୍ ଅବୁଲି ୟସର୍ ଥିଲା । ତାଙ୍କ କବିଲାର ନାମ ଥିଲା ବନୁ ସଲ୍‌ମା । ତାଙ୍କ ବାପାଙ୍କ ନାମ ଉମ୍‌ରୋ ବିନ୍ ଅବାଦ୍, ମାଆଙ୍କ ନାମ ନସିବା ବିନ୍‌ତେ ଅଜ୍‌ହର୍ ଥିଲା । ସେ କବିଲା ସଲ୍‌ମାର ଥିଲେ । ସେ ବୟତେ ଅକ୍‌ବାରେ ସାମିଲ୍ ହୋଇଥିଲେ । ଏବଂ ବଦର ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଛନ୍ତି । ବଦର୍ ଯୁଦ୍ଧ ଦିନ ସେ ହଜ୍‌ରତ୍ ଅବ୍‌ବାସଙ୍କୁ ବନ୍ଦୀ କରିଥିଲେ । ଏବଂ ମଦର ଯୁଦ୍ଧଦିନ ସେ ମୁସ୍‌ରିକମାନଙ୍କର ଧ୍ୱଜାକୁ ଅବୁ ଅଜିଜ୍ ବିନ୍ ଉମୈର୍‌ଙ୍କ ହାତରୁ ଛଡାଇ ନେଇଥିଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଅନ୍ୟ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ସିଫିନ୍ ଯୁଦ୍ଧରେ ମଧ୍ୟ ହଜ୍‌ରତ୍ ଅଲୀଙ୍କ ସହିତ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୩୨୬-୩୨୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) ଆଉଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ହଜ୍‌ରତ୍ ଅବ୍‌ବାସଙ୍କୁ ବଦର୍ ଯୁଦ୍ଧରେ ବନ୍ଦୀ କରିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉବୈଦ୍ ବନ୍ ଅଓସ୍ । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୫୨୮-୫୨୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍‌ଙ୍କ ଠାରୁ ବର୍ଣ୍ଣିତ ଯେ ବଦର୍ ଯୁଦ୍ଧ ଦିନ ଯେଉଁ ବ୍ୟକ୍ତିଜଣକ ହଜ୍‌ରତ୍ ଅବ୍‌ବାସ୍‌ଙ୍ଗ୍‌କୁ ବନ୍ଦି କରିଥିଲା ତାଙ୍କ ନାମ ଅବୁଲ୍ ୟସର୍ ଥିଲା । ଅବୁଲ୍ ୟସ୍‌ର୍ ସେ ସମୟରେ ପତଳା ବ୍ୟକ୍ତି ଥିଲେ ଓ କୋଡିଏ ବର୍ଷର ଯୁବକ ଥିଲେ । ଯେବେ କି ହଜ୍‌ରତ୍ ଅବ୍‌ବାସ୍ ଭାରି ଓ ମୋଟା ଶରୀର ସମ୍ପନ୍ନ ବ୍ୟକ୍ତି ଥିଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁଲ୍ ୟସର୍‌ଙ୍କୁ ପଚାରିଲେ କି ତୁମେ କିପରି ଅବ୍‌ବାସ୍‌କୁ ବନ୍ଦୀ କଲ ? ତୁମେ ତ ସମ୍ପୂର୍ଣ୍ଣ ରୂପେ ପତାଳ ଲୋକ କିନ୍ତୁ ଜଣେ ଲମ୍ବା, ଚଉଡା ମୋଟା ବ୍ୟକ୍ତିକୁ କିପରି ବନ୍ଦୀ କଲ । ଏଥିରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଜଣେ ବ୍ୟକ୍ତି ମୋତେ ସାହାଯ୍ୟ କରିଥିଲେ ଯାହାକୁ ମୁଁ ପୂର୍ବରୁ କେବେ ଦେଖିନଥିଲି ଓ ପରେ ବି ଦେଖିନାହିଁ । ତାଙ୍କର ଚେହୋର ଏପରି ଥିଲା । ତାଙ୍କ ଚେହେରାର ବର୍ଣ୍ଣନା ଶୁଣିବା ପରେ ରସୁଲୁଲ୍ଲାଃ ସ:ଆ:ସ କହିଲେ- ଲକଦ୍ ଆନକା ଆଲୈହି ମଲକୁନ୍ କରିମୁନ୍ ଅର୍ଥାତ୍ ନିଶ୍ଚିତ ରୂପେ ତୁମକୁ ଜଣେ ଫରିସ୍ତା ସାହାଯ୍ୟ କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୪, ପୃଷ୍ଠା-୮, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ବର୍ଣ୍ଣନାକ କରୁଛନ୍ତି କି ବଦର୍ ଯୁଦ୍ଧଦିନ ରସୁଲୁଲାଃ ସ:ଆ:ସ କହିଲେ କି ଯିଏ ଶତ୍ରୁକୁ ହତ୍ୟା କରିଛି ତା ପାଇଁ ଅମୁକ ଅମୁକ କିଛିଟା ହେବ । ସୁତରାଂ ମୁସଲ୍‌ମାନ୍‌ମାନେ ସତୁରୀଜଣ ମୁସ୍‌ରିକ୍‌ଙ୍କୁ ହତ୍ୟା କଲେ ଓ ସତୁରୀ ଜଣଙ୍କୁ ବନ୍ଦି ମଧ୍ୟ କଲେ । ହଜ୍‌ରତ୍ ଅବୁଲ୍ ୟସଲ୍ ଦୁଇଜଣଙ୍କୁ ବନ୍ଦି କରି ଆଣିଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଆମ ସହିତ ଯେଉଁ ପ୍ରତିଶୃତି କରିଥିଲେ ଅର୍ଥାତ୍ ଯେ କେହି ହତ୍ୟା କରିବା ତା ପାଇଁ ଅମୁକ ଜିନିଷ ହେବ ଯେ କେହି ବନ୍ଦି କରି ଆଣି ତାକୁ ଅମୁକ ଜିନିଷ ମିଳିବ । ମୁଁ ଦୁଇଜଣଙ୍କୁ ବନ୍ଦୀ କରି ନେଇଆସିଛି । (ଅଲ୍ ମୁସନ୍ନିଫ୍ ବାଦ ରଜାକ୍, ଖଣ୍ଡ-୫, ପୃଷ୍ଠା-୨୩୯, କିତାବୁଲ୍ ଜିହାଦ୍, ହଦିସ୍-୯୪୮୩, ଅଲ୍ ମକ୍‌ତବଲ୍ ଇସ୍‌ଲାମୀ ୧୯୮୩) । ଗୋଟିଏ ରିଓ୍ୱାୟତ୍ ମୁତାବକ ବଦର୍ ଯୁଦ୍ଧରେ ଅବୁଲ୍ ଜନ୍ତର୍‌ଙ୍କୁ ହତ୍ୟା କରିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅବୁଲ୍ ୟସର୍ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୯୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ହଜ୍‌ରତ୍ ସଲାନା ବିନ୍‌ତ୍ ମାକଲ ବର୍ଣ୍ଣନା କରୁଛନ୍ତି କି ମୁଁ ହୁବାବ୍ ବିନ୍ ଉମ୍‌ରୋଙ୍କ ଦାସତ୍ୱରେ ଥିଲି । ଏବଂ ତାଙ୍କ ଆଉ ମୋଠାରୁ ଗେଟିଏ ପୁତ୍ର ମଧ୍ୟ ଜନ୍ମ ହୋଇଥିଲା । ତାଙ୍କ ମୃତ୍ୟୁରେ ତାଙ୍କ ସ୍ତ୍ରୀ ମୋତେ ବତାଇଲେ ଯେ ଏବେ ତୁମକୁ ହୁବାବ୍‌ଙ୍କ କରଜର ପ୍ରତି ବଦଳରେ ବିକ୍ରି କରିଦିଆଯିବ । ତୁମର ପଦବୀ ଜଣେ କ୍ରୀତସାଦ ରୂପେ ଥିଲା । ତେଣୁ ତୁମକୁ ବିକ୍ରି କରିଦିଆଯିବ । ସେ କହୁଛନ୍ତି କି ମୁଁ ନବୀ କରିମ୍ ସ:ଆ:ସଙ୍କ ନିକଟରେ ହାଜର୍ ହୋଇ ସମସ୍ତ ଘଟଣା ବିଷୟରେ ବତାଇଲି । ଏଥିରେ ନବୀ କରିମ୍ ସ:ଆ:ସ ଲୋକମାନଙ୍କଠାରୁ ପଚାରି ବୁଝିଲେ କି ହୁବାବ୍ ବିନ୍ ଉମ୍‌ରୋଙ୍କ ସମ୍ପତିର ତତ୍ୱବଧାରକ କିଏ ? ଏଥିରେ ବତାଗଲା କି ତାଙ୍କ ଭାଇ ଅବୁଲ୍ ୟସର । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଡକାଇ କହିଲେ ଆଙ୍କୁ ବିକ୍ରି କରିବ ନାହିଁ ସେ ହେଉଛନ୍ତି ଲୌଣ୍ଡି । ଅର୍ଥାତ୍ ମହିଳାଦେ ସେବିକା । ତାଙ୍କୁ ବିକ୍ରି କରନାହିଁ ବରଂ ସ୍ୱାଧୀନ କରିଦିଅ ଏବଂ ଯେତେବେଳେ ତମକୁ ଜଣାପଡିବ ଯେ ମୋ ପାଖକୁ କୌଣସି ଗୁଲାମ୍ ଆସିଛି ତେବେ ତୁମେ ମୋ ନିକଟୁ ଆସିଯିବ । ମୁଁ ଆଙ୍କ ବଦଳରେ ତୁମକୁ ଆଉଗୋଟିଏ ଗୁଲାମ୍ ଦେଇଦେବି । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୮, ପୃଷ୍ଠା-୭୨୬, ହଦିସ୍-୨୭୫୬୯, ମସନଦ୍ ସଲାମା ବିନ୍‌ତେ ମାଅକଲ୍ ମୁଦ୍ରଣ ଆଲ୍‌ମୁଲ୍ କୁତୁବ୍ ବେରୁତ୍ ୧୯୯୮) ସୁତରାଂ ସେହିପରି ହିଁ ହେଲା ଆଁ ହଜ୍‌ରତ ସ:ଆ:ସ ତାକୁ ସ୍ୱାଧିନ କଲେ ଏବଂ ତାଙ୍କୁ ଗୋଟିଏ ଗୁଲାମ୍ ଯୋଗାଇଦେଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତମୁନ୍ ନବିଇନ୍‌ରେ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି ଯେ ଅବାଦା ବିନ୍ ଓ୍ୱଲିଦ୍ ରିଓ୍ୱାୟତ୍ କରୁଛନ୍ତି କି ଏକଦା ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବୀ ଅବୁଲ୍ ୟସର୍‌ଙ୍କ ସହିତ ସାକ୍ଷାତ୍ କଲୁ । ସେତେବେଳେ ତାଙ୍କ ସହିତ ଜଣେ ଗୁଲାମ ମଧ୍ୟ ଥିଲେ ଓ ଆମେ ଦେଖିଲୁ ଯେ ଗୋଟିଏ ଧାରିଦାର୍ ଚାଦର ଏବଂ ଗୋଟିଏ ୟମନି ଚାଦର ତାଙ୍କ ଶରୀରରେ ଥିଲା । ସେହିପରି ତାଙ୍କ ଗୁଲାମ୍ ଶରୀରରେ ମଧ୍ୟ ସେହି ଦୁଇ ପ୍ରକାରର ଚାଦର ମଧ୍ୟ ଥିଲା । ମୁଁ ତାଙ୍କୁ କହିଲି ଚାଚା ତୁମେ ଏପରି କାହିଁକି କଲନାହିଁ କି ନିଜ ଗୁଲାମ୍‌ର ଧାରିଦାର୍ ଋଦରକୁ ନିଜେ ନେଇଥାନ୍ତ ଓ ନିଜ ଚାଦର ତାକୁ ଦେଇଥାନ୍ତ ବା ତାଙ୍କ ୟମନି ଚାଦର ନିଜେ ନେଇଥାନ୍ତ ଓ ନିଜର ଧାରିଦାର ଚାଦରକୁ ତାକୁ ଦେଇଥାନ୍ତ । ଏହିପରି ତୁମ ଦୁଇଜଣଙ୍କ ଶରୀରରେ ଗୋଟିଏ ପ୍ରକାର ଯୋଡା ରହିଥାନ୍ତା । ଏଥିରେ ସେ ମୋ ମୁଣ୍ଡ ଉପରେ ହାତ ବୁଲାଇ ମୋ ପାଇଁ ପ୍ରାର୍ଥନା କରି କହିଲେ- ପୁତୁରା ଏହି ଆଖିଯୁଗଳ ଦେଖିଛି ଓ ମୋର ଏହି ଦୁଇଟି କାନ ଶୁଣିଛି ଓ ମୋର ଏହି ହୃଦୟ ତାକୁ ନିଜ ଭିତରେ ସ୍ଥାନ ଦେଇଛି ସେ ରସୁଲୁଲ୍ଲାଃ ସ:ଆ:ସ କହୁଥିଲେ କି ନିଜ ଗୁଲାମ୍‌କୁ ସେହି ଖାଦ୍ୟ ଖାଇବାକୁ ଦିଅ ଯାହାକୁ ତୁମେ ନିଜେ ଖାଇଥାଅ ଏବଂ ସେହି ବସ୍ତ୍ର ପିନ୍ଧିବାକୁ ଦିଅ ଯାହାକୁ ତୁମେ ନିଜେ ପିନ୍ଧିଥାଓ । ସୁତରାଂ ମୁଁ ଏକଥାକୁ ପସନ୍ଦ କରେ କି ମୁଁ ସାଂସାରିକ ଧନସମ୍ପତି ମଧ୍ୟରୁ ନିଜ ଗୁଲାମ୍‌କୁ ସମାନଭାଗ ଦେବି ଫଳତଃ କୟାମତ୍ ଦିନ ମୋର ପୂଣ୍ୟରେ କିଛି କମ୍ ନହେଉ । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ, ପୃଷ୍ଠା-୩୮୩) *ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ସୟଦ୍‌ନା ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ନତ ଉପରେ ପରିଚାଳିତ ହୋଇ ଏ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ବଂଚାଇବା ନିମନ୍ତେ ବହୁତ ପ୍ରାର୍ଥନା କରୁଛନ୍ତି ଏବଂ ପ୍ରତ୍ୟେକ ସ୍ଥାନରେ ପହଂଚି ଏ ଉପଦେଶ ଦେଉଛନ୍ତି ଯେ କିପରି ତୃତୀୟ ବିଶ୍ୱଯୁଦ୍ଧରୁ ବଂଚାଯାଇପାରିବ । ପିସ୍ ସିମ୍ପୋଜିୟମ୍ ଜରିଆରେ, ପାର୍ଲିଆମେଂଟ୍ ଗୁଡିକରେ ଅଭିଭାଷଣ ପ୍ରଦାନ କରି, ଲିଡର୍‌ମାନଙ୍କ ସହିତ ସାକ୍ଷାତ୍ କରି, ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ୍ ମିଡିଆ ମାଧ୍ୟମରେ ଉପଦେଶ ଦେଉଛନ୍ତି । ଆମକୁ ମଧ୍ୟ ଯୁଗ ଖଲିଫାଙ୍କ ଆଦର୍ଶ ଉପରେ ପରିଚାଳିତ ହୋଇ ବହୁତ ପ୍ରାର୍ଥନା କରିବାକୁ ପଡିବ ଯେ ଅଲ୍ଲାଃତାଲା ନିଜ କରୁଣା ଓ ଦୟାବଳରୁ ଏ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ବଂଚାନ୍ତୁ । ତେଣୁ ଆମ ସମସ୍ତଙ୍କୁ ଏ ସମ୍ବନ୍ଧରେ ପୂର୍ବାପେକ୍ଷା ଆହୁରି ଅଧିକା ତବ୍‌ଲିଗ୍ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆମକୁ ଉପଦେଶ ଦେଇ କହୁଛନ୍ତି:- ତୃତୀୟ ବିଶ୍ୱଯୁଦ୍ଧ ହେବା ପୂର୍ବରୁ ଆମକୁ ପ୍ରଥମେ ଖୁବ୍ ତବ୍‌ଲିଗ୍ କରିବାକୁ ହେବ । ତେଣୁ ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚନ୍ତୁ ଏବଂ ସେମାନଙ୍କୁ ଜମାତ୍ ବିଷୟରେ ପରିଚୟ ପ୍ରଦାନ କରନ୍ତୁ । ଜମାତ୍‌ର ପରିଚୟ ଶାନ୍ତି ନାମରେ ହିଁ କରାନ୍ତୁ । Stopping Neclear Holocaust ନାମରେ ବା Existence of God ନାମରେ କରନ୍ତୁ ।

ଗୋଟିଏ ପ୍ରଶ୍ନ କରାଯାଇଥିଲା ଯେ ହଜୁର୍ ଆପଣଙ୍କର ସବୁଠାରୁ ଭୟ କଣ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର ଭୟ ହେଉଛି ଏହା କି ତୃତୀୟ ବିଶ୍ୱଯୁଦ୍ଧ ପରେ ଯେବେ ଲୋକମାନେ ଇଶ୍ୱରଙ୍କୁ ଖୋଜିବେ ଧର୍ମ ଆଡକୁ ଗତି କରିବେ କଣ ଆମ ଅହେମଦୀ ମାନଙ୍କର ଏତେ ମାତ୍ରାରେ ଟ୍ରେନିଂ ହୋଇସାରିଛି କି ? କଣ ଆମର ସମ୍ବନ୍ଧ ଅଲ୍ଲାଃତାଲାଙ୍କ ସହିତ ସ୍ଥାପନ ହୋଇସାରିଛି କି ? କଣ ଆମେ ସଠିକ୍ ରୂପେ ସମୟ ମୁତାବକ ପାଂଚବେଳା ନମାଜ ପଢୁଛେ କି ? ତୃତୀୟ ବିଶ୍ୱଯୁଦ୍ଧ ପରେ ଯେତେବେଳେ ଲୋକମାନେ ଆମ ନିକଟକୁ ଆସିବେ, ଯେତେବେଳେ ଗୋଟିଏ ବ୍ରେକ୍ ଥ୍ରୁ ହେବ ସେତେବେଳେ କଣ ଆମେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ଯୋଡିବା ପାଇଁ ପ୍ରସ୍ତୁତ ଅଛେ କି ? କଣ ଆମର କାର୍ଯ୍ୟ ଏପରି ଅଛି ଯାହା ସେମାନଙ୍କ ପାଇଁ ଉଦାହରଣ ହୋଇପାରିବ ? କଣ ଆମର ଦୀନୀ ଶିକ୍ଷା ଏତେ ମାତ୍ରାରେ ଅଛି କି ଆମେ ସେମାନଙ୍କୁ ଦୀନ୍‌ର ପ୍ରକୃତ ରାସ୍ତା ଦେଖାଇପାରିବା ?

ଇଜ୍‌ଲାସ୍‌ର ତୃତୀୟ ତକ୍‌ରୀର୍ ମୋହତ୍‌ରମ୍ ମୌଲାନା ଜହିର୍ ଅହେମଦ୍ ଖାଦିମ୍ ସାହେବ୍ ଆଡିସିନାଲ୍ ନାଜିର୍ ଦାଓ୍ୱତେ ଇଲଲ୍ଲାଃ କୁନୁବିହିନ୍ଦ୍ *''ମୌଜୁଦା ଜମାନେ କେ ହାଲାତ୍ ଅଓର୍ ଦାଓ୍ୱତେ ଇଲଲ୍ଲାଃ କି ଅହ୍‌ମୀୟତ୍''* (ଅର୍ଥାତ୍ ବର୍ତମାନ ଯୁଗର ଅବସ୍ଥା ଏବଂ ଦାଓ୍ୱତେ ଇଲଲ୍ଲାଃର ଗୁରୁତ୍ୱ) ବିଷୟ ଉପରେ ପ୍ରଦାନ କଲେ । ସେ କହିଲେ କି ଆଜି ସାରା ପୃଥିବୀରେ ଚାରିଆଡେ ଅଶାନ୍ତି, ଅସନ୍ତୋଷ, ମାଡପିଟ୍ ଓ ଯୁଦ୍ଧ ଇତ୍ୟାଦି ବଢ଼ି ଚାଲିଛି । କିଛି ଦେଶଗୁଡିକରେ ଜନତା ସରକାରଙ୍କ ବିରୋଧରେ ଛିଡା ହୋଇଛି ଓ କିଛି ଦେଶ ଗୁଡିକରେ ସରକାର ହିଁ ନିଜ ଜନତାଙ୍କ ବିରୁଦ୍ଧରେ ଛିଡା ହୋଇଛି । ସନ୍ତ୍ରାସବାଦ୍‌ର ତତ୍ୱ ନିଜର ବିଶେଷ ହିତ ସାଧନ ନିମନ୍ତେ ବିଭେଦତା ଓ ଅଶାନ୍ତିର ବହ୍ନିକୁ ପ୍ରଜ୍ୱଳିତ କରୁଅଛି ଏବଂ ନିରୀହ ମହିଳା, ପିଲା ଏବଂ ବୃଦ୍ଧ ମାନଙ୍କୁ ଅନ୍ୟାୟାସରେ ହତ୍ୟା କରୁଛନ୍ତି । ଏହିପରି ପରିସ୍ଥିତିରେ ଅହେମଦୀୟତ୍ ହିଁ ବର୍ତମାନ ସମୟରେ ଏ ସଂସାରକୁ ଧ୍ୱଂସ ମୁଖରୁ ବଂଚାଇବା ପାଇଁ ଶେଷ ମାଧ୍ୟମ ଅଟେ ଯାହା ଅଲ୍ଲାଃତାଲାଙ୍କ ତରଫରୁ ଜାରି କରାଯାଇଛି । ଶେଷ (ମାଧ୍ୟମ) ଏ ଅର୍ଥରେ କି ଯଦି ଏହା ମଧ୍ୟ ଅସଫଳ ହୋଇଯିବ ତେବେ ଏ ସଂସାର ନିଶ୍ଚିତ ରୂପେ ନିଃଶେଷ ହୋଇଯିବ ଓ ଶେଷ ମାଧ୍ୟମ ଏ ଅର୍ଥରେ ମଧ୍ୟ କି ଯଦି ଏହା ସଫଳ ହୋଇଯିବ ତେବେ ଅଲ୍ଲାଃତାଲାଙ୍କ ଦୟାବଳରୁ ଏ ପୃଥିବୀକୁ ସେହି ପ୍ରକାରର ବିଧ୍ୱଂସର କୌଣସି ଭୟ ବହୁଦିନ ପର୍ଯ୍ୟନ୍ତ ରହିବନାହିଁ ।

ଦାଓ୍ୱତେ ଇଲଲ୍ଲାଃର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନିର୍ବାହ କରୁଥିବା ଲୋକମାନଙ୍କ ନିମନ୍ତେ ସୁସମାଚର ପ୍ରଦାନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ''ତୁମ ପାଇଁ ଏ ସୁ ସମାଚର ରହିଛି କି (ଇଶ୍ୱରଙ୍କ) ନିକଟତର ହେବାର କ୍ଷେତ୍ର ଖାଲିପଡିଛି । ପ୍ରତ୍ୟେକ ଜାତି ବର୍ତମାନ ଏ ସଂସାର ମୁହଁରେ ପଡିଛି ଏବଂ ଯେଉଁ କଥାଦ୍ୱାରା ଇଶ୍ୱର ପ୍ରସନ୍ନିତ ହେବେ ସେଥିପ୍ରତି ଏ ସଂସାରବାସୀଙ୍କୁ ଧ୍ୟାନ ନାହିଁ । ଯେଉଁ ଲୋକମାନେ ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଏହି ଫାଟକରେ ପ୍ରବେଶ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ହେଉଛି ଏକ ଅବସର । ତେଣୁ ନିଜର କୌଶଳ ଦେଖାନ୍ତୁ ଏବଂ ଇଶ୍ୱରଙ୍କ ଠାରୁ ବିଶେଷ ପୁରସ୍କାର ପାଆନ୍ତୁ'' (ରୁହାନି ଖଜାଏନ୍, ଖଣ୍ଡ-୨୦, ଅଲ୍ ଓ୍ୱସିୟତ୍, ପୃଷ୍ଠା-୩୦୮)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ଆମକୁ ଦାଓ୍ୱତେ ଇଲଲ୍ଲାଃ ପ୍ରତି ଧ୍ୟାନ ଆକର୍ଷଣ କରାଇ ନିର୍ଦ୍ଦେଶ ଦେଉଛନ୍ତି କି:- ''ପୃଥିବୀର ପ୍ରତ୍ୟେକ ଅହେମଦୀ ନିଜ ପାଇଁ ଏ ଦାୟିତ୍ୱ ବହନ କରିନିଅନ୍ତୁ ଯେ ସେ ବର୍ଷକରେ ଅତି କମ୍‌ରେ ଏକ ବା ଦୁଇଥର, ଏକ ବା ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହି କାର୍ଯ୍ୟ ନିମନ୍ତେ ନିଜକୁ ଓ୍ୱକ୍‌ଫ୍ (ଉତ୍ସର୍ଗ) କରିବ..... ସମ୍ପୂର୍ଣ୍ଣ ନିଷ୍ଠାର ସହିତ ସମସ୍ତ ଶକ୍ତିକୁ ନିଜକୁ ଏହି କାର୍ଯ୍ୟ ନିମନ୍ତେ ବିନିଯୋଗ କରିବା ଉଚିତ୍ । ସେ ହଲାଣ୍ଡର ଅହେମଦୀ ହେଉ ବା ଜର୍ମାନୀର ବା ବେଲ୍‌ଜିୟମ୍‌ର ବା ଫ୍ରାନ୍‌ସ୍‌ର ବା ୟୁରୋପ୍‌ର କୌଣସି ଦେଶରୁ ମଧ୍ୟ ହେଉ ବା ପୃଥିବୀର କୌଣସି ଦେଶରୁ ମଧ୍ୟ ହେଉ । ଘାନାର ହେଉ, ଆଫ୍ରିକାର ହେଉ, ବୁର୍କିନାଫାଶୋର ହେଉ, କାନାଡାର ହେଉ, ଆମେରିକାର ହେଉ ବା ଏସିୟାର କୌଣସି ଦେଶର ହେଉ, ପ୍ରତ୍ୟେକକୁ ବର୍ତମାନ ଏ ସମ୍ବନ୍ଧରେ ସତର୍କ ହେବା ଉଚିତ୍ । ଯଦି ଏ ପୃଥିବୀକୁ ଧ୍ୱଂସ ମୁଖରୁ ବଂଚାଇବାକୁ ଚାହୁଁଛ ତେବେ ପ୍ରତ୍ୟେକକୁ ବହୁତ ଉତ୍ସାହିତ ହୋଇ ଓ ସଉକ୍‌ର ସହିତ ଏହ ବାର୍ତାକୁ ପଂହଚାନ୍ତୁ । ନିଜ ଦେଶର ଲୋକମାନଙ୍କୁ ଏହି ବାର୍ତା ପହଂଚାନ୍ତୁ ଓ ଯେପରିକି ମୁଁ କହିସାରିଛି ଯେ ଏ ପୃଥିବୀକୁ ହିଁ ଧ୍ୱଂସ ମୁଖରୁ ବଂଚାନ୍ତୁ କାରଣ ଏବେ ଅଲ୍ଲାଃତାଲାଙ୍କ ପ୍ରତି ନତମସ୍ତକ ହେବା ବିନା କୌଣସି ଜାତି ମଧ୍ୟ ସୁରକ୍ଷିତ ରହିପାରିବ ନାହିଁ ତେଣୁ ବର୍ତମାନ ସେମାନଙ୍କୁ ବଂଚାଇବା ପାଇଁ ଦାୟିୟାନେ ଇଲଲ୍ଲାଃଙ୍କର ଏକ ବିଶେଷ ସଂଖ୍ୟା ବା ବିଶେଷ ଟାର୍ଗେଟ୍ ହାସଲ୍ କରିବାର ସମୟ ନାହିଁ.....ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଅହେମଦୀ ଏହି ବାର୍ତାକୁ (ଲୋକମାନଙ୍କ ନିକଟରେ) ପହଂଚାଇବା ନିମନ୍ତେ ଲାଗିଯାଉ'' । (ଖୁତ୍‌ବା ଜୁମା, ପ୍ରଦତ ୦୪ ଜୁନ୍ ୨୦୦୪)

**ଅତିଥି ମାନଙ୍କ ମନୋଭାବ ବ୍ୟକ୍ତ**

ଏହାପରେ ମୋକରମ୍ ଡାକ୍ତର୍ ଉସାମାଃ ଅବ୍‌ଦୁଲ୍ ଅଜିମ୍ ସାହେବ୍ ଅଫ୍ ମିଶର୍ ଆରବୀ ଭାଷାରେ ନିଜର ମନୋଭବକୁ ପରିପ୍ରକାଶ କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ତାହେର ନଦିମ୍ ସାହେବ୍ ଅଫ୍ ୟୁ.କେ ଉପସ୍ଥାପନ କଲେ । ଉସାମା ଅବ୍‌ଦୁଲ୍ ଅଜିମ୍ ସାହେବ କହିଲେ:-ଜୀବନରେ ପ୍ରଥମଥର ପାଇଁ ମୋତେ କାଦିଆନ୍‌ରେ ଉପସ୍ଥିତ ହେବାପାଇଁ ସୌଭାଗ୍ୟ ମିଳିଅଛି । ମୋ ମତରେ ମୋ ପାଇଁ କାଦିଆନ୍ ଆସିବା ଅସମ୍ଭବ ଥିଲା । କାରଣ ବହୁତ ଲମ୍ବା ଅବଧି ପର୍ଯ୍ୟନ୍ତ ମୋ ଗଣନା ଜମାତ୍‌ର ଭୀଷଣ ବିରୋଧିମାନଙ୍କ ମଧ୍ୟରେ ହେଉଥିଲା । ଏହି ମୁଖାଲିଫତ୍ ଯୋଗୁ ଜମାତ୍ ବିରୋଧରେ ଆମ ଦେଶରେ ମିଥ୍ୟା ପ୍ରପଗଣ୍ଡା ଏବଂ ମିଥ୍ୟାରୋପ ଲାଗିରହିଛି ଯେଉଁଥିପାଇଁ ମୋର ଏବଂ ମୋ ଭଳି ଯୁବକମାନଙ୍କର ମୁଣ୍ଡ ଭିତରେ ଜମାତ୍ ସମ୍ବନ୍ଧରେ ଏହି ଗୋଟିଏ ଛବି ଥିଲା ଯେ ଏହା ଇସ୍‌ଲାମ୍ ବିରୋଧରେ ଗୋଟିଏ ନୁଆ ଧର୍ମ ଅଟେ ଏବଂ ଏହି ଜମାତ୍‌ର ସଦସ୍ୟମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖତ୍‌ମେ ନବୁଓ୍ୱତ୍ (ନବୀ ମାନଙ୍କ ମୋହର) ର ଅମାନ୍ୟକାରୀ ଅଟନ୍ତି । ଯେପରିକି କଥା ଅଛି ଯେ ମିଥ୍ୟା ଲମ୍ବା ସମୟ ପର୍ଯ୍ୟନ୍ତ ସ୍ଥାୟୀ ରହିପାରେନାହିଁ ସୁତରାଂ ମୋ ସହିତ ମଧ୍ୟ ସେହିପରି ହେଲା ଏବଂ ଅଲ୍ଲାତାଲାଙ୍କ ଇଛା ମୁତାବକ ମୋତେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କ ପୁସ୍ତକ ପଢ଼ିବା ନିମନ୍ତେ ଅବସର ମିଳିଲା । ମୁଁ ତାଙ୍କ ପୁସ୍ତକ ଗୁଡିକୁ ସତ୍ୟତାରେ ପରିପୂର୍ଣ୍ଣ ଏବଂ ଖୁଦାତାଲା ଓ ତା ରସୁଲ୍ ସ:ଆ:ସଙ୍କ ସହିତ ଅସୁମାରୀ ପ୍ରେମଭାବରେ ପରିପୁର୍ଣ୍ଣ ରହିଥିବାର ପାଇଲି । ତାଙ୍କ ବାଣୀ ଏବଂ ତାଙ୍କ ବାଣୀରେ ମିଳୁଥିବା ସତ୍ୟତାର ଆଲୋକ ସମ୍ମୁଖରେ ମିଥ୍ୟାର ସମସ୍ତ ପ୍ରତିମା ଭାଙ୍ଗି ଚୁର୍‌ମାର୍ ହୋଇଗଲା । ଆଗକୁ କିଛି ନିଷ୍ପତି ନେବା ପୂର୍ବରୁ ମୁଁ ଇଶ୍ୱରଙ୍କ ଆଡକୁ ଢ଼ଳିଲି ଏବଂ ପବିତ୍ର ରମ୍‌ଜାନ୍ ମାସ ୨୦୧୪ ମସିହାର ଗୋଟିଏ ରାତିରେ ଉଠି ଅତ୍ୟନ୍ତ ବ୍ୟାକୁଳତାର ସହିତ ପ୍ରାର୍ଥନା କଲି କି ହେ ଇଶ୍ୱର ତୁମେ ମୋତେ ମିର୍ଜା ଗୁଲାମ୍ ଅହେମଦ୍‌ଙ୍କ ସମ୍ବନ୍ଧରେ ବତାଇଦିଅ ଯେ ବାସ୍ତବରେ ସେ ସେହି ମସିହ୍ ମଉଦ୍ ଅଟନ୍ତି କି ଯାହାଙ୍କ ଅପେକ୍ଷା ସମସ୍ତ ଉମ୍ମତ୍ କରିଛନ୍ତି ? ଏଥିରେ ଇଶ୍ୱରଙ୍କ କୃପା ଅବତୀର୍ଣ୍ଣ ହେଲା ଏବଂ ଇଶ୍ୱରଙ୍କ ତରଫରୁ ମୋତେ ଖୁବ୍‌ଶିଘ୍ର ଉତର ମିଳିଗଲା । ମୁଁ ନିଦ୍ରାବସ୍ଥାରେ ଏବଂ ଜାଗ୍ରତ ଅବସ୍ଥାରେ ଅତ୍ୟନ୍ତ ପ୍ରଭାବଶାଳୀ ଶବ୍ଦଦ୍ୱାରା ଏହି ବାଣୀ ଶୁଣିଲି - *ମିନହ୍‌ତୁହୁ ମକ୍‌ଅଦା ସିଦ୍‌କ୍ ଇନ୍ଦ ମଲିକ ମୁକ୍‌ତଦିର୍ ।* ଅର୍ଥାତ୍ ମୁଁ ତାଙ୍କୁ ମୁକତଦର୍ ସମ୍ରାଟଙ୍କ ନିକଟରେ ସତ୍ୟତାର ପଦମର୍ଯ୍ୟାଦାରେ ମଣ୍ଡିତ କଲି । ଏହି (ଐଶ୍ୱରିକ) ବାଣୀ ମୋ ଶରୀରର ଅଣୁ ଅଣୁକୁ ଦୋହଲାଇ ଦେଲା । ମୁଁ ଖୁଦାଙ୍କ ରାଣ ଖାଇ କହୁଅଛି ଯେ ଯେଉଁଭଳି ମୁଁ ସୂର୍ଯ୍ୟକୁ ଦେଖି ତାର ଆଲୋକ ସମ୍ବନ୍ଧରେ କୌଣସି ପ୍ରକାରର ସନ୍ଦେହ କରିପାରେନାହିଁ ସେହିପରି ଗୋଟିଏ କ୍ଷଣପାଇଁ ମଧ୍ୟ ସେହି ବାଣୀର ସତ୍ୟତା ଉପରେ ସନ୍ଦେହ କରିପାରିବି ନାହିଁ । ସୁତରାଂ ଏହାପରେ ଅଲ୍ଲାଃତାଲା ମୋତେ ସେହି ଦାଇ (ନିମନ୍ତ୍ରଣକାରୀ)ର ଶବ୍ଦ ଉପରେ ଲବ୍‌ବେକ୍ କହିବା ପାଇଁ ଶକ୍ତି ପ୍ରଦାନ କଲେ । ଏବଂ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍‌ଙ୍କ ବୟତ କରିନେଲି । ପୁଣି ଅଲ୍ଲାଃତାଲା ଦୟାକଲେ ଏବଂ ମୋତେ ଏହି ଦେଶରେ ଦର୍ଶନ କରିବାର ସୌଭାଗ୍ୟ ମଧ୍ୟ ପ୍ରଦାନ କରିଛନ୍ତି ଯାହା ଉପରେ ହଜ୍‌ର୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ପାଦ ପଡିଛି । ଏବଂ ମୁଁ ଏହା କହିବାକୁ ଚାହୁଁଅଛି ଯେ ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିନେଇଛି । ମୁଁ ଇସ୍‌ଲାମ୍‌ର ଭବିଷ୍ୟବାଣୀ ଗୁଡିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚା ସେବକଙ୍କ ଦ୍ୱାରା ପୂରଣ ହେଉଥିବାରେ ଦେଖିସାରିଛ । ମୋତେ ଏପରି ଅନୁଭବ ହୋଇସାରିଛି ଯେ କାଦିଆନ୍‌ର ପରିବେଶରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଆତ୍ମା ଏପର୍ଯ୍ୟନ୍ତ ବ୍ୟାପି ରହିଛି ଏବଂ ଆପଣ ଆ:ସଙ୍କ ସେହି ପବିତ୍ର ପାଦର ଶବ୍ଦ ମଧ୍ୟ ଏପର୍ଯ୍ୟନ୍ତ ସତେଜ ରହିଛି ଯେତେବେଳେ ଆପଣ ଆ:ସ ଇସ୍‌ଲାମ୍‌ର ବାର୍ତାକୁ ନେଇ ଏହି ଗଳିକନ୍ଦିରେ ଚାଲୁଥିଲେ । ମସ୍‌ଜିଦ୍ ମୁବାରକ୍, ବଇତୁଦ୍ ଦୁଆ ଏବଂ ବଇତୁଲ୍ ଫିକର୍‌ରେ ସଜ୍‌ଦା କରିବା ସମୟରେ ମୋ ଆଖିରୁ ଅଶ୍ରୁ ବହିପଡିଲା କାରଣ ଏହି ସବୁ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କାନ୍ଦି କାନ୍ଦି ଦୁଆ କରୁଥିଲେ । ଏବଂ ଇସ୍‌ଲାମ୍‌ର ପ୍ରତିରକ୍ଷା ଓ ନବୀ କରିମ୍ ସ:ଆ:ସଙ୍କ ସମ୍ମାନର ସୁରକ୍ଷା ନିମନ୍ତେ ଜିହାଦ୍ କରିଥିଲେ । ଯେତେବେଳକୁ ମୁଁ ଆପଣ ଆ:ସଙ୍କ ପବିତ୍ର କବର୍ ସମ୍ମୁଖରେ ଛିଡାହେଲି ସେତେବେଳେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଲାମ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପହଂଚାଇଲି । ସେହି ମଉଦ୍‌ଙ୍କୁ ଏହି ବସ୍ତିରେ ପ୍ରକଟ ହେବାର ୧୨୫ ବର୍ଷ ବିତିଗଲାଣି, ଯିଏ ଆଶି ଏ ଘୋଷଣା କଲେ କି ସେ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଅଟନ୍ତି । ଏକଥା କହିଲେ ଯେ ଖୁଦାତାଲା ମୋ ସହିତ ପ୍ରତିଶୃତି କରିଛନ୍ତି ଯେ ମୁଁ ତୁମ ତବ୍‌ଲିଗ୍ (ବାର୍ତା) କୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବି । ପୁଣି ଏ ପୃଥିବୀ ଏକଥା ଦେଖିନେଲା ଯେ ଅଳ୍ପ ସମୟ ହିଁ ବିତିଥିଲା କି ନାହିଁ, ଇଶ୍ୱରଙ୍କ ଭବିଷ୍ୟବାଣୀ ପୁରଣ ହେଲା । ଏବଂ ଗୋଟିଏ ଅପରିଚିତ ବସ୍ତି ପୃଥିବୀର ପ୍ରସିଦ୍ଧତମ ବସ୍ତି ହୋଇଗଲା । ଏ ପୃଥିବୀରେ ଅନେକ ଲୋକ ମେହ୍‌ଦୀ ହେବାର ଦାବୀ କରିଛନ୍ତି । ଏବଂ ସେମାନେ ନିଜର ତବ୍‌ଲିଗ୍‌କୁ ପୃଥିବୀରେ ପ୍ରଚାର ପ୍ରସାର ହେବା ନିମନ୍ତେ ଭବିଷ୍ୟବାଣୀ ମଧ୍ୟ କରିଛନ୍ତି । କିନ୍ତୁ ମାତ୍ର ଜଣକୁ ଛାଡିଦେଲେ ଆଉ କାହାର କଥା ପୁରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହଶ୍‌ତି ମକ୍‌ଓ୍ୱରାଃରେ ଦଫନ ହୋଇଛନ୍ତି ଯାହାଙ୍କ କବର ଫଳକରେ ଲେଖାହୋଇଛି ''ପବିତ୍ର କବର ହଜ୍‌ରତ୍ ଅକ୍‌ଦସ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ୍ ମଉଦ୍ ଓ୍ୱ ଇମାମ୍ ମେହ୍‌ଦୀ ଆ:ସ'' । ଆଜି ମୁଁ ଏହି କାଦିଆନ୍‌ରୁ ପୃଥିବୀବାସୀଙ୍କ ନିମନ୍ତେ ଏ ପ୍ରଶ୍ନ ପଚାରୁଛି ଯେ କଣ ଏତେ ମାତ୍ରାରେ ଭବିଷ୍ୟବାଣୀ ଗୁଡିକ ପୂରଣ ହେବା ପରେ ମଧ୍ୟ ସେହି ବ୍ୟକ୍ତିଙ୍କ ସତ୍ୟତାରେ କୌଣସି ଶଙ୍କା ରହିବାର ସ୍ଥାନ ରହିଛି କି ? ପରିଶେଷରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ଆରବୀ ପଦକୁ ପଢ଼ି ସେ ନିଜର ଭାଷଣକୁ ଶେଷ କଲେ ଯାହାର ଅନୁବାଦ ହେଉଛି ଏପରି:- ''ହେ ଇଶ୍ୱର ! ତୁମେ ଆମର ସୟଦ୍ ଓ୍ୱ ମୌଲାଙ୍କ ଉମ୍ମତ୍‌ର ଅବସ୍ଥାକୁ ନିଜେ ହିଁ ସୁଧାରି ଦିଅ କାରଣ ତୁମ ନିକଟରେ ଏହା ବହୁତ ସହଜ ଓ ଆମ ନିକଟରେ ଏହା ବହୁତ କଷ୍ଟକର ।

ଏହାପରେ ମୋକରମ୍ ଓ୍ୱଲିରି ଇସ୍‌ମାଇଲ୍ ସାହେବ୍ ଅଫ୍ ମସ୍‌କୋ ନିଜର ବିଶ୍ୱାସବର୍ଦ୍ଧକ ମନୋଭାବକୁ ପରିପ୍ରକାଶ କଲେ । ତାର ଉର୍ଦ୍ଦୁ ଅନୁବାଦ ମୋକରମ୍ ତାହେର୍ ଅହେମଦ୍ ତାରିକ୍ ସାହେବ୍ ନାଏବ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ମର୍କଜିୟା ଉପସ୍ଥାପନ କଲେ । ସେ ବତାଇଲେ କି:- ''ମୁଁ ଜଣେ ଐତିହାସିକ ରୂପେ ବହୁ ଦିନ ହେବ ଇସ୍‌ଲାମୀୟ ଇତିହାସ ଏବଂ ଅନ୍ୟ ଧର୍ମ ସମୂହର ଇତିହାସକୁ ଅଧ୍ୟୟନ କରୁଅଛି । ଜନ୍ମଗତ ରୂପେ ମୁଁ ଖ୍ରୀଷ୍ଟିୟାନ୍ ଥିଲି କିନ୍ତୁ ମୋ ଗବେଷଣା ମୋତେ ୨୦୦୨ ମସିହାରେ ଇସ୍‌ଲାମ୍ ଆଡକୁ ନେଇଆସିଲା । ଏବଂ ମୁଁ ବୁଝିପାରିଲି ଯେ ଇସ୍‌ଲାମ୍ ଅନ୍ୟ ସମସ୍ତ ଧର୍ମ ର ଏକଶ୍ୱରବାଦର ଶିକ୍ଷା ଏବଂ ମାନବିକ ସଂସ୍କୃତିକୁ ନିଜ ଭିତରେ ଏକତ୍ରିତ କରିରଖିଛି । ଏହି ଗବେଷଣାର ଆଧାରରେ ମୋ ଜ୍ଞାନ୍ତ ସାରରେ ଏକଥା ମଧ୍ୟ ଆସିଲା କି ଏ

ସମ୍ବନ୍ଧରେ ସବୁଠାରୁ ଅଧିକା କାର୍ଯ୍ୟ ଓ ପ୍ରୋତ୍ସାହନ ଜମାତ୍ ଅହେମଦୀୟା ହିଁ କରୁଅଛି । କିନ୍ତୁ ମୁଁ ସର୍ବଦା ଅହେମଦୀୟତ୍ ସମ୍ବନ୍ଧରେ ନେଗେଟିଭ୍ କଥା ଶୁଣୁଥିଲି ଯେ ଏହା ହେଉଛି ଗୋଟିଏ ଅଣ ମୁସ୍‌ଲିମ୍ ଫିର୍‌କା (ଗୋଷ୍ଠୀ) ବୋଲି କିନ୍ତୁ ଜଣେ ଐତିହାସିକ ରୂପେ ମୋ ନିକଟରେ ଲୋକମାନଙ୍କର କଥା ଶୁଣିବା ଏବଂ ପୁସ୍ତକ ପଢ଼ିବା ବ୍ୟତୀତ ଏକଥା ମଧ ଜରୁରୀ ଥିଲା ଯେ ଅସଲ ସତ୍ୟତା ପର୍ଯ୍ୟନ୍ତ ପହଂଚିବି । ତେଣୁ ମୁଁ ଏଥିପ୍ରତି ଧ୍ୟାନ ଆକର୍ଷଣ କଲି । ସୁତରାଂ ମୁଁ ଜାଣିପାରିଲି ଯେ ଅହେମଦୀୟତ୍ ସମ୍ବନ୍ଧରେ ଲୋକମାନେ ଯେଉଁ ନେଗେଟିଭ୍ କଥା କହୁଛନ୍ତି ତାହା ସବୁ ମିଥ୍ୟା ଅଟେ । ଯେଉଁଠି ଫିର୍‌କାର ପ୍ରଶ୍ନ ଉଠୁଛି ଇସ୍‌ଲାମ୍‌ରେ ଫିର୍‌କାବାଜି ନାହିଁ । କାରଣ ଇସ୍‌ଲାମ୍‌ରେ ଖ୍ରୀଷ୍ଟିୟାନ୍‌ଙ୍କ ଚର୍ଚ୍ଚ୍‌ର ଭାବନା ନାହିଁ ଯାହାକୁ ବିରୋଧ କରିବା ଦ୍ୱାରା ଅଲଗା ହେବାକୁ ପଡିଥାଏ ଏବଂ ଯେଉଁଠି ଅନ୍ୟମାନଙ୍କ ଦ୍ୱାରା ଏକଥା କୁହାଯାଉଛି ଯେ ଅହେମଦୀମାନେ ହେଉଛନ୍ତି ଅଣ ମୁସ୍‌ଲିମ୍ ବୋଲି ସେଠାରେ ମୁଁ ଅହେମଦୀମାନଙ୍କର ଲିଟ୍‌ରେଚର୍‌କୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍‌ଙ୍କ ସହିତ ମିଶି ଏ ସିଦ୍ଧାନ୍ତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଏବଂ ଅସଲ ଇସ୍‌ଲାମ୍ ଅଟେ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନଙ୍କ ଅପେକ୍ଷା ଅଧିକା ସତ୍ୟବାଦୀ ଓ ଉତ୍ତମ ମୁସଲ୍‌ମାନ୍ ଅଟନ୍ତି । ରୁଷିଆ ଭାଷାରେ ଗୋଟିଏ ରୁଢ଼ୀ ଅଛି ଯେ'' ଶହେଥର ଶୁଣିବା ଠାରୁ ଭଲ ହେଉଛି ଏହା କି ଥରେ ନିଜେ ଦେଖିନିଅ'' । ଏଠି କାଦିଆନ୍‌ରେ ଅହେମଦୀମାନଙ୍କର ଆଧ୍ୟାତ୍ମିକ ଜୀବନ ଏବଂ ପବିତ୍ର ମାହୋଲ୍‌କୁ ଦେଖି ମୋତେ ବିଶ୍ୱାସ ହୋଇଯାଇଛି ଯେ ବିଂଶତମ ଏବଂ ଏକବିଂଶତମ ଶତାବ୍ଦିରେ ଅହେମଦୀୟତ୍ ହିଁ ହେଉଛି ଗୋଟିଏ ଜୀବନ୍ତ ଧାର୍ମିକ ଜମାତ୍ ଯିଏ ଗୋଟିଏ ସମୟରେ ସମସ୍ତ ପୂର୍ବବର୍ତୀ ଶତାବ୍ଦୀ ଗୁଡିକର ରିୱାୟତ୍ (ପ୍ରଚଳନ ଉତ୍ତମ ପ୍ରଥା)କୁ ମଧ୍ୟ ଜାରି ରଖିଛି । ଏଠାରେ ଶୁଭ୍ର ମିନାର୍ ଏବଂ ନୀଳ ଆକାଶ ତଳେ ନତମସ୍ତକ ହେବାଦ୍ୱାରା ତୁମକୁ ବହୁତ ଶିଘ୍ର ଜଣା ପଡିଯିବ ଯେ ଅଲ୍ଲାଃତାଲା ସମୟ ଏବଂ ସ୍ଥାନଠାରୁ ଉର୍ଦ୍ଧ୍ୱରେ । ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଏହା ଜରୁରୀ ଅଟେ କି ବାରମ୍ବାର୍ ନିଜ ଇମାନ୍‌କୁ ତଦାରଖ କରିଚାଲୁ ଯଦ୍ୱାରା ତାର ଇମାନ୍ ଦୃଢ଼ ରହିବ ଏବଂ ଆଧ୍ୟାତ୍ମିକତା ବଢ଼ିବ ।

ପଦର ଅନୁବାଦ:- ମୁଁ ଜାଣିନାହିଁ ଆଉ କେତେ ଶତାବ୍ଦୀ ବିତିବାକୁ ଅଛି କିନ୍ତୁ ମୁଁ ଏହା ଜାଣିଛି ଯେ ପୃଥିବୀରେ ସବୁଠାରୁ ଉଚ୍ଚତମ ସ୍ଲୋଗାନ୍ କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜରଣ ହେବ । ଇନ୍‌ଶାଅଲ୍ଲାଃ ।

ଏହାପରେ ବିଶେଷ ରୂପେ କାଦିଆନ୍ ନିବାସୀ ଏବଂ ପଞ୍ଜାବ ସରକାରରେ ଥିବା ମନ୍ତ୍ରୀ ତୃପ୍ତ ରାଜିନ୍ଦର୍ ସିଂ ବାଜ୍‌ୱା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ଆପଣମାନେ ପାକିସ୍ତାନ୍, ୟୁ.କେ ଏବଂ ବିଭିନ୍ନ ଦେଶରୁ ଏଠାକୁ ଆସିଛନ୍ତି । ମୁଁ ସରକାରଙ୍କ ତରଫରୁ ଆପଣ ସମସ୍ତଙ୍କୁ ସ୍ୱାଗତ ଜଣାଉଛି । ମୁଁ ହଜୁର୍‌ଙ୍କ ଗୋଚରରେ ନିବେଦନ କରୁଛି ଆପଣ ଏଠାକୁ ଆସି ଆମକୁ ଆପଣଙ୍କ ଦର୍ଶନ କରାନ୍ତୁ । ଆମ ଜୀବନରେ ଯେଉଁ ସଫଳତା ଅଛି ତାହା ଆପଣଙ୍କ ଯୋଗୁ । ତେଣୁ ଆମକୁ ନିଜର ଦର୍ଶନ କରିବାରେ ସୌଭାଗ୍ୟ ପ୍ରଦାନ କରାନ୍ତୁ । ଆମେ ଆପଣଙ୍କର ବାଟ ଚାହିଁ ବସିଛୁ । ମୁଁ ଆଶା କରୁଛି ଯେ ହଜୁର୍ ଆସନ୍ତା ଥରକୁ ନିଶ୍ଚିତ ରୂପେ ଆସିବେ । ଆପଣ ସମସ୍ତଙ୍କର ସରକାରଙ୍କ ତରଫରୁ ପୁଣି ଆଉଥରେ ସ୍ୱାଗତ ଜଣାଉଛି । ଜୟହୀନ୍ଦ୍ ।

ଏହାପରେ ଶ୍ରୀମାନ୍ ଅବ୍‌ଦୁର୍ ରହ୍‌ମାନ୍ ଚାମ ସାହେବ ମୁରବୀ ସିଲ୍‌ସିଲା ଗାମ୍ବିୟା ଇଂରାଜୀରେ ନିଜର ମନୋଭାବକୁ ବ୍ୟକ୍ତ କଲେ ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ମୁହମ୍ମଦ୍ ଅହ୍‌ସନ୍ ଘୋରି ସାହେବ୍ ଉପସ୍ଥାପନ କଲେ । ଅବ୍‌ଦୁର୍ ରହ୍‌ମାନ୍ ଚାମ ସାହେବ୍ କହିଲେ:- ''ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମାତ୍ (ସ୍ୱର୍ଗବାଣୀ) ଗୁଡିକ ମଧ୍ୟରୁ ଗୋଟିଏ ଏଲ୍‌ହାମ୍ ହେଉଛି ''ମୁଁ ତୁମର ତବ୍‌ଲିଗ୍ (ବାର୍ତ୍ତା)କୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦେବି'' । ସେହିପରି ଆଉ ଗୋଟିଏ ଏଲ୍‌ହାମ୍ ହେଉଛି ଲୋକମାନେ ଦୂରଦୂରାନ୍ତ ଇଲାକାରୁ ତୁମ ନିକଟକୁ ଆସିବେ । ଆଜି ଆମେ ଏହି ସ୍ୱର୍ଗବାଣୀ ଗୁଡିକର ସ୍ପଷ୍ଟ ସତ୍ୟତା ଏବଂ ସମ୍ପୂର୍ଣ୍ଣ ରୂପେ ପୂରଣ ହୋଇଥିବାର ନିଜ ଆଖିରେ ଦେଖୁଅଛୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତ୍ତା ଆଜି ପୃଥିବୀର କୋଣ ଅନୁକୋଣରେ ପହଂଚିସାରିଛି । ହଜାର ହଜାର ଲୋକେ ଦୂରଦୂରାନ୍ତ ଇଲାକାରୁ ଯାତ୍ରା କରି ଆସି କାଦିଆନ୍‌ରେ ପହଂଚୁଛନ୍ତି । ଅଲ୍ଲାଃତାଲାଙ୍କ ଦୟା ବଳରୁ ମୋତେ ତୃତୀୟ ଥର ପାଇଁ ଏ ଜଲ୍‌ସାସାଲାନାରେ ଯୋଗଦେବା ପାଇଁ ସୌଭାଗ୍ୟ ମିଳିଛି । ଦୁଇ ବର୍ଷ ପୂର୍ବେ ଯେବେ ମୁଁ ଜଲ୍‌ସାସାଲାନାରେ ଯୋଗ ଦେଇଥିଲି, ସେବେଠାରୁ ମୁଁ ଏହା ଦେଖୁଅଛି ଯେ ଆଫ୍ରିକାରୁ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗଦେବାକୁ ଆସୁଥିବା ଲୋକମାନଙ୍କ ସଂଖ୍ୟାରେ ଅନବରତ ବୃଦ୍ଧି ଘଟି ଚାଲିଛି । ଅଲ୍‌ହମ୍‌ଦୋଲିଲ୍ଲାଃ । ଆମେ ଆଫ୍ରିକାରୁ ଆସିଥିବା ଲାକମାନେ ଜଲ୍‌ସାସାଲାନାର ମୁନ୍‌ତଜମିନ୍ (ପରିଚାଳକ)ଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ । ହଜାର ହଜାର ସଂଖ୍ୟାରେ ଅତିଥିମାନଙ୍କୁ, ପ୍ରତ୍ୟେକଙ୍କୁ ଘରପରି ପରିବେଶ ଯୋଗାଇଦେବା ପାଇଁ ଚେଷ୍ଟା କରାଯାଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ ଅତିଥି ପରାୟଣତାର ଶୁଭାରମ୍ଭ ନିଜ ଘରୁ ହିଁ କରିଥିଲେ ତାହା ଏବେ ଅଲ୍ଲାଃତାଲାଙ୍କ କରୁଣାରୁ ଏବେ ମଧ କାଦିଆନ୍‌ରେ ପ୍ରଚଳିତ । ଏବଂ ଆମେ ସମସ୍ତେ ହେଉଛେ ଏହାର ଜୀବନ୍ତ ପ୍ରମାଣ । ଆମେ ଦୁଆ କରୁଅଛୁ ଯେ ଆସନ୍ତା ବର୍ଷ ଏବଂ ପ୍ରତ୍ୟେକ ବର୍ଷ ବହୁତ ଉତ୍ସାହିତ ହୋଇ ସଉକ୍‌ର ସହିତ ଲୋକେ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗ ଦିଅନ୍ତୁ । ଆମ୍ଭେ ଏହି ଜଲ୍‌ସା ଏବଂ ଆସନ୍ତାକୁ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ଗୁଡିକର ସଫଳତା ନିମନ୍ତେ ଦୁଆ କରୁଅଛୁ । ଏ ଅଧମ ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଆଫ୍ରିକୀୟ ପୁରୁଷ ଓ ମହିଳାମାନଙ୍କ ତରଫରୁ ଏବଂ ଆଫ୍ରିକା ଦେଶର ଜମାତ୍ ଗୁଡିକର ସମସ୍ତ ଲୋକମାନଙ୍କ ତରଫରୁ ହଜୁର୍ ଅନୁୱର୍ ଅ:ବ:ଅ, ଜମାତ୍ ଅହେମଦୀୟା ଇଣ୍ଡିଆ, କାଦିଆନ୍ ଏବଂ ହଜାର ହଜାର ସଂଖ୍ୟକ ଏମ୍.ଟି.ଏ ଦ୍ୱାରା ଏବଂ ଅନ୍ୟାନ୍ୟ ମାଧ୍ୟମ ଦ୍ୱାରା ଏ ଜଲ୍‌ସାରୁ ଲାଭ ଉଠାଉଥିବା ଲୋକମାନଙ୍କ ଗୋଚରରେ ମୁବାରକ୍‌ବାଦ୍ (ଶୁଭେଚ୍ଛା) ପେଶ୍ କରୁଛି । ଅଲ୍ଲାଃତାଲା ଆମ ଦୁଆ (ପ୍ରାର୍ଥନା), ଉପାସନା ଏବଂ ନିମିତ ବଳୀଦାନ୍‌କୁ ଗ୍ରହଣ କରନ୍ତୁ । ଆମିନ୍ ।

ଏଥି ସହିତ ତୃତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ପରିସମାପ୍ତି ଘଟିଲା ।

### ତୃତୀୟ ଦିନର ଶେଷ ଇଜ୍‌ଲାସ୍

ଅଲ୍ଲାଃତାଲାଙ୍କ କୃପାବଳରୁ ଜଲ୍‌ସାସାଲାନା କାଦିଆନ୍‌ର ଶେଷ ଦିନର ଶେଷ ସେସନ୍ ଅତ୍ୟନ୍ତ ସୁନ୍ଦର ମନୋରୋମ ପରିବେଶରେ ଅନୁଷ୍ଠିତ ହେଲା ଏବଂ ବହୁତ ସଂଖ୍ୟାରେ ଅହେମଦୀୟତ୍‌ର ପ୍ରେମୀ ଏକତ୍ରିତ ହେଲେ । ଉଦ୍‌ଯାପନୀ ଇଜ୍‌ଲାସ୍‌ର ପ୍ରାରମ୍ଭିକ ଭାଗର ଶୁଭାରମ୍ଭ ମୋହତରମ୍ ମୌଲାନା ମୁହମ୍ମଦ୍ ଇନ୍‌ଆମ୍ ସାହେବ୍ ଘୋରି ନାଜ୍‌ରେ ଆଲା ଓ ସ୍ଥାନୀୟ ଅମିର୍ କାଦିଆନ୍‌ଙ୍କ ସଭାପତିତ୍ୱରେ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା ଯାହାକୁ ମୋକରମ୍ ହାଫିଜ୍ ଫାରୁକି ଆଜମ୍ ସାହେବ୍ ଅଫ୍ କାଦିଆନ୍ ଆବୃତି କଲେ । ସୁରଃ ଅଲ୍‌ହୁଜ୍‌ରାତ୍‌ର ଆୟତ ନଂ-୧୧ରୁ ୧୩ର ଉର୍ଦ୍ଦୁ ଅନୁବାଦ ମୋକରମ୍ କମ୍‌ରୁଲ୍ ହକ୍ ଖାନ୍ ସାହେବ୍ ନାଏବ୍ ପ୍ରିନ୍‌ସିପାଲ୍ ଜାମିଆ ଅହେମଦୀୟା କାଦିଆନ୍ ଉପସ୍ଥାପନ କଲେ । ତା'ପରେ ମୋକରମ୍ ଅବ୍‌ଦୁଲ୍ ୱାସେ ସାହେବ୍ ଅଫ୍ ବରେଲି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମନ୍‌ଜୁମ୍ କଲାମ୍ ''ଇସ୍‌ଲାମ୍ ସେ ନ ଭାଗୋ ରାହେ ହୁଦା ୟହି ହେଁ'' ରୁ କିଛି ପଦ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ମୋକରମ୍ ସଭାପତି ମହୋଦୟ ଧନ୍ୟବାଦ (Vote of Thanks) ପେଶ୍ କଲେ ଏବଂ ଇଜ୍‌ତିମାଇ ଦୁଆ (ସମବେତ ପ୍ରାର୍ଥନା) କରାଇଲେ । ଏହାପରେ ଶ୍ରୋତାଗଣ ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଇଂଟର୍ ନ୍ୟାସ୍‌ନାଲ୍‌ର ପ୍ରସାରଣରୁ ଲାଭ ଉଠାଇବା ନିମନ୍ତେ ଜଲ୍‌ସାଗାଃରେ ଲଗାଯାଇଥିବା ବଡ ଏଲ୍.ଇ.ଡି ସ୍କ୍ରିନ୍ ପ୍ରତି ଧ୍ୟାନ ଆକର୍ଷଣ କଲେ । ଜଲ୍‌ସାସାଲାନା କାଦିଆନ୍ ସମ୍ବନ୍ଧିତ ଗୋଟିଏ ସୁନ୍ଦର ଡକ୍ୟୁମେଂଟାରୀ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଦ୍ୱାରା ପ୍ରସାରଣ ହେଲା । ଊଣା ଅଧିକେ ୩୫ ମିନିଟ୍ ଆଧାରିତ ଏହି ଡକ୍ୟୁମେଂଟାରୀରେ ଜଲ୍‌ସାସାଲାନା କାଦିଆନ୍‌ର ପରିଚୟ କରାଇବା ସହିତ ଜଲ୍‌ସାର ବ୍ୟବସ୍ଥା ଗୁଡିକ ସମ୍ବନ୍ଧରେ ଏବଂ ଜଲ୍‌ସାରେ ଯୋଗ ଦେଇଥିବା ଅତିଥିମାନଙ୍କ ମନୋଭାବକୁ ଉପସ୍ଥାପନ କରାଗଲା । ତତ୍ ସହିତ ବ୍ୟବସ୍ଥା ସମ୍ବନ୍ଧିତ ବ୍ୟକ୍ତି ବିଶେଷଙ୍କ ଇଂଟର୍‌ଭ୍ୟୁ ବ୍ୟତୀତ ଜଲ୍‌ସାସାଲାନାର ପ୍ରୋଗ୍ରାମ୍ ଓ ଭାଷଣ ଗୁଡିକର ସଂକ୍ଷିପ୍ତ ଝାଙ୍କୀ ମଧ ଡକ୍ୟୁମେଂଟାରୀର ଶୋଭାବର୍ଦ୍ଧନ କଲା ।

କାଦିଆନ୍ ଦାରୁଲ୍ ଅମାନ୍ ଏବଂ ଜଲ୍‌ସାସାଲାନା କାଦିଆନ୍‌ର ହୃଦୟସ୍ପର୍ଶୀ ଦୃଶ୍ୟପଟ ଆଧାରିତ ଏହି ଡକ୍ୟୁମେଂଟାରିଟି ଶେଷ ହେବା ସଙ୍ଗେସଙ୍ଗେ ଲଣ୍ଡନ୍‌ରୁ ଜଲ୍‌ସାସାଲାନା କାଦିଆନ୍‌ର ସିଧା ପ୍ରସାରଣ ଆରମ୍ଭ ହୋଇଗଲା । ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟାର ଇମାମ୍ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜଲ୍‌ସାସାଲାନା କାଦିଆନ୍ ନିମନ୍ତେ ଲଣ୍ଡନ୍‌ଠାରେ ସ୍ଥାପନ କରାଯାଇଥିବା ଷ୍ଟେଜ୍‌ରେ ପଦାର୍ପଣ କଲେ । ଲଣ୍ଡନ୍ ଏବଂ କାଦିଆନ୍‌ର ଏହି ଯୌଗିକ ସେସନ୍‌ର ଶୁଭାରମ୍ଭ ଜମାତ୍‌ର ପ୍ରଥା ମୁତାବକ ପବିତ୍ର କୋରାନ୍‌ର ଆବୃତି ସହିତ ହେଲା ଯାହାକୁ ମୋକରମ୍ ଫିରୋଜ୍ ଆଲମ୍ ସାହେବ୍ ଆବୃତି କଲେ । ସୁରଃ ଅହ୍‌ଜାବ୍‌ର ଆୟତ ନଂ-୪୧-୪୯ ଆବୃତି କରି ତା'ର ଉର୍ଦ୍ଦୁ ଅନୁବାଦ ମଧ ଉପସ୍ଥାପନ କଲେ । ଏହାପରେ ମୋକରମ୍ ଆଶିକ୍ ହୁସେନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଫାର୍ସୀ ମନ୍‌ଜୁମ୍ କଲାମ୍:-

*ଅଜବ୍ ନୁରେଷ୍ଟ ଦର୍ ଜାନେ ମୁହମ୍ମଦ୍* ସ:ଆ:ସ
*ଅଜବ୍ ଲାଲୈଷ୍ଟ ଦର୍‌କାନେ ମୁହମ୍ମଦ୍* ସ:ଆ:ସ

ରୁ ନିର୍ବାଚିତ ପଦଗୁଡିକ ଲଳିତ ସ୍ୱରରେ ପଢ଼ିଲେ ଏବଂ ପୁଣି ତା'ର ଉର୍ଦ୍ଦୁ ଅନୁବାଦ ମଧ ଶୁଣାଇଲେ । ତା'ପରେ ମୋକରମ୍ ଉମର ଶରିଫ୍ ସାହେବ୍ ଉର୍ଦ୍ଦୁ ଭାଷାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମନ୍‌ଜୁମ୍ କଲାମ୍:-

*ହର୍ ତରଫ୍ ଫିକ୍‌ର୍ କୋ*
*ଦୌଡା କେ ଥକାୟା ହାମ୍‌ନେ*
*କୋଇ ଦିଁ ଦୀନେ ମୁହମ୍ମଦ୍*
*ସା ନପାୟା ହମ୍‌ନେ*

ରୁ କିଛି ପଦ ବହୁତ ସୁନ୍ଦର ଶୈଳୀରେ ଉପସ୍ଥାପନ କଲେ । ଗଗନଚୁମ୍ବି ସ୍ଲୋଗାନ୍ ନାରାଏ ତକ୍‌ୱିର ଗୁଞ୍ଜରଣ ହୋଇ ଉଠିଲା ତତ୍ ସହିତ ପ୍ରିୟ ଆକା ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅ:ବ:ଅଙ୍କ ସାରଗର୍ଭକ ହୃଦୟସ୍ପର୍ଶୀ ଅଭିଭାଷଣର ଶୁଭାରମ୍ଭ ହେଲା ।

### ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଅଭିଭାଷଣ

ତଶହୁଦ୍, ତଉଜ ଏବଂ ସୁରଃ ଫାତେହା ଆବୃତି ପରେ ହଜୁର୍ ଅନୁୱର୍ କହିଲେ କି ଆଜି ଜଲ୍‌ସାସାଲାନା କାଦିଆନ୍‌ର ଏହା ହେଉଛି ଶେଷ ଦିନ ଏବଂ ଉଦ୍‌ଯାପନୀ ସଭା ଓ ବର୍ତମାନ ପୃଥିବୀର ବିଭିନ୍ନ ଦେଶରୁ ଆସିଥିବା ଊଣାଅଧିକେ ୧୮ ରୁ ୧୯ ହଜାର ଅହେମଦୀ ଏହି ଗ୍ରାମରେ ଏକତ୍ରିତ ହୋଇଛନ୍ତି ଯାହା ହେଉଛି ଏ ଯୁଗର ସୁଧାରକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବସ୍ତି । ସେହି ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଏବଂ ଇଶ୍ୱରଙ୍କ ପ୍ରତିଶୃତି ମୁତାବକ ଏ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଅଣା ଯାଇଥିବା ଧର୍ମର ତଜ୍‌ଦିଦ୍ ନିମନ୍ତେ ପ୍ରକଟ ହୋଇଛନ୍ତି । ସେ ଯେଉଁଠି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ମୁତାବକ ଭକ୍ତମାନଙ୍କୁ ଇଶ୍ୱରଙ୍କ ନିକଟତର କରାଇବା ପାଇଁ ରାସ୍ତା ଦେଖାଇଛନ୍ତି ଏବଂ ପବିତ୍ର କୋରାନ୍‌ର ସୁନ୍ଦର ଶିକ୍ଷାକୁ ସର୍ବ ସମ୍ମୁଖରେ ସ୍ପଷ୍ଟ ରୂପେ ପରିପ୍ରକାଶ କରିଛନ୍ତି ସେଠାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବୈଭବ ଏବଂ ମହାନ ପଦମର୍ଯ୍ୟାଦା ସମ୍ବନ୍ଧରେ ମଧ ସଂସାରବାସୀଙ୍କୁ ବତାଇ ନା କେବଳ ପୁଣ୍ୟ ଆତ୍ମା ଏବଂ ଅନ୍ୟମାନଙ୍କର ଇସ୍‌ଲାମ୍ ଉପରେ ଆକ୍ରମଣ ହେଉଥିବା ବିବଶ ମୁସଲ୍‌ମାନ୍‌ମାନଙ୍କ ବିଶ୍ୱାସକୁ ଦୃଢ଼ କରିଛନ୍ତି ବରଂ ପ୍ରତ୍ୟେକ ଇସ୍‌ଲାମ୍ ବିରୋଧି ଏବଂ ଆପଣ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ମିଥ୍ୟାରୋପ ଲଗାଉଥିବା ଲୋକମାନଙ୍କୁ ମୁହଁକୁ ବନ୍ଦ କରିଛନ୍ତି ଏବଂ ଇସ୍‌ଲାମ୍ ବିରୋଧି ତତ୍ୱକୁ ତାଙ୍କ ଦଲିଲ୍ ଦ୍ୱାରା କ୍ଷେତ୍ରଛାଡି ପଳାୟନ କରିବା ବ୍ୟତୀତ ଆଉ କୌଣସି ରାସ୍ତା ନଥିଲା । ଆପଣ ଆ:ସଙ୍କ ରସୁଲ୍ ପ୍ରେମର ଏପରି ଅବସ୍ଥା ଥିଲା ସେ ଅବସ୍ଥାକୁ କେହି ପହଂଚିନାହାଁନ୍ତି ନା କିଏ ପହଂଚିପାରିବ । ସେହି ପ୍ରେମଭାବର ଅବସ୍ଥା ଏବଂ ଇଶ୍ୱରଙ୍କର ଆପଣଙ୍କ ସହିତ ଯେଉଁ ବ୍ୟବହାର ଏବଂ ଆପଣଙ୍କ ଉପରେ କୃପା ଓ ନିଧିର ବର୍ଷାକୁ ଚର୍ଚ୍ଚା କରି ଆପଣ ଆ:ସ କହୁଛନ୍ତି କି ଗୋଟିଏ ରାତିରେ ଏ ଅଧମ ଏତେ ମାତ୍ରାରେ ଦରୁଦ୍ ପାଠ କଲା ଯେ ହୃଦୟ ଓ ମନ ଏଥିରେ ସୁଗନ୍ଧିତ ହୋଇଗଲା । ସେହି ରାତିରେ ସ୍ୱପ୍ନରେ ଦେଖାଗଲା କି ଫରିସ୍ତାମାନେ ପବିତ୍ର ପାଣିର ରୂପରେ ଜ୍ୟୋତିର କଳସକୁ ଆଣି ଏ ଅଧମର ଘରେ ରଖୁଛନ୍ତି । ସେଥି ମଧ୍ୟରୁ ଜଣେ କହିଲେ କି ଏହା ହେଉଛି ସେହି ସବୁ ବୈଭବ ଯାହା ତୁମେ ମୁହମ୍ମଦ୍ ସ:ଆ:ସଙ୍କ ନିକଟକୁ ପ୍ରେରଣ କରିଥିଲ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଏକଦା ସ୍ୱର୍ଗବାଣୀ ହେଲା ଯାହାର ଅର୍ଥ ଏପରି ଥିଲା କି ମଲଏ ଆଲା (ଫରିସ୍ତାଗଣ)ର ଲୋକମାନେ ଚିନ୍ତାରେ ଅଛନ୍ତି ଅର୍ଥାତ୍ ଇଶ୍ୱରଙ୍କ ଇଛା ମୁତାବକ ଧର୍ମକୁ ଜୀବନ୍ତ କରିବା ପାଇଁ ଉତ୍ସାହିତ ଅଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ମଲଏ ଆଲାଠାରେ ସେହି ଜୀବନ୍ତ କରୁଥିବା ବ୍ୟକ୍ତିବିଶେଷ ପ୍ରକାଶ ହୋଇନାହାଁନ୍ତି । ସେଇଥିପାଇଁ ସେମାନେ ଚିନ୍ତାରେ ପଡିଛନ୍ତି । ପୁଣି କହୁଛନ୍ତି କି ଏହି ଅବଧି ମଧରେ ସ୍ୱପ୍ନରେ ଦେଖିଲି ଯେ ଲୋକମାନେ ଜଣେ ଜୀବନ ପ୍ରଦାନକାରୀଙ୍କୁ ଖୋଜୁଛନ୍ତି ଏବଂ ଜଣେ ବ୍ୟକ୍ତି ଏହି ଅଧମ ସମ୍ମୁଖକୁ ଆସି କହୁଛନ୍ତି କି *ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲଲ୍ଲାହି* ଅର୍ଥାତ୍ ଏହି ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ବିଶେଷ ଯିଏ ରସୁଲୁଲାଃ ସ:ଆ:ସଙ୍କୁ ପ୍ରେମ କରୁଛି ଓ ଏକଥାର ଅର୍ଥ ଏହା ଥିଲା କି ଏହି ମହାନ୍ ପଦବୀ ନିମନ୍ତେ ଯେଉଁ ସର୍ତ ରଖାଯାଇଛି ତାହା ହେଉଛି ରସୁଲ୍‌ଙ୍କ ସହିତ ପ୍ରେମ ଯାହାସବୁ ଏହି ବ୍ୟକ୍ତିଙ୍କ ନିକଟରେ

ନିହିତ ଅଛି । ଆପଣ ଆ:ସ କହୁଛନ୍ତି ଅଲ୍ଲାଃତାଲା ରସୁଲ୍ ପ୍ରେମ ସ:ଆ:ସଙ୍କ ଯୋଗୁ ମୋତେ ଏହି ପଦମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏକଥାକୁ ଶୁଣିବା ପରେ ଏହା ହେବାର ଥିଲା କି ଆଁ ହଜ୍‌ରତ୍ ସ:ଆ:ସଙ୍କର ଏପରି ଜଣେ ସଚ୍ଚା ପ୍ରେମୀ ଏବଂ ଇସ୍‌ଲାମ୍‌ର ପୁନଃଜୀବନ ନିମନ୍ତେ ପ୍ରେରଣ କରାଯାଇଥିବା ସେହି ଦେବଦୂତଙ୍କର ମୁସଲ୍‌ମାନ୍‌ମାନେ ସାଧାରଣତଃ ଏବଂ ଓ୍ୱଲେମାମାନେ ତାଙ୍କ ସହିତ ରହିଥାଆନ୍ତେ । କିନ୍ତୁ ତଥାକଥିତ ଓ୍ୱଲେମାମାନେ ନିଜର କଠୋରପନ୍ଥୀ ସ୍ୱଭାବ ଓ ମୂର୍ଖତା ଯୋଗୁ ଆପଣ ଆ:ସଙ୍କ ଉପରେ ଏ ଆରୋପ ଲଗାଇବା ଆରମ୍ଭ କରିଦେଲେ ଓ ବର୍ତମାନ ପର୍ଯ୍ୟନ୍ତ ତାହା ଲଗାଇ ଚାଲିଥାନ୍ତି କି ନଉଜୁବିଲ୍ଲାଃ ଆପଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନକୁ କମ୍ କରିଛନ୍ତି ତେଣୁ କାଫିର୍ ଅଟନ୍ତି । ଏବଂ ଆପଣଙ୍କୁ ମାନୁଥିବା ଲୋକମାନେ ମଧ୍ୟ କାଫିର୍ ଅଟନ୍ତି । କିନ୍ତୁ ଏହାର ଓଲଟା ଯେତେବେଳେ ଆମେ ଆପଣ ଆ:ସଙ୍କ ରସୁଲ୍ ପ୍ରେମ ସମ୍ବନ୍ଧରେ ଅଗଣତି ଆଲେଖ୍ୟ ଦେଖୁଅଛୁ ଆରବୀ, ଫାର୍ଶୀ ଏବଂ ଉର୍ଦ୍ଦୁ ଭାଷାରେ ଆପଣଙ୍କ ପୁସ୍ତକ, ନିତୀବାଣୀ ଏବଂ ମନ୍‌ଜୁମ୍ କଲାମ୍‌କୁ ଦେଖୁଛୁ, ସେଥିରୁ ସ୍ପଷ୍ଟ ରୂପେ ପ୍ରକାଶ ହେଉଛି ଯେ ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିବା ପ୍ରେମ ଓ ଭଲପାଇବାର ସ୍ଥାନ ପର୍ଯ୍ୟନ୍ତ କେହି ପହଂଚିପାରିବେ ନାହିଁ । ଆପଣଙ୍କର ପ୍ରତ୍ୟେକ ଶବ୍ଦ ଇଶ୍ୱରପ୍ରେମ ଏବଂ ତାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମଭାବରେ ବିଲୀନ ହୋଇଥିବାର ପ୍ରମାଣ ଅଟେ । ଏହିକଥା ଯେତେବେଳେ ପୁଣ୍ୟ ପ୍ରକୃତିର ଓ୍ୱଲେମା ଏବଂ ସାଧାରଣ ମୁସଲ୍‌ମାନଙ୍କ ଉପରେ ପ୍ରକାଶ ହେଉଛି ତେବେ ସେମାନେ ଆପଣ ଆ:ସଙ୍କ ବୟତ୍‌ରେ ଆସିଯାଉଛନ୍ତି, ଆପଣ ଆ:ସଙ୍କ ଦାସତ୍ୱରେ ଆସିଯାଉଛନ୍ତି ଏବଂ ଏହିଭଳି ବାସ୍ତବିକ୍ ରୂପେ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଆସିଯାଉଛନ୍ତି । ଆପଣ ଆ:ସ ନିଜର ମନ୍‌ଜୁମ୍ କଲାମ୍‌ରେ କହୁଛନ୍ତି:- *ବାଦ୍ ଅଜ୍ ଖୁଦା ବଇଶ୍‌କେ ମୁହମ୍ମଦ୍ ମୁଖମ୍ମରମ୍ ଗର୍ କୁଫ୍‌ର୍ ଇଁ ବୱ୍‌ଦ୍ ବଖୁଦା ସଖ୍‌ତ୍ କାଫିରମ୍* ଅର୍ଥାତ୍ ମୁଁ ଇଶ୍ୱରଙ୍କ ପ୍ରେମ ପରେ ମୁହମ୍ମଦ୍ ସ:ଆ:ସଙ୍କ ପ୍ରେମରେ ବୁଡିରହିଛି । ଯଦି ଇଶ୍ୱର ଏବଂ ତାର ରସୁଲ୍‌ଙ୍କ ସହିତ ପ୍ରେମ କରିବା ହେଉଛି କୁଫ୍‌ର (ଅମାନ୍ୟକାରୀ) ତେବେ ଇଶ୍ୱରଙ୍କ ରାଣ ମୁଁ ସମସ୍ତଙ୍କଠାରୁ ବଡ କାଫିର୍ ଅଟେ । ସେହିପରି ଆପଣ ଆ:ସଙ୍କ ଆରବୀ ବାଣୀ ମଧ୍ୟ ଏପରି ଯାହାକୁ ପଢ଼ି ଆରବୀୟ ଲୋକମାନେ ମଧ୍ୟ ଆଶ୍ଚର୍ଯ୍ୟଚକିତ ହୋଇଯାଉଛନ୍ତି କି ଏପରି ପ୍ରେମଭାବରେ ପରିପୂର୍ଣ୍ଣ ବାଣୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରଶଂସାରେ ଲେଖାଯାଇଥିବାର ନା ଆମେ କେବେ ପଢ଼ିଛୁ ନା କେବେ ଶୁଣିଛୁ । ଇଶ୍ୱର କରନ୍ତୁ କି ପୃଥିବୀର ମୁସଲ୍‌ମାନ୍‌ମାନେ ଏହି ରସୁଲ୍ ପ୍ରେମୀଙ୍କୁ ଚିହ୍ନନ୍ତୁ ଏବଂ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ଥିବା କୁପ୍ରକୃତିର ଓ୍ୱଲେମାମାନଙ୍କ ଭୟ ଯୋଗୁ ଇଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିବା ଏହି ରସୁଲ୍ ପ୍ରେମୀକୁ ଅମାନ୍ୟ କରିବା ଦ୍ୱାରା ଇଶ୍ୱରଙ୍କର ନାରାଜର ଶିକାର ନହୁଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହାପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଲିଖିତ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ଓ ବୈଭବ ସମ୍ବନ୍ଧରେ କିଛି ଇକ୍‌ତେବାସାତ୍ (ଆଲେଖ୍ୟ) ଉପସ୍ଥାପନ କରି କହିଲେ ଯେ ଏହାର ପ୍ରତିଗୋଟି ଶବ୍ଦ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କାଫିର୍ କହୁଥିବା ଲୋକମାନଙ୍କ ମୁହଁ ଉପରେ ଚାପୁଡା ସଦୃଶ ।

ସାରା ପୃଥିବୀର ମହାନ୍ ସୁଧାରକ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସ । ଏହାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଅସଲ ବାସ୍ତବିକତା ହେଉଛି ଏହା କି ସମସ୍ତ ନବୀମାନଙ୍କଠାରୁ ଅଫ୍‌ଜଲ୍ (ଗୁଣରେ ବଡ) ହେଉଛନ୍ତି ସେହି ନବୀ ଯିଏ ହେଉଛନ୍ତି- ସାରା ପୃଥିବୀର ମହାନ୍ ସୁଧାରକ ଅର୍ଥାତ୍ ସେହି ବ୍ୟକ୍ତି ଯାହାଙ୍କ ଦ୍ୱାରା ସଂସାରର ବଡ ବିଭ୍ରାଟ ଏବଂ ଅସ୍ଥିରତା ସୁଧୁରିଗଲା ଯିଏ ହଜିଯାଇଥିବା ଏକେଶ୍ୱରବାଦଙ୍କୁ ପୁଣି ସଂସାରରେ ସ୍ଥାପନ କରିଦେଲେ ଯିଏ ସମସ୍ତ ମିଥ୍ୟା ଧର୍ମକୁ ତର୍କ ଏବଂ ପ୍ରମାଣ ଦ୍ୱାରା ହରାଇଦେଲେ ଏବଂ ପ୍ରତ୍ୟେକ ପଥଭ୍ରଷ୍ଟ ବ୍ୟକ୍ତିଙ୍କ ଶଙ୍କାକୁ ନିଃଶେଷ କରିଦେଲେ ଯିଏ ସମସ୍ତ ନାସ୍ତିକଙ୍କ ସନ୍ଦେହକୁ ଦୂର କରିଦେଲେ ଏବଂ ମୋକ୍ଷପ୍ରାପ୍ତି ହେବାର ସମସ୍ତ ସାମାନ୍ ଏବଂ ବାସ୍ତବିକ ସିଦ୍ଧାନ୍ତର ଶିକ୍ଷାକୁ ପୁନର୍ବାର ମୂଳରୁ ହିଁ ପ୍ରଦାନ କଲେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତା ଏବଂ ଆପଣ ସ:ଆ:ସଙ୍କ ଶ୍ରେଷ୍ଠତାର ଦଲିଲ୍ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ସେ ଯୁଗରେ ପ୍ରକଟ ହୋଇଥିଲେ ଯେତେବେଳେ ସାରା ପୃଥିବୀ ଶିର୍କ୍, ପଥଭ୍ରଷ୍ଟତା ଏବଂ ପ୍ରାଣୀପୂଜାରେ ବ୍ୟାପି ସାରିଥିଲା ଏବଂ ସମସ୍ତେ ଅସଲ ସିଦ୍ଧାନ୍ତକୁ ପରିତ୍ୟାଗ କରିଦେଇଥିଲେ ଓ ସିଧା ମାର୍ଗକୁ ଭୁଲିଯାଇ ପ୍ରତ୍ୟେକ ଫିର୍କା ଅଲଗା ଅଲଗା ବିଦ୍‌ଅତ୍ (ଅପପ୍ରଥା)ର ମାର୍ଗକୁ ଆପଣେଇ ନେଇଥିଲା । ଆରବ ଦେଶରେ ପିତୁଳା ପୂଜାର ପ୍ରଭାବ ବଢ଼ି ଯାଇଥିଲା । ହାରସ୍‌ରେ ନିଆଁକୁ ପୂଜା କରିବାର ବଜାର ଗରମ ଥିଲା । ହିନ୍ଦ୍‌ରେ ପିତୁଳା ପୂଜା ବ୍ୟତୀତ ଆହୁରି ଶହ ଶହ ପ୍ରକାରର ପ୍ରାଣୀ ଉପାସନା ବ୍ୟାପି ଯାଇଥିଲା ଓ ସେ ସମୟରେ ଅନେକ ପୁରାଣ ଓ ପୋଥି ପୁସ୍ତକ ଗୁଡ଼ିକ ଅନୁସାରେ ଅନେକ ଇଶ୍ୱରଙ୍କ ସୃଷ୍ଟଜ ନିଜେ ଇଶ୍ୱର ହୋଇଗଲେ ଏବଂ ଅବତାରମାନଙ୍କର ପୂଜା କରିବାର ମୂଳଦୁଆ ପଡିଗଲା । ପାଦ୍ରୀ ଜନ୍ ଡେଓ୍ୱିନ୍‌ପୋଟ୍ ସାହେବ୍ ଏବଂ ଅନେକ ଅଂଗ୍ରେଜ୍ ଜ୍ଞାନୀଙ୍କ କଥନ ଅନୁସାରେ ସେ ସମୟରେ ଇସାଇ ଧର୍ମଠାରୁ ଖରାପ ଧର୍ମ ଆଉ କୌଣସି ଧର୍ମ ନଥିଲା ଓ ପାଦ୍ରୀମାନଙ୍କର କୁଚରିତ୍ର ଓ ଖରାପ ପ୍ରବୃତି ଦ୍ୱାରା ଇସାଇ ଧର୍ମ ଉପରେ ଏକପ୍ରକାର ଦାଗ ଲାଗିଯାଇଥିଲା ଏବଂ ଇସାଇ ଧର୍ମରେ ନା ଜଣେ ନା ଗୋଟିଏ ନା ଦୁଇଟି ବରଂ ଅନେକ ବସ୍ତୁ ଇଶ୍ୱରଙ୍କ ଆସନ ଗ୍ରହଣ କରିସାରିଥିଲା । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହିପରି ସର୍ବବ୍ୟାପକ ପଥଭ୍ରଷ୍ଟତା ସମୟରେ ପ୍ରକଟ ହେବା ହିଁ ସ୍ୱୟଂ ସେ ସମୟର ପରିବେଶ ହିଁ ଜଣେ ଚିକିତ୍ସକ ଓ ସୁଧାରକଙ୍କୁ ଚାହୁଁଥିଲା ଓ ଇଶ୍ୱରଙ୍କ ହିଦାୟତ୍‌ର ଆବଶ୍ୟକତା ଥିଲା । ଏବଂ ପୁଣି (ଆଁ ହଜ୍‌ରତ୍ ସ:ଆ:ସ) ପ୍ରକଟ ହୋଇ ଏକ ବିଶ୍ୱକୁ ଏକଶ୍ୱରବାଦ ଏବଂ ସୁକାର୍ଯ୍ୟ ଦ୍ୱାରା ଆଲୋକିତ କଲେ ଏବଂ ଶିର୍କ୍ ଓ ପ୍ରାଣୀ ପୂଜାର ମୂଳୋତ୍ପାଟନ କରିବା ଏକଥାର ସ୍ପଷ୍ଟ ପ୍ରମାଣ ଯେ ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଇଶ୍ୱରଙ୍କର ସଚ୍ଚା ରସୁଲ୍ ଏବଂ ସମସ୍ତ ରସୁଲ୍‌ମାନଙ୍କଠାରୁ ଶ୍ରେଷ୍ଠତମ ।

ପୁଣି ଏକଥାକୁ ବର୍ଣ୍ଣନା କରି କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାଃତାଲାଙ୍କ ଜ୍ୟୋତିକୁ ହାସଲ କରିବାରେ ସମସ୍ତଙ୍କଠାରୁ ଅଧିକା ଥିଲେ ଓ ସମସ୍ତ ଅମ୍ବେୟାମାନଙ୍କ ତୁଳନାରେ ସେ ସମ୍ପୂର୍ଣ୍ଣ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ଯେହେତୁ ଆଁ ହଜ୍‌ରତ୍ ସ:ଆ:ସ ନିଜର ଅନ୍ତଃ ପବିତ୍ରତା, ବିଶାଳ ହୃଦୟତା, ସମ୍ମାନ ଓ ଲଜ୍ଜାଶୀଳ, ସତ୍ୟତା ଓ ସ୍ୱଚ୍ଛତା ଇଶ୍ୱରଙ୍କ ଉପରେ ଭରଷା ରଖିବା ଓ ଇଶ୍ୱର ଭକ୍ତି କରିବା ଏବଂ ଇଶ୍ୱରପ୍ରେମର ସମସ୍ତ କାର୍ଯ୍ୟରେ ସବୁ ଅମ୍ବେୟାଙ୍କଠାରୁ ବଳିକରି ଥିଲେ ଓ ସମସ୍ତଙ୍କଠାରୁ ଶ୍ରେଷ୍ଠ, ଉତମ, ସମ୍ପୂର୍ଣ୍ଣ, ଉଚ୍ଚତମ ଓ ପବିତ୍ର ଥିଲେ, ସେଇଥିପାଇଁ ମହାମଣ୍ଡିତ ଇଶ୍ୱର ତାଙ୍କ ସୁଗନ୍ଧକୁ ବିଶେଷ ପୂର୍ଣ୍ଣତା ପ୍ରଦାନ କରି ସବୁଠାରୁ ଅଧିକା ସୁଗନ୍ଧିତ କଲେ । ଏବଂ ସେହି ହୃଦୟ ଯାହା ସମସ୍ତ ପ୍ରଥମରୁ ଆସିଥିବା (ମୁନି ଋଷି ଏବଂ ନବୀ) ଏବଂ ପରେ ଆସିବାକୁ ଥିବା ମୁନି ଋଷି ଏବଂ ନବୀଙ୍କ ହୃଦୟ ଠାରୁ ପବିତ୍ରତମ ଓ ଉନ୍ମୁକ୍ତ, ନିରୀହ ଏବଂ ଆଲୋକିତ ଥିଲା ତାହା ସେ ଏପରି ଯୋଗ୍ୟ ବିବେଚିତ ହେଲା ଯେ ତା ଉପରେ ଐଶ୍ୱରିକ ବାଣୀ ଅବତାର୍ଣ୍ଣ ହେଲା ଯାହା ଅଓ୍ୱଲିନ୍ ଓ ଆଖିରିନ୍ (ପୂର୍ବ ଓ ପର) ଐଶ୍ୱରିକ ବାଣୀଠାରୁ ମଜ୍‌ବୁତ୍, ବିଶାଳ ଏବଂ ପୂର୍ଣ୍ଣ ହୋଇ ଇଶ୍ୱରଙ୍କର ବିଶେଷ ଗୁଣକୁ ପ୍ରଦର୍ଶନ କରିବା ପାଇଁ ଏକ ଅତ୍ୟନ୍ତ ସ୍ୱଚ୍ଛ, ବିଶାଳ ଏବଂ ବ୍ୟାପକ ଆଇନା ହେଉ । କହୁଛନ୍ତି- ଏହି କାରଣ ଯୋଗୁ ପବିତ୍ର କୋରାନ୍ ଏପରି ଉଚ୍ଚତମ ବୈଭବ ନିଜ ଭିତରେ ରଖିଛି ଯେ ଯାହାର ପ୍ରଖର ରଶ୍ମୀ ଓ ସ୍ୱଚ୍ଛ କିରଣ ସମ୍ମୁଖରେ ବିଗତ ସମସ୍ତ ପୁସ୍ତକ ଗୁଡିକର ଚମକ ଧିମା ହୋଇଯାଉଛି । କୌଣସି ବୁଦ୍ଧି ଏପରି ସତ୍ୟତାକୁ ବାହାର କରିପାରିବ ନାହିଁ ଯାହା ପୂର୍ବରୁ ହିଁ ସେଥିରେ ଦରଜ ହୋଇନଥିବ । କୌଣସି ଚିନ୍ତା ଏପରି ବୁଦ୍ଧିମାନ୍ ପ୍ରମାଣ ଉପସ୍ଥାପନ କରିପାରିବ ନାହିଁ ଯାହାକୁ ସେ ପୂର୍ବରୁ ଉପସ୍ଥାପନ ନକରିଥିବ । କୌଣସି ଭାଷଣ ଏପରି ମଜ୍‌ବୁତ୍ ପ୍ରଭାବ କୌଣସି ହୃଦୟ ଉପରେ ପକାଇପାରିବ ନାହିଁ ଯେପରି ମଜ୍‌ବୁତ୍ ଏବଂ ବୈଭବପୂର୍ଣ୍ଣ ପ୍ରଭାବ ସେ ଲକ୍ଷ ଲକ୍ଷ ହୃଦୟ ଉପରେ ପକାଉଅଛି । ସେ ନିଶ୍ଚିତ ରୂପେ ଇଶ୍ୱରଙ୍କ ପୂର୍ଣ୍ଣ ଗୁଣ ଗୁଡିକର ଏକ ଅତ୍ୟନ୍ତ ସ୍ୱଚ୍ଛ ଆଇନା ଯାହା ମଧ୍ୟରେ ସେ ସବୁକିଛି ମିଳିଥାଏ ଯାହା ଜଣେ ମାଗିବା ବାଲାକୁ ଉଚ୍ଚତମ ଜ୍ଞାନସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ଦର୍‌କାର୍ ହୋଇଥାଏ ।

ହଜୁର୍ କହିଲେ କି ଏହା ହେଉଛି ଆପଣଙ୍କର ଦୃଷ୍ଟିକୋଣ । ଏ ଶିକ୍ଷାରୁ ବାହାର, କୌଣସି କଥା ନାହିଁ । ତେବେ ପୁଣି କିପରି ଏ ଆରୋପ ଲଗାଯାଇପାରେ କି ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣ ଯେ) ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସ ଏବଂ ପବିତ୍ର କୋରାନ୍‌ର ପଦମର୍ଯ୍ୟାଦାକୁ କମ୍ କରିଛନ୍ତି ?

ଦରୁଦ୍ ଶରିଫ୍ ପଢ଼ିବାର ହିକ୍‌ମତ୍ ବର୍ଣ୍ଣନା କରି ଗୋଟିଏ ସ୍ଥାନରେ ଆପଣ ଆ:ସ କହୁଛନ୍ତି କି ଯଦିଚ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନ୍ୟ କାହାର ଦୁଆର ଆବଶ୍ୟକତା ନାହିଁ କିନ୍ତୁ ଏହା ଭିତରେ ଏକ ଅତ୍ୟନ୍ତ ଗଭୀର ରହସ୍ୟ ରହିଛି । ଯେଉଁ ବ୍ୟକ୍ତି ନିଜସ୍ୱ ପ୍ରେମ ଯୋଗୁ କାହାପାଇଁ ରହେମତ୍ (କରୁଣା) ଏବଂ ବର୍‌କତ୍ ଚାହିଁଥାଏ ସେ ତା ନିଜସ୍ୱ ପ୍ରେମ ଯୋଗୁ ସେହି ବ୍ୟକ୍ତିର ଅସ୍ତିତ୍ୱର ଗୋଟିଏ ଅଂଶ ହୋଇଯାଏ । ଏବଂ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇଶ୍ୱରଙ୍କ କୃପା ଅସୀମ ରହିଛି ସେଇଥିପାଇଁ ଦରୁଦ୍ ପ୍ରେରଣ କରୁଥିବା ଲୋକଙ୍କୁ ଅର୍ଥାତ୍ ଯିଏ ତାର ନିଜସ୍ୱ ପ୍ରେମଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ବର୍‌କତ୍ ଚାହୁଁଥାଏ ସେ ସେହି ବର୍‌କତ୍‌ରୁ ନିଜ ଉତ୍ସାହର ଭାଗ ପାଇଥାଏ କିନ୍ତୁ ଆଧାତ୍ମିକ ଜୋସ୍ ବିନା ଏବଂ ନିଜସ୍ୱ ପ୍ରେମକୁ ପରିପ୍ରକାଶ କରିବା ବିନା ଏହା ବହୁତ କମ୍ ଜାହିର୍ ହୋଇଥାଏ ।

ହଜୁର୍ ଅନୁଓ୍ୱର୍ ଦୁଆ କରିବା ସମୟରେ କହିଲେ:- ଅଲ୍ଲାଃତାଲା ଦରୁଦ୍ ଶରିଫ୍ ପଢ଼ିବା ସମୟରେ ସେହି ଉତ୍ସାହକୁ ଆମ ଭିତରେ ସୃଷ୍ଟି କରୁ ଏବଂ ଆମେ ପ୍ରକୃତରେ ଓ ବାସ୍ତବିକ ରୂପେ ଆଁ ହଜ୍‌ରତ୍ ସ:ଆ:ସ ଉପେ ଦରୁଦ୍ ପ୍ରେରଣ କରିବା ବାଲା ହେଉ । ଏବଂ ସେହି ସଫଳତା ଗୁଡିକୁ ଓ ବିଜୟକୁ ଦେଖିବା ଏବଂ ସେଥିରୁ ଭାଗ ପାଇବାବାଲା ହେବା ଯାହାର ପ୍ରତିଶୃତି ଅଲ୍ଲାଃତାଲା ନେଇଛନ୍ତି ଏବଂ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପଦେଶ ମାଧ୍ୟମରେ ଧାର୍ଯ୍ୟ କରାଯାଇଛି । ଆମକୁ କେବଳ ଏବଂ କେବଳ ଏତିକି ଆବଶ୍ରକ କି ଅଲ୍ଲାଃତାଲା ଆମଠାରୁ ପ୍ରସନ୍ନ ହୁଅନ୍ତୁ । ଏବେ ତାହା ସେତେବେଳେ ହୋଇପାରିବ ଯେତେବେଳେ ଆମେ ବାସ୍ତବରେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ହକ୍‌କୁ ପ୍ରଦାନକାରୀ ହେବା । ଆମ ଦରୁଦ୍ ଆଁ ହଜ୍‌ରତ୍‌ଙ୍କ ଉପେ ପହଂଚି ପୁଣି ଆମେ ମଧ୍ୟ ସେହି ବର୍‌କାତ୍‌ର ଅଂଶୀଦାର କରୁ । ଯାହାର ପ୍ରତିଶ୍ରୁତି ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ କରିଛନ୍ତି । ଅଲ୍ଲାଃତାଲା ଆମକୁ

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

ଏହାର ଶକ୍ତି ପ୍ରଦାନ କରନ୍ତୁ ।

ହଜୁର୍ କହିଲେ ବର୍ତମାନ ଏ ବର୍ଷଟି ଶେଷ ହେବାକୁ ଯାଉଛି କିଛି ଦେଶଗୁଡିକରେ ଚବିଶି ଘଂଟା ଓ ଆଉ କିଛି ଦେଶଗୁଡିକରେ ଦୁଇଦିନ ଓ ଦୁଇରାତି ବାକି ରହିଛି । ତେଣୁ ଏହି ଶେଷ ଦିନ ଗୁଡିକୁ ମଧ ଦରୁଦ୍‌ରେ ଭରି ଦିଅନ୍ତୁ ଏବଂ ନୂଆବର୍ଷର ସ୍ୱାଗତ ମଧ ଦରୁଦ୍ ଏବଂ ସଲାମ୍ ଦ୍ୱାରା କରନ୍ତୁ ଯଦ୍ୱାରା ଆମେ ଶିଘ୍ରରୁ ଶିଘ୍ରତର ସେହି ସବୁ ବର୍‌କତ୍ ଗୁଡିକୁ ହାସଲ କରିପାରିବା ଯାହା ସବୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ରହିଛି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଏବଂ ସମସ୍ତ ବିରୋଧିଙ୍କ ଠାରୁ ଆମକୁ ବଂଚାନ୍ତୁ ଏବଂ ସେମାନଙ୍କର ଦୁଷ୍ଟାମୀକୁ ସେମାନଙ୍କ ନିକଟକୁ ଫେରାଇ ଦେଉ । ଆମିନ୍ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଗଭୀର ପ୍ରାର୍ଥନା କରାଇଲେ । ଦୁଆ କରିବା ପରେ ହଜୁର୍ ଅନୁଓ୍ୱର୍ ଜଲ୍‌ସାରେ ଉପସ୍ଥିତ ହୋଇଥିବା ଅତିଥିମାନଙ୍କ ସଂଖ୍ୟା ବିଷୟରେ କହିଲେ କି କାଦିଆନ୍‌ରେ ବର୍ତମାନ ୪୮ଟି ଦେଶରୁ ମୋଟ ୧୮୮୬୪ ଏବଂ ଲଣ୍ଡନରୁ ୫୩୪୫ ସଦସ୍ୟ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଏହାପରେ କାଦିଆନ୍‌ର ଷ୍ଟେଜ୍‌ରୁ ବିଭିନ୍ନ ତରାନା ଉପସ୍ଥାପନ କରାଗଲା ଏବଂ ଏକେଶ୍ୱରବାଦ ଓ ତକ୍‌ବୀର୍‌ର ଗଗନଚୁମ୍ବୀ ନାରା ସହିତ ଏହି ଜଲ୍‌ସା ନିଜର ସମସ୍ତ ବର୍‌କତ୍‌କୁ ସାଥିରେ ନେଇ ବୈଭବପୂର୍ଣ୍ଣ ପରିସମାପ୍ତି କଲା । ଅଲ୍ଲାଃତାଲା ଏହି ପବିତ୍ର ଦିନଗୁଡିକ ବାରମ୍ବାର ଆମ ଜୀବନରେ ଆଣନ୍ତୁ । ଆମିନ୍ । କ୍ରମଶଃ....

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ତେବେ ଏମାନେ ଏପରି ଲୋକ ଥିଲେ ଯାହାଙ୍କ ଠାରୁ ଅଲ୍ଲାଃତାଲା ରାଜି ହେଲେ । ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପଦେଶାବଳୀକୁ ଏତେ ସୂକ୍ଷ୍ମତାର ସହିତ ଦେଖୁଥିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ସର୍ବଦା ବ୍ୟାକୁଳ ରହୁଥିଲେ ।

ହଜ୍‌ରତ୍ ଅବୁଲି ୟସଦ୍ ରିଓ୍ୱାୟତ୍ କରୁଛନ୍ତି କି ବନୁ ହରାମ୍‌ର ଅମୁକ ବ୍ୟକ୍ତିଙ୍କ ଦାୟିତ୍ୱରେ ମୋର ମାଲ୍ ଥିଲା । ମୁଁ କିଛି ଟଙ୍କା ତାଙ୍କୁ ଦେଇଥିଲି । ସେ ମୋତେ କରଜ ଦେବାର ଥିଲା । ମୁଁ ତାଙ୍କ ଆଡକୁ ଗଲି, ସଲାମ୍ କହିଲି ଓ ପଚାରିଲି ଯେ ସେ କାହାନ୍ତି । ସେମାନେ କହିଲେ ସେ ଏଠି ଘରେ ଅଛି । ଘରୁ ଉତର ଆସିଲା ନାହାଁନ୍ତି । ସେ କହୁଛନ୍ତି କି ତାଙ୍କ ପୁତ୍ର ଏପର୍ଯ୍ୟନ୍ତ ସାବାଳକ ହୋଇନଥିଲା, ସେ ମୋ ପାଖକୁ ଆସିଲା । ମୁଁ ତାକୁ ପଚାରିଲି କି ତୁମ ବାପା କାହାନ୍ତି ? ସେ କହିଲା ମୋ ବାପା ଆପଣଙ୍କ ପାଟି ଶୁଣି ମୋ ମାଆଙ୍କ ଛପର ଖଟ ଭିତରେ ପଶିଗଲେ ଅର୍ଥାତ୍ ପଲଙ୍କ ପଛପଟେ ଲୁଚିଗଲେ । ମୁଁ ତାଙ୍କୁ କହିଲି ବାହାରି ଆସ କାରଣ ମୋତେ ଜଣାପଡିଗଲା ଯେ ସେ କେଉଁଠି ଅଛନ୍ତି । ଅବୁଲ୍ ୟସର୍ କହୁଛନ୍ତି କି ସୁତରାଂ ସେ ବାହାରକୁ ବାହାରିଲା । ମୁଁ କହିଲି ତୁମେ କାହିଁକି ମୋତେ ଲୁଚୁଥିଲ ? ସେ କହିଲା ଅଲ୍ଲାଃଙ୍କ ରାଣ ମୁଁ ତୁମକୁ ବତାଉଛି ଓ ତୁମ ନିକଟରେ ମିଛ କହିବି ନାହିଁ । ଅଲ୍ଲାଃଙ୍କ ରାଣ ! ମୁଁ ଡରିଲି ଯେ ତୁମକୁ କିପରି ମିଛ କହିବି ଓ ତୁମଠାରୁ ପ୍ରତିଶୃତି କରି ପୁଣି ପ୍ରତିଶୃତି ଭଙ୍ଗ କରିବି (ଅର୍ଥାତ୍) ମିଛ କହିବି କି ଠିକ୍ ଅଛି ମୁ ଅମୁକ ଦିନ ଏବଂ ଅମୁକ ସମୟରେ ତୁମ ଅର୍ଥକୁ ଦେଇଦେବି କିନ୍ତୁ ପ୍ରତିଶୃତି ପୁରା କରିପାରିବି ନାହିଁ ଓ ଏହା ମିଛକଥା ହେବ । ପୁଣି କହିଲା ଯେ ଆପଣ ତ ହେଉଛନ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବୀ କିନ୍ତୁ ଅଲ୍ଲାଃଙ୍କ ରାଣ । ମୁଁ ହେଉଛି ଅସହାୟୟ । ଅବୁଲ୍ ୟସର୍ କହୁଛନ୍ତି କି ମଁ ତାଙ୍କୁ କହିଲି ଏଥିରେ ତୁମେ ଅଲ୍ଲାଃତାଲାଙ୍କ ରାଣ କଣ ପ୍ରକୃତରେ ଖାଉଅଛ ? ସେ କହିଲା ହଁ ଅଲ୍ଲାଃଙ୍କ ରାଣ । ମୁଁ କହିଲ ଅଲ୍ଲାଃଙ୍କ ରାଣ ? ପୁଣି ମୁଁ ତାଙ୍କୁ ପଚାରିଲି କି ତୁମେ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ତୁମେ ମୋହତାଜ୍ (ଅସହାୟ) ଅଟ ? ସେ କହିଲା ହଁ ଅଲ୍ଲାଃତାଲାଙ୍କ ରାଣ । ମୁଁ ତୃତୀୟ ଥର କହିଲି କଣ ଅଲ୍ଲାଃଙ୍କ ରାଣ ? ସେ କହିଲା ହଁ ଅଲ୍ଲାଃଙ୍କ ରାଣ । ହଜ୍‌ରତ୍ ଅବୁଲ୍ ୟସର୍ ସେହି କ୍ଷଣି ନିଜର ଲେଖାକୁ ଆଣି ନିଜ ହାତ ଦ୍ୱାରା ଲିଭାଇଦେଲେ ଯେଉଁଥିରେ କରଜ ଫେରାଇଦେବା ବିଷୟରେ ଲେଖାହୋଇଥିଲା । ତାକୁ ଲିଭାଇ ଦେଇ କହିଲେ କି ଯଦି ତୁମକୁ ଫେରାଇବା ପାଇଁ ସାମର୍ଥ୍ୟ ମିଳିବ ତେବେ ମୋତେ ଫେରାଇଦେବ ନଚେତ୍ ତୁମେ ହେଉଛ ସ୍ୱାଧିନ । ସେ କହୁଛନ୍ତି କି ମୁଁ ସାକ୍ଷୀ ଦେଉଅଛି କି ମୋର ଏହି ଦୁଇଆଖିର ବସାରତ୍ ଅର୍ଥାତ୍ ନିଜର ଦୁଇଟି ଅଙ୍ଗୁଳି ନିଜ ଆଖିଉପରେ ରଖିଲି ଏବଂ ମୋର ଏହି ଦୁଇଟି କାନର ଶୁଣିବା ସାମର୍ଥ୍ୟ ଓ ମୋର ହୃଦୟ ସେହି କଥାକୁ ମନେରଖିଛି ଏବଂ ସେ ହୃଦୟ ଆଡକୁ ଇସାରା କରି କହିଲେ ଯେ ମୁଁ ସାକ୍ଷୀ ଦେଉଅଛି କି ମୁଁ ସେ ସମୟରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖୁଅଛି । ଯେତେବେଳେ ସେହି ଲେଖାଟିକୁ ସେ ଲିଭାଇଲେ ଏବଂ ମୁକ୍ତ କଲେ ସେତେବେଳେ ସେ କହୁଛନ୍ତି କି ମୁଁ ମୋର ଆଖିଦ୍ୱାରା, ନିଜ କାନଦ୍ୱାରା ଏବଂ ନିଜ ହୃଦୟ ଦ୍ୱାରା ରସୁଲୁଲ୍ଲାଃ ସ:ଆ:ଙ୍କୁ ଦେଖୁଅଛି । ଏବଂ ଆପଣ ସ:ଆ:ସ କହୁଥିଲେ କି ଯିଏ କୌଣସି ଅସହାୟ ବ୍ୟକ୍ତିକୁ ମହଲତ୍ ଦେଲା ବା ତାର ସମସ୍ତ ଆଥିକ ବୋଝକୁ ଓହ୍ଲାଇଦେଲା ଅଲ୍ଲାତାଲା ତାକୁ ନିଜ ଛତ୍ରଛାୟା ତଳେ ସ୍ଥାନ ଦେବ । (ସହି ମୁସ୍‌ଲିମ୍, କିତାବୁଜ୍ ଜୁହଦ୍...ହଦିସ୍ ୭୫୧୨) ତେବେ ମୁଁ ତୁମ ବୋଝକୁ ଓହ୍ଲାଇଦେଲି କାରଣ ମୁଁ ଅଲ୍ଲାଃତାଲାଙ୍କ ଛତ୍ରଛାୟାକୁ ଖୋଜୁଛି । ଅଲ୍ଲାଃତାଲାଙ୍କ ଭୟର ଏହା ଆଉ ଗୋଟିଏ ଦୃଷ୍ଟାନ୍ତ । ଯଦିକିଛି ଅଭିଳାସ ଥିଲା ତେବେ ତାହା କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବାର ନା କୌଣସି ପ୍ରକାରର ସାଂସାରିକ ଲାଭ ।

ହଜ୍‌ରତ୍ ଅବୁଲ୍ ୟସର୍ କାଆବ୍ ବିନ୍ ଉମ୍‌ରେ ହଦିସ୍ ବର୍ଣ୍ଣନା କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିଗଲେ । ଏକଦା ଅବାଦା ବିନ୍ ଓ୍ୱଲିଦ୍‌ଙ୍କ ଠାରୁ ଦୁଇଟି ହଦିସ୍ ବୟାନ୍ କଲେ ଓ ତାଙ୍କର ଅବସ୍ଥା ଏପରି ଥିଲା କି ଆଖି ଓ କାନରେ ଅଙ୍ଗୁଳି ରଖି କହୁଥିଲେ କି ଏହି ଆଖି ଏ ଘଟଣାକୁ ଦେଖିଛି ଓ ଏହି କାନ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ବର୍ଣ୍ଣନା କରିବାର ଶୁଣିଛି । (ସହି ମୁସ୍‌ଲିମ୍ କିତାବୁଜ୍ ଜୁହଦ୍...... ହଦିସ୍ ୭୫୧୨, ୭୫୧୩)

ହଜ୍‌ରତ୍ ଅବୁଲ୍ ୟସର୍‌ଙ୍କ ଜଣେ ପୁତ୍ରଙ୍କ ନାମ ଉମୈର୍ ଥିଲା ଯିଏ ଉମ୍‌ରୋଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ହଜ୍‌ରତ୍ ଉମ୍ମେ ଉମ୍‌ରୋ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ଫୁଫି (ପିଉସୀ) ଥିଲେ । ତାଙ୍କର ଜଣେ ପୁତ୍ର ୟଜିଦ୍ ବିନ୍ ଅବି ୟସର୍ ଥିଲେ ଯିଏ ଲୁବାବା ବିନ୍‌ତ୍ ହାରିସ୍‌ଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ଆଉଜଣେ ପୁଅଙ୍କ ନାମ ହବିବ୍ ଥିଲା ଯାହାଙ୍କ ମାଆଙ୍କ ନାମ ଥିଲା ଉମ୍ମେ ଓ୍ୱଲ୍‌ଦ୍ । ତାଙ୍କର ଆଇଶା ନାମକ ଜଣେ ଝିଅଥିଲେ । ଯାହାଙ୍କ ମାଆଙ୍କ ନାମ ଉମୁର୍ ରିଆଆ ଥିଲା । ସେ ବଦର୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । ସେ ସେତେବେଳେ ତାଙ୍କର ବୟସ କୋଡିଏ ବର୍ଷ ହୋଇଥିଲା । ତାଙ୍କ ଦେହାନ୍ତ ହଜ୍‌ରତ୍ ଅମିରେ ମାଓ୍ୱିୟାଙ୍କ ସମୟରେ ୫୫ହିଜ୍‌ରିରେ ହେଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୬, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଏ ଲୋକମାନଙ୍କର ଅଜବ ପଦମର୍ଯ୍ୟଦା ଥିଲା ଯେଉଁମାନେ ଆମକୁ ଅଲ୍ଲାଃତାଲଙ୍କ ସହିତ ଭକ୍ତି କରିବାର ଶୈଳୀ ମଧ ଶିଖାଇଲେ । ଅଲ୍ଲାଃତାଲଙ୍କୁ ଭୟ କରିବାର ଶୈଳୀ ମଧ ଶିଖାଇଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପଦେଶ ଗୁଡିକୁ ହୃଦୟର ଗଭୀରତମ ପ୍ରଦେଶରେ ଗ୍ରହଣ କରି ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବାର ମାର୍ଗ ମଧ ଶିଖାଇଲେ । ଅଲ୍ଲାଃତାଲା ଏହି ଲୋକମାନଙ୍କର ପଦମର୍ଯ୍ୟାଦା ଉନ୍ନତରୁ ଉନ୍ନତତର କରିଚାଲନ୍ତୁ ।

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ଅନୁଓ୍ୱର୍‌ଙ୍କ ପବିତ୍ର ଅସ୍ତିତ୍ୱ ଉକ୍ତ ଦେଖାଣିଆ ମନୋଭାବଠାରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର ଅଟେ । ହଜୁର୍‌ଙ୍କ ଅସ୍ତିତ୍ୱ ଅତ୍ୟନ୍ତ ବିନମ୍ର ସ୍ୱଭାବର ।

ଜଣେ ଆଫ୍ରିକିୟ ଆମେରିକାନ୍ ନୂତନ ମୁସ୍‌ଲିମ୍ ଅବ୍‌ଦୁଲ୍ ଅଜିଜ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ଏଠି ମସ୍‌ଜିଦ୍‌ର ବହୁତ ଆବଶ୍ୟକତା ଥିଲା । ଏହା ବହୁତ ଭଲ ସେଂଟର୍ ହୋଇଗଲା । କୁହାଯାଇଥାଏ କି ପରିବେଶକୁ ପରିବର୍ତନ କରିବା ପାଇଁ ହେଲେ ଦଶବର୍ଷ ଲାଗିଥାଏ । କିନ୍ତୁ ମୁଁ ଏଠାରେ ଦୁଇବର୍ଷ ମଧରେ ସମାଜକୁ ପରିବର୍ତନ ହେବାର ଦେଖିବାକୁ ପାଇଛି, ଯେଉଁଥିରୁ ପ୍ରମାଣ ହେଉଛି ଯେ ଯଦି ନିଷ୍ଠା ରହିଛି ତେବେ ଏକାଠି ମିଳିମିଶି କାମ କରାଯାଇପାରେ । ହଜୁର୍ ଅନୁଓ୍ୱର୍ ଯାହାକିଛି କହିଲେ ତାହା ସମୟର ଆବଶ୍ୟକତା । ଏହା ଏକ ଆଶ୍ଚର୍ଯ୍ୟ ଚକିତ କରିଦେଉଥିବା ବାର୍ତା ଅଟେ । ହଜୁର୍‌ଙ୍କର ପ୍ରତ୍ୟେକ କଥା ହୃଦୟସ୍ପର୍ଶୀ ।

ଜଣେ ଆଫ୍ରିକୀୟ ଆମେରିକୀୟ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି (ସେ ନିଜ ଚର୍ଚ୍ଚର ଟ୍ରଷ୍ଟି ମଧ ଅଛନ୍ତି):- ଏଠାରେ ଆମେ ଅନ୍ୟ ମୁସଲ୍‌ମାନ୍ ସଂଗଠନ ମାନଙ୍କ ସହିତ ମଧ ଯୋଗାଯୋଗ କରିଥାଉ । କିନ୍ତୁ ଯୋଗାଯୋଗ କରିବାରେ ଅହେମଦୀମାନଙ୍କଠାରୁ ବଳି ଆଉ କେ କହି ନାହାଁନ୍ତି । ଏମାନେ ନିଜେ ଆଗକୁ ବଢ଼ି ଯୋଗାଯୋଗ କରିଥାନ୍ତି ଓ ସମ୍ପର୍କକୁ ସୁଦୃଢ଼ କରିଥାନ୍ତି । ଏମାନେ ଆମକୁ ତାଙ୍କ ପ୍ରୋଗ୍ରାମ୍‌ରେ ନିମନ୍ତ୍ରଣ କରିଥାନ୍ତି ଯଦ୍ୱାରା ଆମେ ଅଧିକରୁ ଅଧିକ ଇସ୍‌ଲାମ୍ ସମ୍ବନ୍ଧରେ ଶିଖିପାରିବୁ । ମୁଁ ଅନେକ ବର୍ଷ ହେବ ଅହେମଦୀ ଜମାତ୍ ସହିତ ଯୋଗାଯୋଗ ରଖିଛି । ଏହି ସୌନ୍ଦର୍ଯ୍ୟମୟ ଅଟ୍ଟାଳିକାଟି ଏ ଜମାତ୍ ପାଇଁ ଏକ ସୁନ୍ଦର ବୃଦ୍ଧି ଅଟେ । ଏହା ହେଉଛି ଏପରି ଏକ ସ୍ଥାନ ଯେଉଁଠି ପ୍ରତ୍ୟେକଙ୍କୁ ନିମନ୍ତ୍ରଣ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତି ଏହି ମସ୍‌ଜିଦ୍‌କୁ ଆସିପାରିବେ । ଆପଣମାନଙ୍କର ଉଦ୍ଦେଶ୍ୟ ହେଉଛି ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ'' ଏହା ଅତ୍ୟନ୍ତ ଉତମ ବାର୍ତା ଏବଂ ବହୁତ ଗଭୀର, ଶିକ୍ଷଣୀୟ ବାର୍ତା । ଏହା ଆମର ଯୁବକମାନଙ୍କୁ ଏକଥା ଶିଖାଉଛି ଯେ ଆପୋଷରେ ପ୍ରେମ କରିବା ଓ ଭଲପାଇବା କେତେ ଆବଶ୍ୟକ । ଆମ ସମାଜରେ ଏହି ମସ୍‌ଜିଦ୍‌ଟି ଏକ ବହୁତ ବଡ ସୌନ୍ଦର୍ଯ୍ୟପୁର୍ଣ୍ଣ ବୃଦ୍ଧି ଘଟାଇଛି ।

ଜଣେ ଆଫ୍ରିକୀୟ ଆମେରିକାନ୍ ମହିଳା ହବିବା ମୁସ୍‌ଲିମା ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ:- ଏ ଇଲାକାରେ ମସ୍‌ଜିଦ୍‌ର ନିର୍ମାଣ ହେବା ବହୁତ ହିଁ ଉତମ ପଦକ୍ଷେପ । ଏହାଦ୍ୱାରା ଆମକୁ ଏକାଠି ହେବାପାଇଁ ଗୋଟିଏ ଉତମ ସ୍ଥାନ ମିଳିଗଲା । ଏଭଳି ଅଟ୍ଟାଳିକା ତ ବହୁତ ଅଛି । କିନ୍ତୁ ଅସଲ କଥା ହେଉଛି ଏହା କି କଣ ଆପଣମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କମ୍ୟୁନିଟି ସେଂଟର୍‌ରେ ଖୋଲା ହୃଦୟତାର ସହିତ ଗ୍ରହଣ କରୁଛନ୍ତି କି । ଏହା ଦେଖି ବହୁତ ଭଲ ଲାଗିଲା ଯେ ଏଠାରେ ପ୍ରତ୍ୟେକଙ୍କୁ ଖୋଲା ହୃଦୟର ସହିତ ସ୍ୱାଗତ କରାଯାଇଛି । ଏହା ହିଁ ହେଉଛି ଅସଲ ଇସ୍‌ଲାମ୍ ଓ ଏହା ହିଁ ଅହେମଦୀ ମାନଙ୍କୁ ସ୍ୱତନ୍ତ୍ର ବିଶେଷତା ପ୍ରଦାନ କରିଛି । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ବହୁତ ଭଲ ଥିଲା । ସେଥିରୁ ବହୁତ କିଛି ଶିଖିବାକୁ ମିଳିଲା । ଆଶା କରୁଛି ଯେ ଆମେ ତାହା ସବୁ ନିଜ ଜୀବନର ଅଂଶ ରୂପେ ବନାଇବୁ । ହଜୁର୍ ଅନୁଓ୍ୱର୍‌ଙ୍କ ବ୍ୟକ୍ତିତ୍ୱରୁ ବିନମ୍ରତା ବାରି ହୋଇପଡୁଛି । ଯଦି ହଜୁର୍ ଅନୁଓ୍ୱର୍‌ଙ୍କ ଉପଦେଶାବଳୀ ଉପରେ ଅମଳ କରାଯିବ ତେବେ ଆମେ ନିଶ୍ଚିତ ରୂପେ ସିଧା ମାର୍ଗରେ ପରିଚାଳିତ ହେବା । (କ୍ରମଶଃ...) (ବହଓ୍ୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ, ୧୩ ଡିସେମ୍ବର୍ ୨୦୧୮ ଏବଂ ୩ରୁ୧୦ ଜାନୁୟାରୀ ୨୦୧୯)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ପାଇଁ ପୂର୍ଣ୍ଣ ସାମର୍ଥ୍ୟ ଅନୁସାରେ ଚେଷ୍ଟା କରିବେ । ଯେତେବେଳେ ଆପଣମାନଙ୍କ ମଧ୍ୟରୁ କାହାକୁ ସାହାଯ୍ୟ ସହଯୋଗର ଆବଶ୍ୟକତା ପଡ଼ିବ, ଆମେ ଏ ପ୍ରତିଜ୍ଞା କରୁଛୁ ଯେ ଯେକୌଣସି ପ୍ରକାରରେ ମଧ୍ୟ ଆମେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛୁ । ପ୍ରତ୍ୟେକ ଦୁଃଖ ଏବଂ ସୁଖ ଅବସରରେ ଆମେ ଆମ ପଡୋଶୀମାନଙ୍କର ଅଶ୍ରୁକୁ ପୋଛିନେବୁ, ସେମାନଙ୍କ ସାହାଯ୍ୟ ଓ ସେମାନଙ୍କୁ ଆରାମ ପହଂଚାଇବା ପାଇଁ ପ୍ରସ୍ତୁତ ରହିବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସୁତରାଂ ମୋର ଏ ବିଶ୍ୱାସ ଅଛି କି ଆପଣମାନେ ଏହା ସବୁକିଛି କାର୍ଯ୍ୟରେ ପରିଣତ ହେବାର ଦେଖିବେ । ଏହି ମସ୍‌ଜିଦ୍‌ଟି ଯେଉଁଠି ଏହି ସହରରେ ଗୋଟିଏ ସୁନ୍ଦର ଅଟ୍ଟାଳିକା ରୂପେ ବୃଦ୍ଧି ଘଟାଇଛି ତା'ଠାରୁ ଆହୁରି ଅଧିକା ଏହି ମସ୍‌ଜିଦ୍‌ଟି ଆଧ୍ୟାତ୍ମିକ ରୂପେ ଏହି ସହରର ଚତୁଃପାର୍ଶ୍ୱରେ ପ୍ରେମ ଓ ସ୍ନେହକୁ ପ୍ରସାର କରି ଏହି ସହର ଓ ଏହି ସମାଜକୁ ଆହୁରି ଅଧିକା ସୁନ୍ଦର ରୂପେ ଗଢ଼ି ତୋଳିବାର କାରଣ ହେବ । ଏହି ମସ୍‌ଜିଦ୍‌ଟି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଶାନ୍ତିପ୍ରିୟ ଲୋକମାନଙ୍କ ପାଇଁ ଆଲୋକ ଓ ଆଶାର କିରଣ ସାବ୍ୟସ୍ତ ହେବ ।

ଏତିକି କହି ମୁଁ ଏ ଆଶା କରୁଛି ଓ ପ୍ରାର୍ଥନା କରୁଛି କି ସମସ୍ତ ଲୋକେ ଯେଉଁମାନେ ଏହି ସହରର ବାସିନ୍ଦା ଅଟନ୍ତି, ସେ ସମସ୍ତେ ଯେ କେହି ହୁଅନ୍ତୁ ନା କାହିଁ ଓ କୌଣସି ଧର୍ମ ସହିତ ସମ୍ପର୍କ ରଖନ୍ତୁ ନା କାହିଁ ସମସ୍ତେ ଏକାଠି ମିଳିମିଶି ସମାଜର ଏକତା ଖାତିର୍ କାମ କରିବେ ଏବଂ ବାସ୍ତବିକ୍ ଓ ସ୍ଥାୟୀ ଶାନ୍ତିପ୍ରିୟ ସମାଜ ସ୍ଥାପନ କରିବା ପାଇଁ ଚେଷ୍ଟା କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏପରି କୁହାଯାଏ କି ଫିଲା ଡେଲ୍‌ଫିୟା ହେଉଛି ପ୍ରଥମ କଲୋନୀୟାଲ୍ ସହର ଯାହା ଏହି ଦେଶରେ ଧର୍ମୀୟ ସ୍ୱାଧିନତା ଏବଂ ଉପାସନା କରିବାର ସ୍ୱାଧୀନତା ପ୍ରଦାନ କରିବାର କାନୁନ୍ ପାସ୍ କରିଛି । ତତ୍‌ସହିତ ଏହା କି ଏହା ହେଉଛି ସେହି ଐତିହାସିକ ସହର ଯେଉଁଠାରେ Declaration of Independence ରେ ଦସ୍ତଖତ କରାଯାଇଥିଲା । ତେଣୁ ଏହି ସହରର ଏକ ଗୌରବପୂର୍ଣ୍ଣ ଇତିହାସ ରହିଛି । ମୋର ପ୍ରାର୍ଥନା କି ଏହି ସହରର ଅଧିବାସୀମାନେ ନିଜର ମହାନ୍ ଅତୀତକୁ ମନେରଖିବେ ଏବଂ ଆସନ୍ତାକୁ ମଧ୍ୟ ଏହି ଐତିହାସିକ ଘଟଣା ଆପଣଙ୍କ ଜାତିର ଏକ ଲକ୍ଷଣ ରୂପେ ଚିହ୍ନିତ ହେଉ ।

ମୋର ପ୍ରାର୍ଥନା ଯେ ଏହି ସହର ସଦାସର୍ବଦା ପାଇଁ ଧର୍ମୀୟ ସ୍ୱାଧିନତାର ଦୀପ ହୋଇଯାଉ ଏବଂ ଏହି ସହରର ପ୍ରତ୍ୟେକ ଅଧିବାସୀ ନା କେବଳ ଏହି ସହରରେ ବରଂ ସମଗ୍ର United State of America ରେ ଏବଂ ପୁଣି ସମଗ୍ର ପୃଥିବୀରେ ଶାନ୍ତି ସ୍ଥାପନ କରିବା ପାଇଁ ନିଜର କର୍ତବ୍ୟ ସମ୍ପାଦନ କରିବେ ।

ଯଦିଚ ଆମ ଜମାତ୍ ଏଠାରେ ଅଳ୍ପ ମାତ୍ରାରେ ରହିଛି କିନ୍ତୁ ମୁଁ ନିଶ୍ଚିତ କରାଉଛି କି ଅହେମଦୀୟା ମୁସ୍‌ଲିମ୍ ଜମାତ୍ ସର୍ବଦା ଏହିଭଳି ପ୍ରୋଗ୍ରାମ୍‌ର ଅଂଶିଦାର ରହିବ ଏବଂ ପ୍ରତ୍ୟେକ ପ୍ରକାରର ସାହାଯ୍ୟ ଯୋଗାଇ ଦେବାପାଇଁ ପ୍ରସ୍ତୁତ ରହିବ । ଈଶ୍ୱର କରନ୍ତୁ କି ବାସ୍ତବିକ ଶାନ୍ତି ସମସ୍ତ ସହର ଓ ଦେଶଗୁଡିକ ଉପରେ ବିସ୍ତାର ଲାଭ କରୁ । ପରିଶେଶରେ ମୁଁ ଆପଣ ସମସ୍ତଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣମାନେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେଲେ । ଅଲ୍ଲାଃତାଲା ଆପଣ ସମସ୍ତଙ୍କ ଉପରେ ନିଜର କରୁଣା ପ୍ରଦାନ କରନ୍ତୁ । ଧନ୍ୟବାଦ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ଅଭିଭାଷଣ ୬:୨୭ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର୍ ଅନୁୱର୍ ଦୁଆ କରାଇଲେ । ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣର ପରିସମାପ୍ତିରେ ଅତିଥିମାନେ ବହୁ ସମୟ ପର୍ଯ୍ୟନ୍ତ ଛିଡା ହୋଇ କରତାଳି ଲଗାଇଲେ । ଏହାପରେ ହଜୁର୍ ଅନୁୱର୍ ଷ୍ଟେଜ୍ ଉପରେ ବସିଥିବା ଅତିଥିମାନଙ୍କୁ ଉପହାର ପ୍ରଦାନ କଲେ । ଏହାପରେ ଡିନର୍ ପ୍ରୋଗ୍ରାମ୍ ଅନୁଷ୍ଠିତ ହେଲା । ଖାଇବା ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କଲେ । ଅତିଥିମାନେ ଗୋଟିଏ ଧାଡିରେ ଛିଡା ହୋଇ ହଜୁର୍ ଅନୁୱର୍‌ଙ୍କ ସହିତ ମିଶୁଥିଲେ । ହଜୁର୍ ଅନୁୱର୍ ଅତିଥିମାନଙ୍କ ସହିତ ବାର୍ତାଳାପ କରୁଥିଲେ । ସେହିପରି ଅତିଥିମାନେ ମଧ୍ୟ ଫଟୋ ଉତୋଳନ କରୁଥିଲେ । ପୁଣି ହଜୁର୍ ଅନୁୱର୍ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୮:୩୦ରେ ହଜୁର୍ ଅନୁୱର୍ ନମାଜ ମଗ୍‌ରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ଏହାପରେ ହଜୁର୍ ଅନୁୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର୍ ଅନୁୱର୍‌ଙ୍କ ଦ୍ୱାରା ପ୍ରଦତ ଅଭିଭାଷଣ ପରେ ଅତିଥିମାନଙ୍କ ମନୋଭାବ ବ୍ୟକ୍ତ**

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଆଜିର ଏ ଅଭିଭାଷଣ ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା ଏବଂ ଅନେକ ଅତିଥି ନିଜର ମନୋଭାବକୁ ପ୍ରକାଶ କଲେ ।

ଫିଲା ଡେଲ୍‌ଫିୟା ସହରର ମେୟର୍ ଜିମ୍ କେନି ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ:- ଜମାତ୍‌ର ସଦସ୍ୟମାନଙ୍କ ସହିତ ଦୁଇବର୍ଷ ପୂର୍ବେ ମୋର ସମ୍ପର୍କ ସ୍ଥାପନ ହୋଇଥିଲା । ସେ ସମୟରେ ଏହି ମସ୍‌ଜିଦ୍‌ର ନିର୍ମାଣ ପ୍ରାରମ୍ଭିକ ଅବସ୍ଥାରେ ଥିଲା । ବର୍ତମାନ ଏହା ବହୁତ ସୁନ୍ଦର ଏବଂ ଉଚ୍ଚକୋଟୀର ଅଟ୍ଟାଳିକା ନିର୍ମାଣ ହୋଇସାରିଛି । ଏହା ବହୁତ ବଡ ଇନ୍‌ଭେଷ୍ଟ୍‌ମେଂଟ୍ । ଏହି ସ୍ଥାନଟି ବହୁତ ଉପାଦେୟ ସ୍ଥାନ । ମୁଁ ଜମାତ୍ ସମ୍ବନ୍ଧରେ କହିବାକୁ ଚାହୁଁଛି କି ଏ ଜମାତ୍ ସେବା କରିବାରେ ବିଶ୍ୱାସ ରଖିଥାଏ । ଆମେ ସମସ୍ତେ ଏହି ସହରର ବାସିନ୍ଦାମାନଙ୍କୁ ଏହି ସେବା ଉଚିତ୍ । ଯଦି ଏହି ମସ୍‌ଜିଦ୍‌କୁ ଆସୁଥିବା ଲୋକେ ଆମ ଆଖପାଖର ପଡୋଶୀ ଲୋକମାନଙ୍କୁ, ସେମାନଙ୍କ ପିଲାମାନଙ୍କୁ ଉତମ ନାଗରିକ ରୂପେ ଗଢ଼ି ତୋଳିବାରେ ସଫଳ ହୋଇଯାଆନ୍ତି ଏବଂ ସେମାନଙ୍କ ଭିତରେ କର୍ତବ୍ୟବୋଧର ଧାରଣାକୁ ପ୍ରତିଷ୍ଠା କରିଦିଅନ୍ତି ତେବେ ଆମର ଏହି ସହର ନିମନ୍ତେ ଏବଂ ଏ ଇଲାକା ପାଇଁ ଗୋଟିଏ ବହୁତ ବଡ ପରିବର୍ତନ ହେବ ।

ହଜୁର୍ ଅନୁୱର୍‌ଙ୍କ ସହିତ ମିଶି ବହୁତ ଭଲ ଲାଗିଲା । ହଜୁର୍‌ଙ୍କର ବ୍ୟକ୍ତିତ୍ୱ ଏକ ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଅଟେ । ହଜୁର୍ ହେଉଛନ୍ତି ଜଣେ ଦୂରଦ୍ରଷ୍ଟା । ହଜୁର୍‌ଙ୍କର ଉପସ୍ଥିତି ହିଁ ଆମକୁ ଏପରି ଅନୁଭବ କରାଉଛି ଯେ ସେ କେତେ ମହାନ୍ ବ୍ୟକ୍ତି ଅଟନ୍ତି । ସେଇଥିପାଇଁ ଅଲ୍ଲାଃତାଲା ତାଙ୍କୁ ଏପରି ମହାନ୍ ପଦମର୍ଯ୍ୟାଦା ନିମନ୍ତେ ନିର୍ବାଚିତ କରିଛନ୍ତି । ହଜୁର ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର୍ ବହୁତ ସୌନ୍ଦର୍ଯ୍ୟପୂର୍ଣ୍ଣ ଥିଲା । ହଜୁର୍ ଫିଲା ଡେଲ୍‌ଫିୟାର ଅବସ୍ଥା ଏବଂ ସରକାରଙ୍କ ପ୍ରସଙ୍ଗରେ ପ୍ରଶ୍ନ କଲେ । ହଜୁର୍ ଏଠିକାର ଇଣ୍ଡଷ୍ଟ୍ରି ଏବଂ ଇମ୍‌ପୋର୍ଟ୍ ପ୍ରସଙ୍ଗରେ ପଚାରି ବୁଝିଲେ । ଋଷ କାର୍ଯ୍ୟ ପ୍ରସଙ୍ଗରେ କଥା ହେଲେ । ସୁତରାଂ ହଜୁରଙ୍କୁ ଆମର ଚିନ୍ତା ଥିଲା । ସେହିପରି ମେୟର୍ ଏବଂ କାଉନ୍‌ସିଲ୍‌ର କାର୍ଯ୍ୟକ୍ଷମତା ପ୍ରସଙ୍ଗରେ କଥା ହେଲେ । ହଜୁର୍ ଅନୁୱର୍‌ଙ୍କ ସହିତ ଏହି ସମସ୍ତ ବାର୍ତାଳାପ କରିବା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା ।

ଏ ଦେଶରେ ଧର୍ମୀୟ ସ୍ୱାଧୀନତା ଅଛି । ଏଠାରେ ଅନେକ ଧର୍ମର ଲୋକେ ବସବାସ କରନ୍ତି । ମୁଁ ସ୍ୱୟଂ ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖେ । ଆମର କାର୍ଯ୍ୟ ହେଉଛି ଏହା କି ଆମେ ସମସ୍ତେ ମିଳିମିଶି ସମାଜର ହିତ ସାଧନ ନିମନ୍ତେ ନିଜର ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇବା । ମୋ ଧାରଣା ହେଉଛି ଏହା କି ଈଶ୍ୱର ମଧ୍ୟ ଆମଠାରୁ ଏହା ହିଁ ଚାହୁଁଛନ୍ତି ।

ଏଠାରେ ଆପଣମାନେ ବହୁତ ବଡ ଇନ୍‌ଭେଷ୍ଟ୍‌ମେଂଟ୍ କରିଛନ୍ତି । ମୋ ମତରେ ଏହା ୬ରୁ୭ ମିଲିୟନ୍ ଡଲାର୍ ହେବ । ଏହା ଜଣେ ଅନ୍ୟଜଣକୁ ସାହାଯ୍ୟ କରିବାର ଏକ ଉଜ୍ଜ୍ୱଳ ଉଦାହରଣ । ମୁସଲ୍‌ମାନ୍ ଜଣେ ଅନ୍ୟଜଣକୁ ସାହାଯ୍ୟ କରିବାରେ ବହୁତ ବଦାନ୍ୟ । ଆପଣମାନଙ୍କ ନିକଟରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ମନୋଭାବ ବହୁତ ଉଦାହରଣୀୟ ।

ହଜୁର୍ ଅନୁୱର୍‌ଙ୍କର ବାର୍ତା ବହୁତ ହିଁ ମନମୁଗ୍ଧକାରୀ ଥିଲା । ଶାନ୍ତି, ପ୍ରେମ ଓ ସ୍ନେହ ମାଧ୍ୟମରେ ଆମେ ମିଳିମିଶି ଉନ୍ନତି କରିପାରିବା ଏବଂ ଏହି ସହରକୁ ଆହୁରି ଅଧିକା ଭାତୃଭାବରେ ବଢ଼ାଇପାରିବା । ହଜୁର୍ ଅନୁୱର୍‌ଙ୍କ ବାର୍ତା ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ହଜୁର୍ ଅନୁୱର୍ ହେଉଛନ୍ତି ଅତ୍ୟନ୍ତ ଦୂରଦ୍ରଷ୍ଟା, ବହୁତ ସ୍ନେହୀ ଏବଂ ମାନବଜାତିକୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଅଟନ୍ତି ।

କଂଗ୍ରେସ୍ ମ୍ୟାନ୍ ଡ୍ୱଇଟ୍ ଇଭାନ୍‌ସ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ହଜୁର୍ ଅନୁୱର୍ ଶାନ୍ତି ପ୍ରତିଷ୍ଠା କରିବା ସମ୍ବନ୍ଧରେ ବହୁତ ସୁନ୍ଦର ବାର୍ତା ଦେଇଛନ୍ତି । ଦୁର୍ଭାଗ୍ୟ ବଶତଃ ଆମେ ଆମେରିକାରେ ଗୋଟିଏ ଅନ୍ଧକାରମୟ ଯୁଗ ଦେଇ ଗତି କରୁଅଛୁ ଓ ଏହିପରି ଯୁଗରେ ହଜୁର୍‌ଙ୍କର ବାର୍ତା ବହୁତ ସୌନ୍ଦର୍ଯ୍ୟପୂର୍ଣ୍ଣ ଥିଲା । ଏଥିରୁ ପ୍ରମାଣିତ ହେଉଛି କି ମୁସଲ୍‌ମାନ୍ କମ୍ୟୁନିଟି ନା କେବଳ ଆମେରିକା ବରଂ ସମଗ୍ର ପୃଥିବୀ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ । ଜଣେ କଂଗ୍ରେସ୍ ମ୍ୟାନ୍ ହିସାବରେ ମୁଁ ହଜୁର୍ ଅନୁୱର୍‌ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଆମକୁ ଭବିଷ୍ୟତରେ ଶାନ୍ତି ଦରକାର । ଫିଲା ଡେଲ୍‌ଫିୟାର ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗରେ ଏକ ଗୁରୁତ୍ୱ ରହିଛି ଏବଂ ଏହି ସ୍ଥାନଟି ଆପଣମାନଙ୍କ ମସ୍‌ଜିଦ୍ ନିମନ୍ତେ ଗୋଟିଏ ଉତମ ସ୍ଥାନ ରୂପେ ପ୍ରମାଣିତ ହେବ । ମୁଁ ହୃଦୟର ଗଭୀରତାରୁ ହଜୁର୍ ଅନୁୱର୍‌ଙ୍କୁ ଏବଂ ଆପଣଙ୍କ ଜମାତ୍‌କୁ ଏହି ମସ୍‌ଜିଦ୍ ନିର୍ମାଣ ନିମେନ୍ତ ଶୁଭେଚ୍ଛା ଜଣାଉଛି । ଏବଂ ୟୁ.ଏସ୍ ଏ ର ଜଣେ କଂଗ୍ରେସ୍ ମ୍ୟାନ୍ ହିସାବରେ ମୁଁ ଏହା କହୁଅଛି କି ମୁଁ ପ୍ରତ୍ୟେକ ସମୟରେ ଆପଣଙ୍କ ସହିତ ଓ ଆପଣଙ୍କ ଜମାତ୍ ସହିତ ଛିଡା ହୋଇଛି । ହଜୁର୍ ଅନୁୱର୍‌ଙ୍କ ସହିତ ହୋଇଥିବା ସାକ୍ଷାତ୍‌କାର୍ ବହୁତ ମନମୁଗ୍ଧକାରୀ ଥିଲା । ଖାଦ୍ୟ ବିଷୟରେ ବାର୍ତାଳାପ ହେଲା । ମୋର ସମ୍ବନ୍ଧ ଯେହେତୁ ଋଷ ବିଭାଗ ସହିତ ରହିଛି, ସେଥିଯୋଗୁ ଫୁଡ୍ ପଲିସ୍ ଉପରେ ବାର୍ତାଳାପ ହେଲା । ଆନ୍ତର୍ଜାତିକ ସ୍ତରରେ ଏହା ଅତ୍ୟନ୍ତ ଗୁରୁତ୍ୱ ରଖିଥାଏ । ହଜୁର୍ ଅନୁୱର୍‌ଙ୍କ ସହିତ ଏ ବିଷୟରେ କଥା ହୋଇ ବହୁତ ଖୁସି ଲାଗିଲା ।

ଏହି ପ୍ରୋଗ୍ରାମ୍‌ରେ ଜଣେ ଜଜ୍ Harry Schwartz ସାହେବ ମଧ୍ୟ ସାମିଲ୍ ହୋଇଥିଲେ । ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତ- ମୋତେ ଏଠାକୁ ନିମନ୍ତ୍ରଣ କରାଯିବା ମୋ ପାଇଁ ଅତ୍ୟନ୍ତ ସମ୍ମାନର କଥା । ଅନେକ ଅହେମଦୀ ମାନଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ମିଳିଛି । ମୁଁ ଏହି ଜମାତ୍ ସହିତ ୨୫ ବର୍ଷ ହେବ ପରିଚିତ । ଅନେକ ବର୍ଷ ହେବ ଏଠିକାର ସ୍ଥାନୀୟ ସଦର ମୋର ଜଣେ ଉତମ ବନ୍ଧୁ ଓ ଉତମ ପଡୋଶୀ । ତାଙ୍କ ସହିତ ଡିନର୍ ସମୟରେ ଅନେକ ଥର ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା କରିଛି । ମୁଁ ଏକଥା ଭାବୁଛି ଯେ ଜଣେ ଅନ୍ୟଜଣଙ୍କ ସହିତ ମିଶି ବସିବା ଦ୍ୱାରା ଜଣେ ଅନ୍ୟଜଣଙ୍କର ସମସ୍ୟା ଗୁଡିକୁ ସମାଧାନ କରିହେବ । ହଜୁର୍ ଅନୁୱର୍‌ଙ୍କ ବ୍ୟକ୍ତିତ୍ୱ ହେଉଛି ଅତ୍ୟନ୍ତ ମନମୁଗ୍ଧକାରୀ । ହଜୁର୍ ବହୁତ ସ୍ଥାନ ଗସ୍ତ କରିଛନ୍ତି ଏବଂ ଅଭିଭାଷଣ ପ୍ରଦାନ କରିଛନ୍ତି । ହଜୁର୍ ଅନୁୱର୍‌ଙ୍କ ପ୍ରେମ ଏବଂ ଭଲପାଇବା ଏବଂ ଏକାଠି ମିଳିମିଶି ବସିବାର ବାର୍ତାକୁ ଯଦି ବୁଝି ନିଆଯାଏ ତେବେ ମୋ ମତରେ ଆମ ସମସ୍ତଙ୍କର ଅବସ୍ଥା ସୁଧୁରି ଯିବ ।

ଫିଲା ଡେଲ୍‌ଫିୟା ପୋଲିସ୍ ଡିପାର୍ଟ୍‌ମେଂଟ୍‌ରୁ ଜଣେ କ୍ୟାପ୍‌ଟେନ୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- କ୍ୟାପ୍‌ଟେନ୍ ରୂପେ କାର୍ଯ୍ୟ କରିବାର ମୋତେ ଏଠାରେ ଦୁଇବର୍ଷ ହୋଇଗଲାଣି ଏବଂ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସାତ ବର୍ଷରେ ସମ୍ପୂର୍ଣ୍ଣ ହୋଇଛି । ଆମର ଏଠି ବିଭିନ୍ନ କମ୍ୟୁନିଟି ସହିତ ନିକଟ ସମ୍ପର୍କ ରହିଛି । ଆମର ଏ ଚେଷ୍ଟା ଥାଏ କି ଆମେ ଜଣେ ଅନ୍ୟଜଣଙ୍କର ନିକଟତର ହେବୁ । ଏହି ମସ୍‌ଜିଦ୍‌ଟି ଏହି କମ୍ୟୁନିଟିର ଗୋଟିଏ ନୂଆ ଦିଗ । ମୁଁ ଅନ୍ୟାନ୍ୟ ପୋଲିସ୍ ବିଭାଗର ସଦସ୍ୟମାନଙ୍କ ସହିତ ଏଠାକୁ ଏଇଥିପାଇଁ ଆସିଛି ଯେ ମୁଁ ନିଜ ତରଫରୁ ଭାତୃଭାବକୁ ପରିପ୍ରକାଶ କରିବି କି ଆମେ ଆପଣମାନଙ୍କ ସହିତ ଅଛୁ । ଇସ୍‌ଲାମ୍ ଏବଂ ଏଠିକାର ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆମେ ପୋଲ ସଦୃଶ କାର୍ଯ୍ୟ କରୁଅଛୁ । ମୁଁ ଏହା ଦେଖିବାକୁ ଚାହୁଁଛି ଯେ ଏହି ମସ୍‌ଜିଦ୍‌ଟି ଏଠିକାର ସ୍ଥାନୀୟ ଅଧିବାସୀଙ୍କ ନିମନ୍ତେ କଣ ଉପସ୍ଥାପନ କରୁଅଛି ଓ ଏଥି ନିମନ୍ତେ ପୋଲିସ୍ ନିଜର କଣ ଯୁକ୍ତାତ୍ମକ ଅଭିନୟ ନିର୍ବାହ କରିପାରୁଛି । ଆମେ ଅନ୍ୟ ସମସ୍ତ କମ୍ୟୁନିଟି ସହିତ ମିଶି କାମ କରୁଅଛୁ । ସେହିପରି ମସ୍‌ଜିଦ୍ ପାଇଁ ଯେତେବେଳେ ମଧ୍ୟ ଆମକୁ ଡକାଯାଇଛି ଆମେ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଛୁ । ଏଠିକାର ଜମାତ୍‌ର ବ୍ୟବସ୍ଥାପିକା ବହୁତ ଯୋଗ୍ୟ । ତେଣୁ ଆମକୁ ତ କିଛି କରିବାକୁ ପଡିଲା ନାହିଁ । ଏଠିକାର ସ୍ଥାନୀୟ ଲୋକମାନଙ୍କ ସହିତ ଯୋଗାଯୋଗ ଇତ୍ୟାଦି କାର୍ଯ୍ୟ କରିବାରେ ଏଠିକାର ଜମାତ୍ ବହୁତ ଗୁରୁତ୍ୱପୂର୍ଣ୍ଣ ରୋଲ୍ ନିର୍ବାହ କରିଛି ।

ଜଣେ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ମୁଁ ହଜୁର୍ ଅନୁୱର୍‌କୁ ଅତ୍ୟନ୍ତ ବିନମ୍ର ରୂପେ ଦେଖିବାକୁ ପାଇଲି । ତାଙ୍କର କହିବାର ଶୈଳୀ ବହୁତ ନମ୍ର । ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ମିଶିବା ସମୟରେ ସେ ଅତ୍ୟନ୍ତ ଦୟା ଆଚରଣ କରିଥାନ୍ତି । ସାଧାରଣତଃ ଏହା ଦେଖାଯାଇଥାଏ ଯେ ଯେଉଁ ଲୋକମାନେ ଏପରି ଉଚ୍ଚ ପଦମର୍ଯ୍ୟାଦା ପ୍ରାପ୍ତ କରିଥାନ୍ତି ସେମାନଙ୍କଠାରେ ଏକପ୍ରକାରର ଦେଖାଣିଆ ମନୋଭାବ ଓ ସ୍ୱଭାବ ଆସିଯାଏ କିନ୍ତୁ ହଜୁର୍

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 28 February 2019 Issue No. 9

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୧୯ ଅକ୍ଟୋବର ୨୦୧୮ (ଶୁକ୍ରବାର)
## ରିପୋର୍ଟ୍‌ର ବଳକା ଅଂଶ
## ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣର ବଳକା ଅଂଶ

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ମୁଁ ଏକଥା କହୁନାହିଁ ଯେ ବର୍ତମାନ ସମାଜରେ ରହୁଥିବା ବିଭିନ୍ନ ବ୍ୟକ୍ତି ବା କୌମ୍ ଗୁଡିକ ଉପରେ ଲାଗୁ ହୋଇଥିବା ଅଗଣତି କାନୁନ୍ ଗୁଡିକୁ ଏକାଠି କରିଦିଆଯାଉ ବରଂ ମୋର ପଏଂଟ୍ କେବଳ ଏତିକି ଯେ ଆମର ପ୍ରାଥମିକତା ଏହା ହେବା ଉଚିତ୍ କି ଆନ୍ତର୍ଜାତିକ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରି ନ୍ୟାୟ ଏବଂ ଉତମ ଚରିତ୍ରକୁ ପ୍ରୋତ୍ସାହନ ଦେଇ ସମାଜରେ ଶାନ୍ତି ପ୍ରତିଷ୍ଠା ହେଉ । ଏହାକୁ ଅଧିକା ସ୍ପଷ୍ଟୀକରଣ କରି ପବିତ୍ର କୋରାନ୍ ଏବଂ ରସୁଲେ କରିମ୍ ସ:ଆ:ସ ବହୁତ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି କି ଧର୍ମ ସମ୍ବନ୍ଧରେ କୌଣସି ପ୍ରକାରର ବାଧ୍ୟବାଧକତା ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ଏ ଅଧିକାର ରହିଛି ଯେ ସେ ନିଜ ମନ ମୁତାବକ ଯେକୌଣସି ରାସ୍ତାକୁ ଗ୍ରହଣ କରିପାରିବ ଏବଂ ଧର୍ମ ହେଉଛି ପ୍ରତ୍ୟେକଙ୍କ ନିଜର ହୃଦୟ ଓ ମନର ମାମଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେହିପରି ଇସ୍‌ଲାମ୍ ଏ ଶିକ୍ଷା ଦେଇଥାଏ କି ଧର୍ମ ଏବଂ ଆସ୍ଥାରେ ବିଭେଦତା ଥିବା ସତ୍ତ୍ୱେ ମଧ୍ୟ ପ୍ରତ୍ୟେକ ନାଗରିକଙ୍କ ଏ କର୍ତବ୍ୟ କି ସେ ଶାନ୍ତିପୁର୍ଣ୍ଣ ବସବାସ କରୁ ଓ ଏକଥାକୁ ନିଶ୍ଚିତ କରାଉ କି ସେ ଏପରି କୌଣସି କାର୍ଯ୍ୟର ଭାଗିଦାରୀ ନୁହେଁ ଯାହା ସମାଜର ଶାନ୍ତିକୁ ଖରାପ କରୁଥିବ । ଇସ୍‌ଲାମ୍ ଏ ଶିକ୍ଷା ଦେଉଛି କି ସମସ୍ତ ସଦସ୍ୟ ହେଉଛନ୍ତି କାନୁନ୍ ଅନ୍ତର୍ଗତ ଏବଂ ପ୍ରତ୍ୟେକ ବ୍ୟକ୍ତି ଦେଶଭକ୍ତ ନାଗରିକ ହେଉ ଏବଂ ସେ ଦେଶର ଉନ୍ନତି ଓ ଦେଶକୁ ସୁଦୃଢ଼ କରିବାରେ ଭାଗିଦାର୍ ହେଉ । ଯଦି ଆପଣମାନଙ୍କ ମଧ୍ୟରୁ କାହା ମନ ଭିତରେ ଏହି ନୂତନ ରୂପେ ନିର୍ମାଣ ହେଉଥିବା ମସ୍‌ଜିଦ୍ ପ୍ରସଙ୍ଗରେ କୌଣସି ଶଙ୍କା ଅଛି ଓ ଭୟ ରହିଛି କି ମୁସଲ୍‌ମାନ୍‌ମାନେ ଏହି ମସ୍‌ଜିଦ୍‌କୁ ବାକି ରହିଥିବା ସମାଜ ବିରୋଧରେ କୌଣସି ଗୁପ୍ତ ଯୋଜନା ଏବଂ ସ୍କିମ୍ ଜରିଆରେ ଘୃଣାଭାବ ପ୍ରଚାର କରିବାର କାରଣ ହେବେ ବୋଲି ତେବେ ନିଶ୍ଚିତ ରୁହନ୍ତୁ ଯେ ଏହିପରି କୌଣସି ପ୍ରକାରର ମଧ୍ୟ ମନୋଭାବ ରଖିବାର ଆବଶ୍ୟକତା ନାହିଁ । ଏ ବିଶ୍ୱାସ ରଖନ୍ତୁ କି ଏହି ଅଟ୍ଟାଳିକାରୁ କେବଳ ପ୍ରେମ, ଭଲପାଇବା ଏବଂ ଭାଇଚାରାର ବାର୍ତା ପ୍ରଚାର ପ୍ରସାର ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ପ୍ରସଙ୍ଗରେ ମୁଁ ସଂକ୍ଷିପ୍ତରେ ମସ୍‌ଜିଦ୍ ନିର୍ମାଣର ଉଦ୍ଦେଶ୍ୟ ସମ୍ବନ୍ଧରେ ବର୍ଣ୍ଣନା କରୁଅଛି । ମସ୍‌ଜିଦ୍ ନିର୍ମାଣ ହେବାର ମୂଳ ଉଦ୍ଦେଶ୍ୟ ହେଉଛି ଏହା କି ମୁସଲ୍‌ମାନ୍ ଏକାଠି ମିଳିମିଶି ଆପୋଷ ପ୍ରେମଭାବ ଓ ଏକତାର ପରିବେଶକୁ ପ୍ରତିଷ୍ଠା କରି ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରିବେ । ଯେଉଁଭଳି ଅଲ୍ଲାଃତାଲା (ସେମାନଙ୍କୁ) ଉପାସନା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ମସ୍‌ଜିଦ୍‌ର ଦ୍ୱିତୀୟ ମୂଳ ଉଦ୍ଦେଶ୍ୟ ହେଉଛି ଏହା କି ମାନବଜାତିର ସେବାର ଗୋଟିଏ ମର୍କଜ ପ୍ରତିଷ୍ଠା କରାଯାଉ । ପ୍ରତ୍ୟେକ ଉପାସନାକାରୀଙ୍କ ନିମନ୍ତେ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ଦାୟିତ୍ୱ ହେଉଛି ଏହା କି ସେ ସମାଜର ଅନ୍ୟ ସମସ୍ତ ସଦସ୍ୟମାନଙ୍କର ଅଧିକାରକୁ ପ୍ରଦାନ କରୁ । ସୁତରାଂ ଗୋଟିଏ ପ୍ରକୃତ ମସ୍‌ଜିଦ୍ ପ୍ରେମ, ସହାନୁଭୂତି ଏବଂ ଏକତାର ପ୍ରତୀକ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁସ୍‌ଲିମ୍ ଜମାତ୍ ଅହେମଦୀୟାର ଇତିହାସ ଏକତାର ମୂକସାକ୍ଷୀ ଅଛି କି ଏ ପୃଥିବୀରେ ଯେକୌଣସି ସ୍ଥାନରେ ଆମେ ମଧ୍ୟ ମସ୍‌ଜିଦ୍ କାଏମ୍ କରିଛୁ, ଯେଉଁ ଲୋକମାନେ ସେହି ମସ୍‌ଜିଦ୍ ଗୁଡିକରେ ଉପାସନା କରୁଛନ୍ତି ସେମାନେ ଅନ୍ୟ ଧର୍ମ ଏବଂ ଅନ୍ୟ ନାଗରିକ ମାନଙ୍କ ସହିତ ସହାନୁଭୂତି, ପ୍ରେମ ଓ ନିଷ୍ଠାଭାବ ପୂର୍ବାପେକ୍ଷା ଅଧିକା କରିଛନ୍ତି । ଯଦି ଆମ ମସ୍‌ଜିଦ୍ କୌଣସି କଥାରେ ଅହେମଦୀ ମାନଙ୍କୁ ଉତ୍ସୁକାଉଥାଏ ତେବେ ତାହା ଚରମପନ୍ଥୀ ଓ ସନ୍ତ୍ରାସବାଦ ନୁହେଁ ବରଂ କେବଳ ମାନବଜାତିର ସେବା ନିମନ୍ତେ ଉତ୍ସୁକାଉଥାଏ ଓ ଏକଥାରେ ଉତ୍ସୁକାଉଥାଏ କି ଆମେ ନିଜର ହୃଦୟକୁ ଅନ୍ୟମାନଙ୍କ ନିମନ୍ତେ ଉନ୍ମୁକ୍ତ କରିଦେଉ । ଆମ ମସ୍‌ଜିଦ୍ ଗୁଡିକ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କ ମଧ୍ୟରେ ଏକତା ଏବଂ ଭାଇଚାରା ସୃଷ୍ଟି କରିବା ପ୍ରସଙ୍ଗରେ ଆମ ସମ୍ମାନକୁ ଆହୁରି ଅଧିକା ସୁଦୃଢ଼ କରିଥାଏ ଏବଂ ସମାଜରୁ ପ୍ରତ୍ୟେକ ପ୍ରକାରର ଘୃଣାଭାବ, ଚରମପନ୍ଥୀ କାର୍ଯ୍ୟକଳାପ ଏବଂ ବିଭେଦକୁ ଶେଷ କରିବା ନିମନ୍ତେ ସାହାଯ୍ୟ କରିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ସହରଟି ନିଜର ଭାଇଚାରା ଯୋଗୁ ବହୁତ ପ୍ରସିଦ୍ଧ ଓ ନିଶ୍ଚିତ ରୂପେ ଆମର ଏହି ନୂତନ ମସ୍‌ଜିଦ୍‌ଟି ସେହି ଉଦ୍ଦେଶ୍ୟ ଓ ଆମର ସେହି ନିଷ୍ଠାକୁ ପରିପ୍ରକାଶ କରୁଛି ଯେ ଆମେ ଏହି ସହରରେ ଏବଂ ଏହାର ଚତୁଃପାର୍ଶ୍ୱରେ ପ୍ରେମ, ଭାଇଚାରା ଏବଂ ଏକତା ପ୍ରଚାର କରିବା ଖାତିର୍ ପୂର୍ବାପେକ୍ଷା ଅଧିକା ଚେଷ୍ଟା କରିବା ।

ଏ ଦାବୀ କରିବା ତ ବହୁତ ସହଜ କିନ୍ତୁ ଆମ ଇତିହାସ ପ୍ରମାଣ ଦେଉଛି ଯେ ଏହି ଦାବୀ ଫମ୍ପା ଦାବୀ ନୁହେଁ ବରଂ ବାସ୍ତବିକତା ଉପରେ ଆଧାରିତ ଦାବୀ । ଆମେ ଆଜିପର୍ଯ୍ୟନ୍ତ ଏହି ଚେଷ୍ଟା କରି ଆସିଛୁ କି ଆମେ ଯେଉଁ ତବ୍‌ଲିଗ୍ କରିଅଛୁ ତାହା ଆମେ କାର୍ଯ୍ୟରେ କରି ଦେଖାଉ । ସୁତରାଂ ମୁଁ ନିଶ୍ଚିତ ରୂପେ ଆଶାବାଦୀରେ ସ୍ଥାନୀୟ ସଦସ୍ୟମାନେ ଏକଥାକୁ ବହୁତ ଶିଘ୍ର ଗ୍ରହଣ କରିନେବେ କି ଏହି ମସ୍‌ଜିଦ୍ ଯାହାକୁ ''ବଇତୁଲ୍ ଆଫିୟତ୍''ର ନାମକରଣ କରାଯାଇଛି, ଯାହାର ଶବ୍ଦାର୍ଥ ହେଉଛି ସୁରକ୍ଷା ଯୋଗାଇ ଦେଉଥିବା ଗୃହ'' । ଏହା ସମଗ୍ର ସମାଜ ପାଇଁ ବାସ୍ତବିକ ଶାନ୍ତିର କାରଣ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏତଦ୍‌ବ୍ୟତୀତ ମୁଁ ଏକଥା ମଧ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ଶାନ୍ତି ପାଇଁ ଏବଂ ମାନବ ସେବା ନିମନ୍ତେ ଆମର ଯେଉଁ ସଂକଳ୍ପ ଅଛି ତାହା ସମ୍ପୂର୍ଣ୍ଣ ରୂପେ ଆମ ଧର୍ମ ଏବଂ ଆମ ଧର୍ମ ଶିକ୍ଷା ଯୋଗୁ ହିଁ ହୋଇପାରିଛି ।

ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଯାହାକୁ ଆମେ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍ ରୂପେ ସ୍ୱୀକାର କରୁଅଛୁ ସେ ଦାବୀ କରିଛନ୍ତି କି ସେ ହେଉଛନ୍ତି ମସିହେ ମୁହମ୍ମଦି ସ:ଆ:ସ ଏବଂ କହିଛନ୍ତି କି ସେ ମୁସା ଆ:ସଙ୍କ ପରେ ଆସିଥିବା ମସିହ୍ ଆ:ସଙ୍କ ଶାନ୍ତିପ୍ରିୟ ମାର୍ଗ ଉପରେ ପରିଚାଳିତ ଅଛନ୍ତି । ଏବଂ ଏକଥା ମଧ୍ୟ ଘୋଷଣା କରିଛନ୍ତି କି ତାଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ ଦୁଇଗୋଟି ମହାନ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରେରଣ କରାଯାଇଛି ।

ପ୍ରଥମଟି ହେଉଛି ଏହା କି ମନୁଷ୍ୟକୁ ନିଜ ସୃଷ୍ଟିକର୍ତାଙ୍କ ଆଡକୁ ନେଇ ନିଆଯାଉ ଏବଂ ମଖ୍‌ଲୁକ୍ (ସୃଷ୍ଟଜ)ଙ୍କୁ ସୃଷ୍ଟିକର୍ତାଙ୍କ ଅଧିକାର ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉ । ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ଏହା କି ମନୁଷ୍ୟ ଜାତିକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଯାଉ କି ସେମାନେ ମାନବିକ ମୂଲ୍ୟବୋଧର ସମ୍ମାନ କରନ୍ତୁ ଏବଂ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରନ୍ତୁ । ସୁତରାଂ ଏହା ସମସ୍ତ ଅହେମଦୀ ମୁସଲ୍‌ମାନ୍‌ଙ୍କ ନିମନ୍ତେ ଧାର୍ଯ୍ୟ, ଯେଉଁମାନେ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍‌ଙ୍କ ବୟତ କରିଛନ୍ତି କି ସେମାନେ ଇଶ୍ୱରଙ୍କ ସାନିଧ୍ୟ ପ୍ରାପ୍ତ କରିବା ଏବଂ ମାନବ ଜାତିର ସେବା କରିବାର କୌଣସି ଅବସରକୁ ହାତଛଡା ନକରୁ । ଏହା ହେଉଛି ସେହି ଶିକ୍ଷା ଯାହାକୁ ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଶିକ୍ଷା ଦେଇଛନ୍ତି ।

ସୁରଃ ନିସାର ଆୟତ ନଂ-୩୭ରେ ଅଲ୍ଲାଃତାଲା କହୁଛନ୍ତି:- ''ଏବଂ ଅଲ୍ଲାଃଙ୍କ ଉପାସନା କର ଏବଂ କୌଣସି ବସ୍ତୁକୁ ତାହାର ସମକକ୍ଷ ନକରା ଏବଂ ମାଆ ବାପାଙ୍କ ସହିତ ଦୟା ଆଚରଣ କର । ସେହିପରି ନିକଟ ସମ୍ପର୍କୀୟ, ଅନାଥ ଏବଂ ଅସହାୟ ଲୋକମାନଙ୍କ ସହିତ ମଧ୍ୟ ଏବଂ ପଡୋଶୀ ବନ୍ଧୁବାନ୍ଧବଙ୍କ ସହିତ ମଧ୍ୟ ଏବଂ ଅଣପଡୋଶୀ ବନ୍ଧୁବାନ୍ଧବଙ୍କ ସହିତ ମଧ୍ୟ (ଦୟା ଆଚରଣ କର) । ଏବଂ ନିଜର ସହବାସୀଙ୍କ ସହିତ ମଧ୍ୟ, ଯାତ୍ରୀମାନଙ୍କ ସହିତ ମଧ୍ୟ ଏବଂ ସେମାନଙ୍କ ସହିତ ମଧ୍ୟ ଯାହାଙ୍କ ଉପରେ ତୁମେ ମାଲିକ ଅଛ (ଦୟା ଆଚରଣ କର) । ନିଶ୍ଚିତ ରୂପେ ଅଲ୍ଲାଃ ସେମାନଙ୍କୁ ପସନ୍ଦ କରିନଥାଏ ଯେଉଁମାନେ ଅହଂକାର (ଏବଂ) ଫୁଟାଣି ଦେଖାଇଥାନ୍ତି'' ।

ପବିତ୍ର କୋରାନ୍‌ର ଏହି ଗୋଟିଏ ଆୟତ ହିଁ ଚାରିତ୍ରିକ ଏବଂ ମାନବିକ ଅଧିକାରର ଚାର୍ଟର୍‌ର ଏକ ମହାନ ଉଦାହରଣ । ଏହା ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଗୋଟିଏ ସ୍ୱର୍ଣ୍ଣିମ ମାର୍ଗ ଏବଂ ଭାଇଚାରା ସ୍ଥାପନ କରିବାର ମାଧ୍ୟମ । ଅଲ୍ଲାଃତାଲା ଏହି ପବିତ୍ର ଆୟତରେ ପ୍ରୋତ୍ସାହିତ କରିଛି କି ନିଜ ମାଆ ବାପା ଏବଂ ବନ୍ଧୁବାନ୍ଧବ ମାନଙ୍କ ସହିତ ଉତମ ଏବଂ ପ୍ରେମପୂର୍ଣ୍ଣ ବ୍ୟବହାର କର । ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛି ଯେ ସମାଜର ଦୁର୍ବଳ ବର୍ଗକୁ ସାଥିରେ ନେଇ ଚାଲ ଏବଂ ତାଙ୍କୁ ସାହାଯ୍ୟ କର ଯେଉଁଭଳି ଅନାଥ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଯେଉଁମାନେ କୌଣସି ପ୍ରକାରର ମଧ୍ୟ ବଂଚିତ ଏବଂ ଅବହେଳିତ ଅଛନ୍ତି । ପୁଣି ଏହାପରେ ପଡୋଶୀମାନଙ୍କ ସହିତ ଉତମ ବ୍ୟବହାର କରିବା ନିମନ୍ତେ ବିଶେଷ ରୂପେ ବର୍ଣ୍ଣନା କରାଯାଇଛି । ମୁସଲ୍‌ମାନ ମାନଙ୍କ ଏ ଶିକ୍ଷା ଦିଆଯାଇଛି ଯେ ସେମାନେ ପଡୋଶୀ ମାନଙ୍କୁ ଭଲ ପାଆନ୍ତୁ ଏବଂ ସେମାନଙ୍କର ସୁରକ୍ଷା କରନ୍ତୁ ଏବଂ ଆବଶ୍ୟକ ପଡିଲେ ସର୍ବଦା ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ରୁହନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ମୁଁ ଏକଥା ମଧ୍ୟ ବତାଇବାକୁ ଚାହୁଁଛି ଯେ ଇସ୍‌ଲାମ୍‌ରେ ପଡୋଶୀର ସଂଜ୍ଞା ହେଉଛି ବହୁତ ବ୍ୟାପକ, ଏଥିରେ କେବଳ ସେହି ଲୋକମାନେ ସାମିଲ୍ ନୁହଁନ୍ତି ଯେଉଁମାନେ ଆପଣଙ୍କ ନିକଟରେ ହିଁ ବସବାସ କରୁଛନ୍ତି ବରଂ ଦୂରଦୂରାନ୍ତରେ ରହୁଥିବା ଲୋକେ ମଧ୍ୟ ସାମିଲ୍ ଅଛନ୍ତି । ନିଜ ସହିତ କାମ କରିଥିବା ଲୋକେ, ଯାତ୍ରା କରୁଥିବା ଲୋକେ, ନିଜ ଅନ୍ତର୍ଗତ ଥିବା ଲୋକେ ଏବଂ ଏହିପରି ଅନ୍ୟାନ୍ୟ ବହୁତ ଲୋକେ ମଧ୍ୟ ପଡୋଶୀର ସଂଜ୍ଞା ମଧ୍ୟରେ ସାମିଲ୍ ଅଛନ୍ତି । ବାସ୍ତବିକ ପବିତ୍ର କୋରାନ୍ ବର୍ଣ୍ଣନା କରିଛି ଯେ ମୁସ୍‌ଲିମ୍ ସହର ବା କସ୍‌ବାରେ ରହୁଥିବା ସମସ୍ତ ଲୋକମାନେ ହିଁ ପଡୋଶୀ ଅଟନ୍ତି ।

ପୈଗମ୍ବରେ ଇସ୍‌ଲାମ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମଧ୍ୟ ଏଥିପ୍ରତି ବାରମ୍ବାର ଧ୍ୟାନ ଆକର୍ଷଣ କରାଇଛନ୍ତି କି ମୁସଲ୍‌ମାନ୍‌ମାନେ ନିରୀହ ପଡୋଶୀମାନଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ଆପଣ ସ:ଆ:ସ ଏତେ ମାତ୍ରାରେ କହିଛନ୍ତି ଯେ ଅର୍ଥାତ୍ ଅଲ୍ଲାଃତାଲା ପଡୋଶୀମାନଙ୍କ ଅଧିକାରକୁ ପ୍ରଦାନ କରିବା ପ୍ରତି ଏତେମାତ୍ରାରେ ଧ୍ୟାନ ଆକର୍ଷଣ କରାଇଛନ୍ତି କି ଏହାଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସ ଏକଥା ଭାବିନେବେ କି ବୋଧହୁଏ ଅଲ୍ଲାଃତାଲା ପଡୋଶୀମାନଙ୍କୁ ଓ୍ୱରାସତ୍ (ଉତରାଧିକାରୀ) ରୂପେ ମଧ୍ୟ ହକ୍‌ଦାର୍ କରିଦେବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ଯଦି ଆମେ ଫିଲା ଡଲ୍‌ଫିୟା ଠାରେ ମସ୍‌ଜିଦ୍ ନିର୍ମାଣ କରିଛୁ ଏବଂ ଏଠି ଅହେମଦୀ ମୁସଲ୍‌ମାନ୍ ମାନଙ୍କର ଗୋଟିଏ ଜମାତ୍ କାଏମ୍ ହୋଇଛି ତେବେ ଏହା ଏ ଉଦ୍ଦେଶ୍ୟରେ କରିଛୁ ଯେ ଆମେ ଏହି ସହର ଗଠନ ଓ ଉନ୍ନତି ନିଜର ଭାଗ ପକାଇବୁ । ଏବଂ ଏହି ସହରର ନିବାସୀ ମାନଙ୍କ ସେବା କରିବୁ । ଏବେ ଯେବେ କି ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ହୋଇସାରିଛି ବର୍ତମାନ ଏଠାରେ ରହିଥିବା ସମସ୍ତ ଅହେମଦୀମାନେ ଅନ୍ୟ ସମସ୍ତ ସହରବାସୀଙ୍କୁ ନିଜର ପଡୋଶୀ ରୂପେ ବିବେଚନା କରିବେ ଏବଂ ଏକଥା ସେମାନେ ବୁଝିନେବେ ଯେ ଏହି ପଡୋଶୀମାନଙ୍କର ବହୁତ ଅଧିକାର ରହିଛି ଓ ପୁଣି ସେହି ଅଧିକାର ଗୁଡିକୁ ପ୍ରଦାନ କରିବା

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan